

## କଲ୍କୀ-୨

ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-162 •MONDAY •8 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୬୨ •ସୋମବାର •୮ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ଆସନ୍ତାକାଲି ବାରବାଟୀ ଟି-୨୦

## ପହଞ୍ଚିଲେ ଖେଳାଳି; ଆଜି ଅଭ୍ୟାସ





■ **କଟକ, ୭।୧୨ (ସମିସ):** ଡିସେମ୍ବର ୯ ରୁ ଆରମ୍ଭ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ଶୃଙ୍ଖଳା। ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ମୁକାବିଲା ଆରମ୍ଭ ହେବ ସିରିଜ। ଏହି ସିରିଜ ଓପନିଂ ମ୍ୟାଚ୍ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ରବିବାର ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାରେ ୩ୟ ଦିନିକିଆ ଖେଳି ସାରିବା ପରେ ରବିବାର ଏକ ସ୍ୱତନ୍ତ୍ର ବିମାନଯୋଗେ ଦୁଇ ଦଳର ଖେଳାଳି ଅପରାହ୍ଣ ୩ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଟିମ୍ ହୋଟେଲକୁ ଅଣାଯାଇଥିଲା। ସେଠାରେ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

### ଭୁବନେଶ୍ୱରରେ ଭାରତ-ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଭବ୍ୟ ସ୍ୱାଗତ

ଦିନିକିଆ ସିରିଜ ଖେଳୁ ନ ଥିବା ଯଶପ୍ରୀତ୍ ବୁମ୍ରା, ସଞ୍ଜୁ ସାମସନ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଭିନ୍ନ ଭିନ୍ନ ସମୟରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରବିବାର ବିଶ୍ରାମ ପରେ ସୋମବାର ଦୁଇ ଦଳର ଖେଳାଳି ବାରବାଟୀରେ ଅଭ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମ ଟି-୨୦ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୋମବାର ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ବାରବାଟୀକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ନରେ ଭାରତ ଏବଂ ସନ୍ଧ୍ୟାରେ ଦକ୍ଷିଣଆଫ୍ରିକା ଦଳ ମ୍ୟାଚ୍ ପୂର୍ବରୁ ଶକ୍ତିପ୍ରଦର୍ଶନ କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତ ▶ପୃଷ୍ଠା-୭

# ନାଇଟ୍ କ୍ଲବରେ ନିଆଁ: ୨୫ ଜୀବନ୍ତ ଦଗ୍ଧ

## ବାଣ ଫୁଟାଇବାରୁ ଅଗ୍ନିକାଣ୍ଡ: ମୁଖ୍ୟମନ୍ତ୍ରୀ



■ ପାନାଜୀ, ୭।୧୨ (ଏଜେନ୍ସି): ଗୋଆର ଏକ ନାଇଟ କ୍ଲବରେ ଗତ ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପର୍ଯ୍ୟଟକ, ୧୪ କର୍ମଚାରୀ ଅଛନ୍ତି। ଅନ୍ୟ ମୃତଦେହର ଚିହ୍ନଟ ହୋଇପାରି ନାହିଁ। ଏହି ଘଟଣାରେ କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ଗୋଆ ପୁଲିସ ଗିରଫ କରିଛି। ମାଲିକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଗିରଫ


### ସଂକୀର୍ଣ୍ଣ ରାସ୍ତା; ବାହାରି ପାରିଲେନି ଲୋକେ

ରାଜଧାନୀ ପାନାଜୀ ଠାରୁ ୨୫ କିଲୋମିଟର ଦୂର ଅରପୋରା ଅଞ୍ଚଳର ବିଚି ସ୍ଥିତ ପ୍ରସିଦ୍ଧ ନାଇଟ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ'ରେ ଶନିବାର ବିଳମ୍ବିତ ରାତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁଯାୟୀ, ନାଇଟ କ୍ଲବ୍‌ରେ 'ମେହବୁବା ମେହବୁବା' ଗୀତର ତାଳେ ତାଳେ ନାଚ ଜମି ଥିବା ବେଳେ ନିଆଁ ▶ପୃଷ୍ଠା-୭

# ଶୀତରେ ଥରୁଛି ଶିମିଳିପାଳ

## ଅଭୟାରଣ୍ୟ ମଧ୍ୟରେ ତୁହିନ ଆସ୍ତରଣ

■ ବାରିପଦା/ରାଇରଙ୍ଗପୁର, ୭।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲାବ୍ୟାପୀ ହାଡ଼ଭଙ୍ଗା ଶୀତ। ଘନ କୁହୁଡି ସାଙ୍ଗକୁ ବରଫର ଧଳା ଚାଦରରେ ଘୋଡ଼େଇ ହୋଇଛି ଶିମିଳିପାଳ ଅଭୟାରଣ୍ୟ। ଶୀତ ପ୍ରକୋପରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟ ଥରୁଛି। ଶନିବାର ରାତିରେ ଅଭୟାରଣ୍ୟରେ ସର୍ବନିମ୍ନ ୩ ଡିଗ୍ରୀ ତାପମାତ୍ରା ଥିବା ରେକର୍ଡ କରାଯାଇଛି। ଅଭୟାରଣ୍ୟର ଆଭ୍ୟନ୍ତରୀଣ ଓ ପାଦଦେଶରେ ଥିବା ରାଇରଙ୍ଗପୁର, ▶ପୃଷ୍ଠା-୭



ପ୍ରକୃତିର ଶୋଭା ଉପଭୋଗ କରୁଛନ୍ତି ପର୍ଯ୍ୟଟକ

# ରାସନ କାର୍ଡ ଅପେକ୍ଷାରେ ୪.୭୨ ଲକ୍ଷ

## ଆବେଦକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୭ ହଜାର

■ ଭୁବନେଶ୍ୱର, ୭ ।୧୨ (ସମିସ): ରାଜ୍ୟରେ ରାସନ୍ କାର୍ଡକୁ ଚାହିଁ ରହିଛନ୍ତି ବର୍ତ୍ତମାନ ୪ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ପରିବାର। ସରକାର କେବେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବେ ଓ ଏମାନେ ରାସନ ସାମଗ୍ରୀ ପାଇବେ ତାହା ଚାହିଁଚାହିଁ ଆଖିରୁ ପାଣି ମଲାଣି।ରାଜ୍ୟ ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନକାର୍ଡ ପ୍ରଦାନ ପାଇଁ ଘୋଷଣା କରୁଥିଲେ ମଧ୍ୟ ୪ ଲକ୍ଷ ୭୨ ହଜାର ୪୭୮ ଟି ଆବେଦନକୁ ଏଯାଏ ବିଚାରକୁ ନିଆଯାଇ ନାହିଁ।

ଗୋଟିଏ ପଟେ କେନ୍ଦ୍ର ସରକାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରାସନ୍ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ରାଜ୍ୟକୁ ସଂଦିଗ୍ଧ ହିତାଧିକାରୀ ତାଲିକା ପଠାଇଛନ୍ତି। ଏହି ତାଲିକାରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ କାର୍ଡ କାଟିବାକୁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାରେ ମଧ୍ୟ ଜୋରଦାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହା ସତ୍ତ୍ୱେ ପୁଣି ଥରେ ରାସନ୍‌କାର୍ଡ ହିତାଧିକାରୀ ଓ ଆବେଦକଙ୍କ ସଂଖ୍ୟାକୁ ନେଇ ସରକାରଙ୍କ ତଥ୍ୟ ଉପରେ ଉଠିଛି ପ୍ରଶ୍ନ। ବର୍ତ୍ତମାନ ରାଜ୍ୟରେ ମୋଟ୍ ▶ପୃଷ୍ଠା-୭

■ ବିଭିନ୍ନ ଆଳ ଦେଖାଇ କଟାଯାଉଛି ହିତାଧିକାରୀଙ୍କ କାର୍ଡ

■ ଯାଞ୍ଚରେ ଏଯାଏ କଟିଲାଣି ୩୩ ହଜାର ୧୨୮ କାର୍ଡ


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KHELO INDIA UNIVERSITY GAMES 2025

CONGRATULATIONS
Making Odisha Proud

KIIT shines at KHELO INDIA UNIVERSITY GAMES (KIUG) 2025

Top Medal Holders in Eastern Region
7th among 222 Universities
3 Meet Records


KIIT MEN'S TENNIS TEAM WINS GOLD


KIIT MEN'S RUGBY TEAM WINS GOLD


KIIT WOMEN'S HOCKEY TEAM WINS GOLD


KIIT WOMEN'S RUGBY TEAM WINS GOLD


KIIT 4X100M RELAY MEN'S TEAM WINS GOLD


MAGANTI KEERTHI WINS GOLD IN WOMEN'S WEIGHTLIFTING (86KG)


SAMARDEEP SINGH GILL WINS GOLD IN MEN'S SHOT PUT


KIIT WOMEN'S VOLLEYBALL TEAM WINS SILVER


KIIT WOMEN'S SWIMMING TEAM WINS 10 MEDALS & 1ST RUNNERS UP


ISHA NEHI WINS GOLD IN WOMEN'S HEPTATHLON


KHOIROM REJIYA DEVI WINS GOLD IN WOMEN'S CYCLING INDIVIDUAL PURSUIT


RITHVIKA MITTAPALLI WINS GOLD IN WOMEN'S 50M BREASTSTROKE

21 MEDALS | 10 GOLD MEDALS | 3 SILVER MEDALS | 8 BRONZE MEDALS

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ୟୁକ୍ରେନ ଉପରେ ରୁଷ୍‌ର ୭୦୦ ଏୟାର୍ ଷ୍ଟ୍ରାଇକ୍

କିଭ୍/ମସ୍କୋ,୭ ।୧୨(ଏଜେନ୍ସି):‘ଆର୍ମଡ ଫୋର୍ସ ଡେ’ ପୂର୍ବରୁ ୟୁକ୍ରେନରେ ରୁଷ୍ ବଡ଼ ଧରଣର ଆକ୍ରମଣ କରିଛି । ଶନିବାର ୟୁକ୍ରେନ ଉପରେ ରୁଷ ୭୦୦ ବିମାନ ଆକ୍ରମଣ କରିଛି । ରୁଷିଆ

**ଭୁଲ୍‌ରେ ନିଜ ସହର ଉପରେ ୧୦୦୦ କେଜିର ବୋମା ପକାଇଲା**

୨୯ଟି ସ୍ଥାନକୁ ଲକ୍ଷ୍ୟ କରି ୬୫୩ ଡ୍ରୋନ୍ ଓ ୫୧ଟି କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ ବାୟୁସେନା କହିଛି । ଏଗୁଡିକ ମଧ୍ୟରୁ ୫୮୫ ଡ୍ରୋନ ଓ ୩୦ଟି କ୍ଷେପଣାସ୍ତ୍ରକୁ ମାରି ଖସାଯାଇଛି । ଏଥିରେ ୮ ଜଣ ଲୋକ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ଏକାଧିକ ବିଦ୍ୟୁତ୍ କେନ୍ଦ୍ର ଓ ରେଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତ ଭିତ୍ତିଭୂମିରେ ଜାପୋରିଝିଆ ପରମାଣୁ କେନ୍ଦ୍ର ସାମିଲ ଅଛି । ଆକ୍ରମଣ ପରେ କିଛି ସମୟ ପାଇଁ ବିଦ୍ୟୁତ୍ ଚାଲିଯାଇଥିଲା । କିନ୍ତୁ ରିଆକ୍ଟରଗୁଡିକ ବନ୍ଦ ହେବା କାରଣରୁ କୌଣସି ବଡ଼ ବିପଦ ସୃଷ୍ଟି ହୋଇ ନ ଥିଲା । ୟୁକ୍ରେନ ମଧ୍ୟ ଆକ୍ରମଣ କରିଛି ବୋଲି ରୁଷିଆ ପାଲଟା ଅଭିଯୋଗ କରିଛି । ଗଣମାଧ୍ୟମଗୁଡିକର ସୂଚନା ଅନୁଯାୟୀ, ୟୁକ୍ରେନ ଉପରେ ଆକ୍ରମଣ କରିବା ବେଳେ ରୁଷିଆ ଏକ ବଡ଼ ତ୍ରୁଟି କରିଥିଲା । ୟୁକ୍ରେନ ସୀମାଠାରୁ ୪୦ କିମି ଦୂରରେ ଥିବା ନିଜ ସହର ବେଲଗୋରୋଡ୍ ଉପରେ ରୁଷ୍ ଭୁଲ୍‌ରେ ଏଫ୍ଏବି-୧୦୦୦ ନାମକ ଏକ ଉଚ୍ଚ ବିସ୍ଫୋରକ କ୍ଷମତା ସମ୍ପର୍ଣ୍ଣ ବୋମା ପକାଇଥିଲା । ଏହି ବୋମାର ମୋଟ ଓଜନ ୧୦୦୦ କେଜି ଥିଲା । ବୋମା ସମ୍ପୂର୍ଣ୍ଣ ଭାବେ ଫୁଟି ନ ଥିଲେ ମଧ୍ୟ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା । କିନ୍ତୁ ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ । ସେପଟେ ଏହି ଆକ୍ରମଣ ପରେ ଯୁଦ୍ଧ ରୋକିବା ପାଇଁ ୟୁକ୍ରେନ ଓ ଆମେରିକା ମଧ୍ୟ ହୋଇଥିବା କଥାବାର୍ତ୍ତା ବିନା ଫଳାଫଳରେ ଶେଷ ହୋଇଯାଇଛି । ୟୁକ୍ରେନ ରୁଷ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି ବୋଲି ରୁଷ ଅଭିଯୋଗ କରିଛି ।

# ସ୍ୱାଭାବିକ ହେଉଛି ଇଣ୍ଡିଗୋ ସେବା

## ୧୩୮ ରୁ ୧୩୭ ମାର୍ଗରେ ଉଡ଼ିଲା ୧୬୫୦ ବିମାନ

ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି):

ନିୟମ କୋହଳ ସତ୍ତ୍ୱେ ଭାରତର ବୃହତ ଏୟାର ଲାଇନ୍ ଇଣ୍ଡିଗୋର ସମସ୍ୟା ସମାଧାନ ହେବାର ନା ଧରୁନି । ରବିବାର ମଧ୍ୟ ଅଚଳାବସ୍ଥା ଜାରି ରହିଛି । ଷଷ୍ଠ ଦିନରେ ୬୫୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି । ଦିଲ୍ଲୀ, ଚେନ୍ନାଇ, ଜୟପୁର, ହାଇଦରାବାଦ, ଭୋପାଳ, ମୁମ୍ବଇ, ତ୍ରିଚି, କୋଲକାତା ଆଦି ବିମାନବନ୍ଦରରେ ଉଡ଼ାଣ ପ୍ରଭାବିତ ହୋଇଛି । ଅନେକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି । ଇଣ୍ଡିଗୋର ଏହି ପରିଚାଳନା ଜନିତ ସମସ୍ୟା ପାଇଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଏହା ପୂର୍ବରୁ ଶନିବାର ଇଣ୍ଡିଗୋର ୮୦୦ ବିମାନ, ଶୁକ୍ରବାର ୧୬୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା ।

ଇଣ୍ଡିଗୋ ସଙ୍କଟ ମଧ୍ୟରେ ରବିବାର ସନ୍ଧ୍ୟା ସୁଦ୍ଧା ଏୟାରଲାଇନ ଯାତ୍ରୀଙ୍କୁ ୬୧୦ କୋଟି ଟଙ୍କା ଫେରାଇଛି । ଏହା ସହିତ ସାରା ଦେଶରେ ଯାତ୍ରୀଙ୍କ ୩ ହଜାରରୁ ଅଧିକ ବ୍ୟାଗେଜ ଫେରାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅର୍ଥ ଫେରସ୍ତ କିମ୍ବା ପୁନଃ-ବୁକିଂରେ କୌଣସି ଅତିରିକ୍ତ ଦେୟ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରୀଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ଡେସ୍କ ପ୍ରତିଷ୍ଠା



**୬୧୦ କୋଟି ଟଙ୍କା ଫେରାଇଲାଣି କମ୍ପାନୀ**
**୩ ହଜାର ବ୍ୟାଗେଜ ବି ଫେରାଗଲାଣି**
**ତଥାପି ୬୫୦ରୁ ଅଧିକ ବିମାନ ବାତିଲ**
**୯୫% ସ୍ୱାଭାବିକ ହେଲାଣି: ଇଣ୍ଡିଗୋ**

କରାଯାଇଛି । ଅନ୍ୟପଟେ ଇଣ୍ଡିଗୋର ପରିଚାଳନାରେ ସାମାନ୍ୟ ବୃଦ୍ଧି ଦେଖା ଦେଇଛି । ସମ୍ପୂର୍ଣ୍ଣ କ୍ଷମତାର ସହ ଘରୋଇ ଉଡ଼ାଣ ଚାଲିଥିବା କୁହାଯାଉଛି । ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଆଜି ୧୩୮ ରୁ ୧୩୭ ମାର୍ଗରେ ୧୬୫୦ ବିମାନ ପରିଚାଳନା କରାଯାଉଛି । ଅନ୍ ଟାଇମ ପରଫରମାନ୍ସ (ଓଟିପି) ୭୫ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି । ଶନିବାର ଏହା ୧୫୦୦ ଥିଲା । ସାଧାରଣତଃ ଏୟାରଲାଇନ ଦିନକୁ ୨୩୦୦ ଉଡ଼ାଣ ପରିଚାଳନା କରିଥାଏ । ଏହି ସେବା ଧିରେ ଧିରେ ସ୍ୱାଭାବିକ ହେଉଛି । ଆଗାମୀ ତିନି ଦିନ ମଧ୍ୟରେ ସ୍ଥିତିରେ ସ୍ଥିରତା ଆସିବ ବୋଲି ସେ କହିଛନ୍ତି ।

ଇଣ୍ଡିଗୋର ଏହି ମହା ବିଭ୍ରାଟ ପାଇଁ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି । ଏହି ମାମଲାରେ ସଂସଦୀୟ କମିଟି ଏୟାରଲାଇନ୍ସର ପ୍ରମୁଖ ଅଧିକାରୀ ଏବଂ ସିଭିଲ ଆଭିଏସନ ରେଗୁଲେଟରଙ୍କୁ ଜବାବ ମାଗିପାରେ । ଜେଡିୟୁ ନେତା ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି ସମ୍ବନ୍ଧିତ ଏହି ସ୍ଥାୟୀ କମିଟି ଡିଜିସିଏ, ଇଣ୍ଡିଗୋ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଅଧିକାରୀଙ୍କୁ ବିମାନ ସେବା ଅଟକିବାର କାରଣ ଏବଂ ସମ୍ଭାବ୍ୟ ସମାଧାନ ବିଷୟରେ ଜବାବ ମାଗିପାରେ । ଏହା ମଧ୍ୟରେ ନୂଆ ନିୟମ କାର୍ଯ୍ୟକାରୀ କରିବାକୁ ଇଣ୍ଡିଗୋ ଗମ୍ଭୀରତାର ସହ ନ ନେବାରୁ ଏହି ସ୍ଥିତି ସୃଷ୍ଟି ହେଲା ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି । ଏହାର ମୁକାବିଲା ପାଇଁ ମନ୍ତ୍ରାଳୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଥିଲା ।

# ଚଳଚ୍ଚିତ୍ର ନିର୍ମାଣ ନାମରେ ୩୦ କୋଟି ଠକେଇ

ମୁମ୍ବଇ, ୭।୧୨ (ଏଜେନ୍ସି):

ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କୁ ମୁମ୍ବଇ ଏବଂ ରାଜସ୍ଥାନ ପୁଲିସ ରବିବାର ଗିରଫ କରିଛି । ଆତ୍ମକାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ କହି ଜଣେ ବ୍ୟବସାୟୀଙ୍କୁ ୩୦ କୋଟି ଟଙ୍କା ଠକିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମୁମ୍ବଇର ୟାରି ରୋଡ ଅଞ୍ଚଳ ସ୍ଥିତ ଗଙ୍ଗା ଭବନ ଆପାର୍ଟମେଣ୍ଟରେ ଥିବା ଶାଳୀଙ୍କ ଘରୁ ବିକ୍ରମଙ୍କୁ ଧରାଯାଇଛି । ଏବେ ରାଜସ୍ଥାନ ପୁଲିସ ତାଙ୍କୁ ନିଜ ସହ ଉଦୟପୁର ନେବା ପାଇଁ ବାନ୍ଦ୍ରା କୋର୍ଟରେ ଟ୍ରାଞ୍ଜିଟ ରିମାଣ୍ଡ ନିମନ୍ତେ ଆବେଦନ କରିବ । ବିକ୍ରମଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କ ସହିତ ଅନ୍ୟମାନଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ସୂଚନା ଅନୁଯାୟୀ, ରାଜସ୍ଥାନର ‘ଇନ୍ଦିରା ଗ୍ରୁପ ଅଫ କମ୍ପାନୀଜ୍’ର ମାଲିକ ଡ. ଅଜୟ ମୁର୍ଡିଆ ନଭେମ୍ବର ୧୭ ତାରିଖରେ ବିକ୍ରମ ଭଟ୍ଟଙ୍କ ସମେତ ୮ ଜଣଙ୍କ ବିରୋଧରେ ୩୦ କୋଟି ଟଙ୍କାର ଠକେଇ ନେଇ ଏତଲା ରୁଜୁ କରାଇ ଥିଲେ । ବ୍ୟବସାୟୀ ଅଭିଯୋଗ କରିଥିଲେ ଯେ ଏକ କାର୍ଯ୍ୟକ୍ରମରେ ସେ ଦିନେଶ କଟାରିଆଙ୍କୁ ଭେଟିଥିଲେ । ଦିନେଶ ତାଙ୍କୁ ପତ୍ନୀଙ୍କ ଆତ୍ମଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ ।




**ଶାଳୀଙ୍କ ଘରୁ ନିର୍ମାତା ବିକ୍ରମ ଭଟ୍ଟ ଗିରଫ**

ଚଳଚ୍ଚିତ୍ର ନେଇ କଥା ହେବାକୁ ୨୦୨୪ ଏପ୍ରିଲ ୨୪ରେ ମୁମ୍ବଇ ସ୍ଥିତ ବୃନ୍ଦାବନ ଷ୍ଟୁଡିଓକୁ ଆସିବା ପାଇଁ ଦିନେଶ ଡାକି ଥିଲେ । ଏଠାରେ ବିକ୍ରମଙ୍କ ସହ ଅଜୟଙ୍କୁ ଭେଟ କରାଯାଇଥିଲା । ଚଳଚ୍ଚିତ୍ର ନିର୍ମାଣର ସମସ୍ତ ଦାୟିତ୍ୱ ବିକ୍ରମଙ୍କୁ ଦିଆଯାଇଥିଲା । ଅଜୟଙ୍କୁ କେବଳ ସଠିକ ସମୟରେ ଟଙ୍କା ପଠାଇବାକୁ କୁହାଯାଇଥିଲା । ବିକ୍ରମ କହିଥିଲେ ଯେ ତାଙ୍କ ପତ୍ନୀ ଶ୍ୱେତାମ୍ବରୀ ଏବଂ ଝିଅ କୃଷ୍ଣା ମଧ୍ୟ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ଅଛନ୍ତି । ପରେ ଦୁଇଟି ଫିଲ୍ମ ନିର୍ମାଣ ପାଇଁ ଶ୍ୱେତାମ୍ବରୀଙ୍କ କମ୍ପାନୀ ଭିଏସବି ଏଲଏଲପିକୁ ସହଯୋଗୀ କରାଯାଇଥିଲା । ଏହି କମ୍ପାନୀଙ୍କୁ ଅଜୟ ଟଙ୍କା ଦେଇଥିଲେ । ମାତ୍ର ପରେ ଜଣା ପଡ଼ିଥିଲା ଯେ ଇନ୍ଦିରା ଏଣ୍ଟରଟେନମେଣ୍ଟ ଖାତାକୁ ଯେଉଁ ଟଙ୍କା ଦିଆଯାଇଥିଲା ତାହା ଜାଲ୍ ଥିଲା । ଯାହାର ନାମରେ ପେମେଣ୍ଟ ହୋଇଥିଲା ସେ ଅଟୋ ଚାଳକ ବୋଲି ଜଣା ପଡ଼ିଥିଲା । ପେମେଣ୍ଟ ପରେ ଏହାର ସିଂହଭାଗକୁ ବିକ୍ରମଙ୍କ ପତ୍ନୀଙ୍କ ଖାତାକୁ ଟ୍ରାନ୍ସଫର କରାଯାଇଥିଲା । ଠକେଇର ଶିକାର ହୋଇଥିବା ଜାଣିବା ପରେ ବ୍ୟବସାୟୀ ଏତଲା ରୁଜୁ କରିଥିଲେ । ଗତ ସପ୍ତାହରେ ଏ ନେଇ ବିକ୍ରମ, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା । ଏମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା ।

# ସଂକ୍ଷିପ୍ତ

## ଟ୍ରୁଡୋଙ୍କ ସହ ପ୍ରେମକୁ ସାର୍ବଜନୀନ କଲେ ପେରୀ

ନ୍ୟୁୟର୍କ,୭ ।୧୨(ଏଜେନ୍ସି): ଜଣାଶୁଣା ଆମେରିକୀୟ ଗାୟିକା କେଟି ପେରୀ ଓ କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଚାଲିଛି । କିନ୍ତୁ ଏବେ ପେରୀ ଏହି ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିଛନ୍ତି । ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରି ଏହି ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଏହି ଫଟୋରେ ଟ୍ରୁଡୋଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି । ପେରୀଙ୍କୁ



୪୧ ବର୍ଷ ହୋଇଥିବା ବେଳେ ଟ୍ରୁଡୋ ୫୩ ବର୍ଷରେ ପଦାର୍ପଣ କରିଛନ୍ତି । ଜାପାନ ଯାତ୍ରା କରିବା ବେଳର ଏହି ଫଟୋକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି । ପେରୀ କ୍ୟାପସନରେ ‘ଟୋକିଓ ଟାଇମ୍ସ ଅନ୍ ଟୁର ଆଣ୍ଡ ମୋର’ ବୋଲି ଉଲ୍ଲେଖ କରିଛନ୍ତି । ଟ୍ରୁଡୋ ମଧ୍ୟ ଏହି ଫଟୋକୁ ସେୟାର କରିଛନ୍ତି । ପ୍ୟାରିସ୍‌ରେ ଅକ୍ଟୋବର ୨୫ରେ ପେରୀଙ୍କ ୪୧ତମ ଜନ୍ମଦିବସରେ ଉଭୟେ ଏକାଠି ହୋଇଥିଲେ । ସେବେଠାରୁ ଦୁହିଁଙ୍କ ସମ୍ପର୍କ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ତେବେ ଦୁହିଁଙ୍କୁ ଗତ ଜୁଲାଇରେ ପ୍ରଥମଥର ପାଇଁ କାନାଡ଼ାରେ ନିଜର କୁକୁରଙ୍କ ସହ ଦେଖିବାକୁ ମିଳିଥିଲା । ଉଲ୍ଲେଖଥାଉ କି, ଟ୍ରୁଡୋ କାନାଡ଼ାର ୨୩ତମ ପ୍ରଧାନମନ୍ତ୍ରୀ ଭାବେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟରେ ସ ଅନେକ ବିବାଦୀୟ ନିଷ୍ପତ୍ତି ନେଇଥିଲେ ।

## ଜଳିଗଲା ଘର; ଆମେରିକାରେ ଭାରତୀୟ ଛାତ୍ରୀ ମୃତ

ହାଇଦରାବାଦ୍,୭ ।୧୨(ଏଜେନ୍ସି): ଆମେରିକାରେ ଜଣେ ୨୪ ବର୍ଷୀୟା ଭାରତୀୟ ଛାତ୍ରୀ ସହଜ ରେଡ୍ଡୀ ଉଦୁମାଲା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି । ସହଜଙ୍କ ଘର ତେଲଙ୍ଗାନାର ଜାନଗାଓଁ ଜିଲ୍ଲାରେ । ସେ ନ୍ୟୁୟର୍କର ଅଲବାନୀରେ ରହୁଥିଲେ । ରହୁଥିବା ଘରେ ନିଆଁ ଲାଗିବା କାରଣରୁ ସେ ମୃତ୍ୟୁବରଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ତାଙ୍କ ପଡୋଶୀ ଘରେ ନିଆଁ ଲାଗିଥିଲା ।



ଏହା ଦ୍ରୁତଗତିରେ ବ୍ୟାପିବା କାରଣରୁ ସହଜଙ୍କ ଘର ମଧ୍ୟ ଜଳିଯାଇଥିଲା । ଶୋଇଥିବାର ସେ ନିଜକୁ ବଞ୍ଚାଇପାରି ନ ଥିଲେ । ୨୦୨୧ରେ ଉଚ୍ଚଶିକ୍ଷା ପାଇଁ ସେ ଆମେରିକା ଯାଇଥିଲେ । ଏ ନେଇ କନସୁଲେଟ୍ ଜେନେରାଲ ଅଫ୍ ଇଣ୍ଡିଆ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ପୋଷ୍ଟ କରି ସୂଚନା ଦେବା ସହ ଶୋକ ପ୍ରକାଶ କରିଛନ୍ତି । ସହଜଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ କନସୁଲେଟ୍ ତରଫରୁ କୁହାଯାଇଛି । ସେପେଟ ସହଜଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ସହଜଙ୍କ ପିତା ଉଦୁମୁଲା ଜୟକର ରେଡ୍ଡୀ ହାଇଦରାବାଦ୍‌ରେ ଟିସିଏସ୍ କମ୍ପାନୀରେ ଚାକିରି କରିଛନ୍ତି । ତାଙ୍କ ମା ଗୋପୁମାରିଆ ଶୈଳଜା ପ୍ରାଥମିକ ବିଦ୍ୟାଳୟରେ ଶକ୍ଷୟିତ୍ରୀ ଅଛନ୍ତି ।

## ସଲ୍‌ମାନଙ୍କ ସହ କାମ ନ କରିବାକୁ ପବନ ସିଂଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଆଉ ଜଣେ ଚଳଚ୍ଚିତ୍ର ଅଭିନେତା ତଥା ଗାୟକଙ୍କୁ ଧମକ ଦେଇଛି । ସେ ହେଉଛନ୍ତି ଭୋଜପୁରୀ ତାରକା ପବନ ସିଂ । ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କ ସହ କାମ ନ କରିବାକୁ, ଖାସ୍ କରି ଗୋଟିଏ ମଞ୍ଚରେ ଠିଆ ନ ହେବାକୁ ଲରେନ୍ସ ଗ୍ୟାଙ୍ଗର ଜଣେ ସଦସ୍ୟ ପବନଙ୍କୁ ଫୋନ୍ କରି ଚେତାବନୀ ଦେଇଛି । କେବଳ ସେତିକି ନୁହେଁ, ଗ୍ୟାଙ୍ଗର ସଦସ୍ୟମାନେ ପବନଙ୍କଠାରୁ ବହୁ ପରିମାଣର ଅର୍ଥ ଦାବି କରିଛନ୍ତି । ଯଦି ଦାବି ପୁରଣ ନ



ହୁଏ, ତେବେ ପରିଣତି ଭୟଙ୍କର ହେବ ବୋଲି ଧମକ ଦେଇ କୁହାଯାଇଛି । ଶନିବାର ଅଜଣା ନମ୍ବରରୁ ପବନ ଏକାଧିକ ବାର ଫୋନ୍ କଲ୍ ପାଇଥିଲେ । ଏହା ପରେ ସର୍ବସାଧାରଣରେ ପବନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ବିଗବସ୍-୧୯ରେ ଫାଇନାଲରେ ପବନ ଯୋଗଦେବାର କାର୍ଯ୍ୟକ୍ରମ ଥିଲା ଓ ଏହାର ପ୍ରସାରଣ ରାତିରେ ହେବାର ଥିଲା । ଏହାପୂର୍ବରୁ ହିଁ ପବନଙ୍କୁ ଏହି ଧମକ ଦିଆଯାଇଛି । ତେବେ ଏହି ଧମକକୁ ଖାତିର ନ କରି ପବନ ବିଗ୍‌ବସ୍‌ର ଗ୍ରାଣ୍ଡ ଫିନାଲେରେ ସଲ୍‌ମାନଙ୍କ ସହ ମଞ୍ଚ ସେୟାର କରିଥିବା ସୂଚନା ମିଳିଛି ।

### ବିଦେଶୀ କହି ତଡ଼ିଥିଲେ

## ପୁଣି ଅନ୍ତଃସତ୍ତ୍ୱା ସୋନାଲୀଙ୍କୁ ଫେରାଇ ଆଣିଲେ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାର ଦୁଇଦିନ ପରେ ଗର୍ଭବତୀ ସୋନାଲୀ ଖାତୁନ ଭାରତ ଫେରିଛନ୍ତି । ବାଂଲାଦେଶୀ ବୋଲି ସନ୍ଦେହ କରି ସୋନାଲୀଙ୍କୁ ବାଂଲାଦେଶ ପଠାଇ ଦିଆଯାଇଥିଲା । ସୋନାଲୀ ୯ ମାସର ଗର୍ଭବତୀ ଅଛନ୍ତି । କିନ୍ତୁ ମାନବିକତାକୁ ଦୃଷ୍ଟିରେ ରଖି ସୋନାଲୀ ଓ ତାଙ୍କର ୮ ବର୍ଷର ପୁଅକୁ ଫେରାଇ ଆଣିବାକୁ



ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ବାଂଲାଦେଶରେ ପହଞ୍ଚିବା ପରେ ସୋନାଲୀ ଓ ତାଙ୍କ ସନ୍ତାନ ଭୋକ ଉପାସରେ ଦ୍ୱାରା ଦ୍ୱାର ବୁଲିଥିଲେ । ଆଇନ୍ ବେଳେବେଳେ ମାନବିକତା ଆଗରେ ନଇଁବା ଉଚିତ ବୋଲି କୋର୍ଟ କହିଥିଲେ । ଯଦି ସୋନାଲିଙ୍କ ପିତା ଭାରତୀୟ, ତେବେ ସେ ଓ ତାଙ୍କ ପିଲାଙ୍କୁ ମଧ୍ୟ ଭାରତୀୟ ବୋଲି ବିବେଚନା କରାଯିବ ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ । ଏ ନେଇ ହୋଇଥିବା ଶୁଣାଣିରେ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ତରଫରୁ ପକ୍ଷ ରଖିଥିଲେ ।

# ଦିଲ୍ଲୀରେ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର, ୭।୧୨ (ସମିସ): ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିର ପରିସରରେ ସହିଦ ଜୟୀ ରାଜଗୁରୁ ଫାଉଣ୍ଡେସନ ପକ୍ଷରୁ ଏହି ମହାନ ବିପ୍ଳବୀଙ୍କ ବଳିଦାନ ଦିବସ ଆୟୋଜିତ



**ସହିଦ ଜୟୀରାଜଗୁରୁ ହିଁ ଓଡ଼ିଆ ଅସ୍ମିତାର ପ୍ରତୀକ**

ହୋଇଯାଇଛି । ମାତୃଭୂମିର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ପ୍ରାଣବଳୀ ଦେଇଥିବା ସହିଦ ଜୟୀରାଜଗୁରୁ ତଥା ଜୟକୃଷ୍ଣ ମହାପାତ୍ର ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସୂତ୍ରଧର । ସେ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଯେ ଐତିହାସିକମାନେ ଓଡ଼ିଶା ଇତିହାସକୁ ଠିକ୍ ଭାବରେ ଲେଖି ନାହାନ୍ତି । ଜୟୀ ରାଜଗୁରୁଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥାର ସତ୍ୟତା ଲିପିବଦ୍ଧ କରିନଥିବାରୁ ଓଡ଼ିଶା ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ଅନାଲୋଚିତ ବିଷୟରେ ଅନେକ ଅନଭିଜ୍ଞ । ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଦେବ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଟ୍ରଷ୍ଟି ଅଶୋକ ସିଂହ, କବି କୁଳମଣି ବିଶ୍ୱାଳ, ବ୍ୟାଙ୍କର ଦିଲ୍ଲୀପ ପଟ୍ଟନାୟକ ମଞ୍ଚ ମଣ୍ଡନ କରିଥିବାବେଳେ ଅନୁଷ୍ଠାନର ଟ୍ରଷ୍ଟି ତଥା ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ, ଲେଖକ ବିରଜା ମହାପାତ୍ର, ଅଭୟ ସିହ୍ନା, ଭାଗିରଥୀ ଧଳ, ପ୍ରକାଶ ଷଡ଼ଙ୍ଗୀ ଆଦି ସହିଦଙ୍କ ସ୍ମୃତି ଚାରଣ କରିଥିଲେ । ସାମ୍ବାଦିକ ସଂଜୀବ ଆଚାର୍ଯ୍ୟ, ବିନାୟକ ଦାସ, ରବି ପାଣି, ଗୋକୁଳ ପଟ୍ଟନାୟକ, ଅରୁଣ କୁମାର, ନିର୍ମଳ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ ।

## ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଜିଲ୍ଲାପାଳଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ଭୁଜ୍‌ର ଜିଲ୍ଲାପାଳ ପ୍ରଦୀପ ନିରଙ୍କରନାଥ ଶର୍ମାଙ୍କୁ ମନି ଲଣ୍ଡରିଂ ମାମଲାରେ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ଏଥିସହ ତାଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି । ଜରିମାନା ଦେବାକୁ ବିଫଳ ହେଲେ ତାଙ୍କୁ ଆହୁରି ୩ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି । ଅହମଦାବାଦ୍‌ର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କ ବିରୋଧରେ ଏହି ରାୟ ପ୍ରଦାନ କରିଛନ୍ତି । ୨୦୧୦ରୁ ୨୦୧୪ ମଧ୍ୟରେ ରୁଜୁ ହୋଇଥିବା ଏକାଧିକ ପୁଲିସ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ ଆରମ୍ଭ କରିଥିଲା । ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି, ଆପରାଧିକ ଷଡ଼ଯନ୍ତ୍ର ଓ ଜମି ଆବଣ୍ଟନରେ ଅନିୟମିତତା ଅଭିଯୋଗ ଆସିଥିଲା । କଚ୍ଛର ଜିଲ୍ଲାପାଳ ଥିବା ବେଳେ ସେ ସାଗମାଛ ମୂଲରେ ସରକାରୀ ଜମି ଆବଣ୍ଟନ କରିଥିଲେ । ଏହା ଦ୍ୱାରା ଗୁଜରାଟ ସରକାରଙ୍କର ୧.୨୦ କୋଟି ଟଙ୍କା କ୍ଷତି ହୋଇଥିଲା ବୋଲି କୁହାଯାଇଥିଲା । ଏହା ଦ୍ୱାରା ସେ ବ୍ୟକ୍ତିଗତ ଭାବେ ଲାଭବାନ ହେବାର ଅଭିଯୋଗ ହୋଇଥିଲା ।

# ଇଣ୍ଡୋନେସିଆ ବନ୍ୟା; ମୃତ୍ୟୁ ସଂଖ୍ୟା ୯୦୦ ଟପିଲା

ଜାକାର୍ତ୍ତା,୭ ।୧୨(ଏଜେନ୍ସି): ଇଣ୍ଡୋନେସିଆରେ ବାତ୍ୟା ଓ ପରେ ବନ୍ୟା ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିଛି । ବନ୍ୟା କାରଣରୁ ଏହି ଦେଶରେ ମୃତ୍ୟୁ ସଂଖ୍ୟା ୯୦୦ ପାର କରିଛି । ମାଲାକା ଷ୍ଟ୍ରେଟ୍ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ରେ ଶହଶହ ଲୋକ ନିଖୋଜ ହୋଇଛନ୍ତି । ଏହି ବାତ୍ୟା କାରଣରୁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଘର ନଷ୍ଟ ହୋଇଛି । ବିଚ୍ଛିନ୍ନାଞ୍ଚଳରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳ ସଂଘର୍ଷ କରୁଛନ୍ତି । ଇଣ୍ଡୋନେସିଆରେ ସୃଷ୍ଟି ହୋଇଥିବା ଏହି ବିପର୍ଯ୍ୟୟ ସାମ୍ପ୍ରତିକ ପାଣିପାଗ ବିପର୍ଯ୍ୟୟ ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ । ପୂର୍ବରୁ ଶ୍ରୀଲଙ୍କା, ଥାଇଲାଣ୍ଡ, ମିଆଁମାର ଓ ଭିଏତନାମରେ ସୃଷ୍ଟି ହୋଇଥିବା ବିପର୍ଯ୍ୟୟରେ ୨,୦୦୦ରୁ ଊର୍ଦ୍ଧ୍ୱ ଲେକ ମୃତ୍ୟୁବରଣ କରିଥିଲେ । କେତେକ ସ୍ଥାନରେ ୯୦ ପ୍ରତିଶତ ଲୋକ ଗୃହହୀନ ହୋଇଛନ୍ତି । ସିବୋଲଗା ସହର ଓ କେନ୍ଦ୍ରୀୟ ତାପାନୁଲି ସମେତ ଅନେକ ଅଞ୍ଚଳ ଏବେ ମଧ୍ୟ ବିଚ୍ଛିନ୍ନ ହୋଇ ରହିଛି । ସେହିପରି ଶ୍ରୀଲଙ୍କାରେ ଦିତୱା ଜନିତ ମୃତ୍ୟୁସଂଖ୍ୟା ୭୦୦ ଟପିଛି ।

# ଜାତୀୟ ରଣନୀତି ବଦଳାଇଲେ ଟ୍ରମ୍ପ | ରୁଷକୁ ‘ବିପଦ’ କହିବନି ଆମେରିକା

ୱାସିଂଟନ, ୭।୧୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ବଡ଼ ପରିବର୍ତ୍ତନ କରିଛନ୍ତି । ସେ ରୁଷ୍ ସହ ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରିଛନ୍ତି । ଏବେ ଆମେରିକ ଆଉ ରୁଷକୁ ‘ବିପଦ’ ମାନିବ ନାହିଁ । ଟ୍ରମ୍ପଙ୍କ ଆମେରିକା ପ୍ରଥମ ନୀତି ଉପରେ ଏହି ରଣନୀତି ପର୍ଯ୍ୟବେସିତ । ୱାସିଂଟନର ଏଭଳି ପଦକ୍ଷେପକୁ ରୁଷ୍ ପ୍ରଶଂସା କରିଛି । ରୁଷ୍ ପ୍ରବକ୍ତା ଦିମିତ୍ରି ପେସକୋଭ କହିଛନ୍ତି ଯେ ଆମେରିକା ଗତ ଶୁକ୍ରବାର ୨୯ ପୃଷ୍ଠାର ରଣନୀତି ଜାରି କରିଥିଲା । ଏବେ ଏହି ଦେଶ ରୁଷ୍ ପାଇଁ ‘ପ୍ରତ୍ୟକ୍ଷ ବିପଦ’ ଏବଂ ଶତ୍ରୁ ଭଳି ଭାଷା ବ୍ୟବହାର କରିବ ନାହିଁ । ୨୦୧୪ରେ କ୍ରିମିଆ ଦଖଲ ଏବଂ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ ପରଠାରୁ ଆମେରିକା ନିଜ ରଣନୀତି ପରିବର୍ତ୍ତନ କରିଥିଲା । ଆମେରିକା ପ୍ରତି ରୁଷ୍ ସବୁଠାରୁ ବଡ଼ ବିପଦ ବୋଲି କୁହାଯାଉଥିଲା । ନୂଆ ରଣନୀତିରେ ନରମ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଆଉ କିଛି ପ୍ରସଙ୍ଗରେ ସହଯୋଗ ବଢ଼ାଇବାକୁ କୁହାଯାଇଛି ।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ୟୁରୋପ ନୀତିର ପ୍ରତିଫଳନ ଏନ୍‌ଏସ୍‌ଏସରେ ଦେଖିବାକୁ ମିଳିଛି । ଏଥିରେ ୟୁରୋପକୁ ସମାଲୋଚନା ସହିତ ଚେତାବନୀ ଦିଆଯାଇଛି । ୨୦ ବର୍ଷ ମଧ୍ୟରେ ଏହି ମହାଦେଶର ଅସ୍ତିତ୍ୱ ଲୋପ ପାଇଯିବ ବୋଲି କୁହାଯାଇଛି । ଅନେକ ୟୁରୋପୀୟ ରାଷ୍ଟ୍ର ଅତ୍ୟନ୍ତ ଦୁର୍ବଳ ହୋଇଯିବେ । ଏହି ଦେଶ ଆଉ ଆମେରିକାର ଭରସାଯୋଗ୍ୟ ସହଯୋଗୀ ହୋଇ ରହିପାରିବେ ନାହିଁ । ଯଦି ବିଶ୍ୱାସଯୋଗ୍ୟ ସହଯୋଗୀ ହୋଇ ରହିବାକୁ ଚାହାନ୍ତି ତେବେ ନିଜ ରାସ୍ତା ବଦଳାଇବାକୁ ହେବ । ଏନ୍‌ଏସଏସରେ ୟୁରୋପର ଆପ୍ରବାସନ ନୀତି, ଜନ୍ମ ହାରରେ ଦ୍ରୁତ ହ୍ରାସ, ରାଷ୍ଟ୍ରୀୟ ପରିଚୟ ନଷ୍ଟ ଏବଂ ଅଭିବ୍ୟକ୍ତିରେ



କଟକଣା ଭଳି ପ୍ରସଙ୍ଗକୁ ସମାଲୋଚନା କରାଯାଇଛି । ୟୁରୋପୀୟ ସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ସଂଗଠନଗୁଡିକ ଦେଶର ସାର୍ବଭୌମ ଏବଂ ରାଜନୈତିକ ସ୍ୱତନ୍ତ୍ରତାକୁ ଦୁର୍ବଳ କରୁଥିବା ଅଭିଯୋଗ ଲଗାଯାଇଛି ।

# ମୃତ ଦେହ ରଖି ବିକ୍ଷୋଭ କଲେ ୫ ବର୍ଷ ଜେଲ୍

ଜୟପୁର,୭ ।୧୨(ଏଜେନ୍ସି): ରାଜସ୍ଥାନରେ ଏବେ ମୃତ ଶରୀରକୁ ରଖି ବିକ୍ଷୋଭ ପ୍ରଦର୍ଶନ, ମୃତଦେହକୁ ନେଇ ରାଜନୀତି ଓ ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରିବା ମହଙ୍ଗା ପଡ଼ିପାରେ । କାରଣ ରାଜ୍ୟରେ ଏବେ ‘ମୃତକ ଶରୀର ସମ୍ମାନ ଆଇନ୍’ ଲାଗୁ ହୋଇଛି । ଏହି ନିୟମ ଅନୁସାରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ୨୪ ଘଣ୍ଟା ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି । ଯଦି ମୃତ ବ୍ୟକ୍ତିଙ୍କ ଶରୀରକୁ ସଡ଼କରେ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅଯଥାରେ ଭିଡ଼ ସୃଷ୍ଟି କରାଯାଏ, ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେମାନଙ୍କୁ ୫ ବର୍ଷ ଜେଲ ଦଣ୍ଡରେ



ଦଣ୍ଡିତ କରାଯିବ । ଏଭଳି ବିକ୍ଷୋଭକୁ ଅପରାଧ ବୋଲି ବିବେଚନା କରାଯିବ । ଯଦି ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରାଯାଏ, ତେବେ ପୁଲିସ ମୃତଦେହକୁ ଜବତ କରି ସଂସ୍କାର କରିବ ବୋଲି କୁହାଯାଇଛି । ୨୦୨୩ ଜୁଲାଇ ୨୦ରେ ଗତ ଅଶୋକ ଗେହଲଟ ସରକାରଙ୍କ କର୍ଯ୍ୟକାଳରେ ଏହି ଆଇନ ବିଧାନସଭାରେ ପାରିତ ହୋଇଥିଲା ।

### ୧୦ କୋଟି ଟଙ୍କାର ଆର୍‌ଡି ରାସ୍ତା କାମ ନିମ୍ନମାନର ଅଭିଯୋଗ

# ବସ୍ ଚାଲିଗଲେ ଉଠିଯାଉଛି ପିଚୁ

ବାରିପଦା,୭।୧୨(ସମିସ):ମୟୂରଭଞ୍ଜ ଜିଲ୍ଲା ଉଦଳା ଆରଡି ଡିଭିଜନ ଅଧୀନ ଖୁଣ୍ଟା ବ୍ଲକ୍ ଅଞ୍ଚଳରେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଦୁଇ ପଞ୍ଚାୟତରେ ଉଦବେଗ ପ୍ରକାଶ ପାଇଛି। ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାମ ୫ ଦିନ ପରେ ବସ୍ ଚାଲିଗଲେ ଓ ହାତ ମାରିଲେ ମଧ୍ୟ ତାହା ଫଡାଫଡା ଉଠିଯାଉଛି। ଯାହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାସ୍ତରୀୟ ଏକ

## କଳା ତାଲିକାଭୁକ୍ତ ହେବେ ଠିକାଦାର

ତଦନ୍ତକାରୀ ଦଳ କାର୍ଯ୍ୟସ୍ଥଳୀକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏକ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କ ଦ୍ୱାରା ନିର୍ମିତ କାର୍ଯ୍ୟର ଗୁଣବତ୍ତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱଚ୍ଛତାକୁ ନେଇ ୨ଟି ପଞ୍ଚାୟତର ସରପଞ୍ଚ ପ୍ରଶ୍ନ ଉଠାଇଛନ୍ତି।

ବଡ଼ପଥରା ପଞ୍ଚାୟତର ଚପଳଡିହି-ବହଳଦାରୁ ସପନଚୁଆ ପର୍ଯ୍ୟନ୍ତ ୯ କିମି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଆରଡି ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ପରେ ଟେଣ୍ଡର ମାଧ୍ୟମରେ ରାସ୍ତା ନିର୍ମାଣ କାର୍ଯ୍ୟ ବାରିପଦାର ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କିରଣ କୁମାର ଦାସ କରୁଥିଲେ। ରାସ୍ତା ପ୍ରଶସ୍ତିକରଣଠାରୁ ଆରମ୍ଭ କରି ପିଚୁ କାମ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ତରବରିଆ ଭାବେ କରାଯାଇଥିଲା। ଏପରିକି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ଓ ସଠିକ ଭାବେ ମେଟାଲିଂ ହୋଇ ନ ଥିବାରୁ ତାହା ଚିରସ୍ଥାୟୀ ହେବା ପରିବର୍ତ୍ତେ ନିର୍ମାଣର ୫ଦିନ



ପରେ ଉକ୍ତ ଗ୍ରାମକୁ ଯାଇଥିବା ଏକ ବସ୍ ଫେରିବା ପରେ ପିଚୁ ଉଠିଯାଇଥିଲା। ଗ୍ରାମବାସୀ ରାସ୍ତାର ପିଚୁକୁ ହାତରେ ଉଠାଇବାରୁ ତାହା ଫଡା ଫଡା ହୋଇ ସହଜରେ ଉଠିଯାଉଛି। ଏପରିକି ମେଟାଲିଂ ନ କରି ମାଟି ଉପରେ ଗରମ ପିଚୁ ପକାଇବା ପରିବର୍ତ୍ତେ ଶୀତଳ ପିଚୁ ପକାଇବା ଓ ଭାଇବ୍ରେଟର ରୋଲର ନ ଚଳାଇବା ଯୋଗୁଁ ରାସ୍ତା କାମରେ ଗୁଣବତ୍ତା ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକମାନେ ପିଚୁ ଉଠାଇ ଫୋପାଡି ଦେଇଛନ୍ତି।

ସେହିପରି କାର୍ଯ୍ୟାଦେଶରେ ସାନ୍ତାଳ ସାହିରୁ ଡବକ ଭୂୟାଁସାହିକୁ ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ତାହାକୁ ମଧ୍ୟ କରାଯାଇନାହିଁ। ଏଭଳି କାର୍ଯ୍ୟକୁ ନେଇ ସରପଞ୍ଚ ମଙ୍ଗଳ ମାଝୀଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। କାର୍ଯ୍ୟ ସ୍ଥଳୀକୁ ବିଭାଗୀୟ ଅଧିକାରୀ ଯାଉ ନ ଥିବାରୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗ ହେବାରେ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ନାୟକ କୁହନ୍ତି, ପିଚୁ ଉଠିଥିବା ସ୍ଥାନଟି ଠିକ୍ ଭାବେ ପରିଷ୍କାର ହୋଇ ନ ଥିବାରୁ ତାହା ଉଠିଯାଇଛି। ପୁନର୍ବାର ସେହି ସ୍ଥାନକୁ ସଠିକ ଭାବେ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାକି ଅନ୍ୟ ସମସ୍ତ କାର୍ଯ୍ୟ ଠିକ୍ ରହିଛି ବୋଲି ତଦନ୍ତରେ ନ ଯାଇ ନିର୍ବାହୀଯନ୍ତ୍ରୀଙ୍କ ରିପୋର୍ଟ ଆଧାରରେ ପ୍ରକାଶ କରିଛନ୍ତି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ବୈଷୟିକ ଟିମ ସହିତ ଜିଲ୍ଲାର ଏକ ପ୍ରତିନିଧି ଦଳ କାର୍ଯ୍ୟର ତଦନ୍ତ କରିଛନ୍ତି। ଟିମରେ ସିଡିଓ, ଜଣେ ପିଡି ଟେକ୍ନିକାଲ ଓ ଇଞ୍ଜିନିୟରିଂ ବିଭାଗର ଜଣେ ଅଧିକାରୀ, ବିଡିଓ ଓ ଉଦଳାର ନିର୍ବାହୀ ଯନ୍ତ୍ରୀ ତଦନ୍ତରେ ଯାଇ କାର୍ଯ୍ୟର ଗୁଣବତ୍ତାକୁ ଯାଞ୍ଚ କରିଛନ୍ତି। କାର୍ଯ୍ୟର ମାନଦଣ୍ଡ ଓ ଚୁକ୍ତିନାମାକୁ ନେଇ ବିଚ୍ୟୁତ ହୋଇଥିଲେ ବିଭାଗୀୟ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟର ଗୁଣବତ୍ତା ସନ୍ତୋଷଜନକ ନ ଥିଲେ ଭିଜିଲାନ୍ସ ବିଭାଗକୁ ଅବଗତ କରାଯିବା ସହ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯିବ। ଏପରିକି କାର୍ଯ୍ୟର ଅର୍ଥ ପ୍ରଦାନବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟସ୍ଥଳୀକୁ ନ ଯାଇ କାର୍ଯ୍ୟ ଠିକ ରହିଛି କହିବା ଅତ୍ୟନ୍ତ ଦୁର୍ଭାଗ୍ୟର କଥା ବୋଲି ସପନଚୁଆ ସରପଞ୍ଚ ଲୁଧିଆ ମାଝୀ, ଗ୍ରାମବାସୀ ବୀରୁ ହେମ୍ବ୍ରମ, ନଗେନ୍ଦ୍ର ମାଝୀ ଓ ନାରାଣ ଟୁଡ୍ର ପ୍ରମୁଖ କହିଛନ୍ତି।

### ଜେଇ ମେନ୍ ପ୍ରରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ମାମଲା

# ବିହାରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର/ବାଲେଶ୍ୱର,୭।୧୨(ସମିସ): ଓଡ଼ିଶା ଜେଇ ମେନ୍(ସିଭିଲ) ପରୀକ୍ଷା ୨୦୨୩ ପ୍ରଶ୍ନପତ୍ର ଜାଲିଆତି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ରାଜ୍ୟ ବାହାରର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିହାର ସମସ୍ତୀପୁର ଜିଲ୍ଲା ଖାନ୍‌ପୁର ଥାନା ୱାର୍ଡ ନମ୍ବର ୧୦ ଅଞ୍ଚଳରେ ରାଜମୋହନ ପ୍ରସାଦ। ରାଜମୋହନକୁ ବିହାରରୁ ଗିରଫ କରାଯାଇ ଓଡ଼ିଶା ଅଣାଯାଇଛି। ରବିବାର କ୍ରାଇମ୍‌ବ୍ରାଞ୍ଚ ରାଜମୋହନକୁ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଏହି ମାମଲାରେ ତାଙ୍କୁ ଅଧିକ ପଚରାଉଚରା ପାଇଁ କୋର୍ଟଙ୍କ ଅନୁମତିକ୍ରମେ କ୍ରାଇମ୍‌ବ୍ରାଞ୍ଚ ୩ଦିନିଆ ରିମାଣ୍ଡରେ ନେଇଛି।

## ୩ ଦିନିଆ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଗଲେ ରାଜମୋହନ

ତଦନ୍ତରରୁ ଜଣାପଡ଼ିଛି ଯେ, ରାଜମୋହନଙ୍କ ସମେତ ଅନ୍ୟ ଅଭିଯୁକ୍ତ ବିଶାଳ କୁମାର, ବ୍ରିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଏବଂ ଅନ୍ୟ ସହଯୋଗୀମାନେ ଦୀଘାର ପୂର୍ବାଶା ହୋଟେଲ କନ୍‌ଫରେନ୍ସ ହଲକୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ନେଇ ଆସିଥିଲେ। ଏଠାରେ ୮୭ ଜଣ ପରୀକ୍ଷାର୍ଥୀଙ୍କୁ ଟଙ୍କା ବଦଳରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନା ପୁଲିସ ଖବର ପାଇ ଉକ୍ତ ହୋଟେଲରେ ରେଡ୍ କରିଥିଲା। କିଛି ଅଭିଯୁକ୍ତ ଗିରଫ ହୋଇଥିଲା ବେଳେ ରାଜମୋହନ ସେଠାରୁ ଫେରାର୍ ହୋଇଯାଇଥିଲେ। ହେଲେ ସେ ତାଙ୍କର ଏକ ଇଗ୍ନିସ୍ କାର ଛାଡି ଚାଲି ଯାଇଥିଲେ। ସେବେଠାରୁ ସେ କ୍ରାଇମ୍‌ବ୍ରାଞ୍ଚ ସ୍କାନରେ ଥିଲେ। ଏକାଧିକ ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡ଼ିଥିଲା ଯେ ସେ କ୍ରାଇମ୍ ସିଣ୍ଡିକେଟ୍‌ର ଏକ ପ୍ରମୁଖ ସଦସ୍ୟ ରହିଥିଲେ। ସେ ପରୀକ୍ଷାର୍ଥୀଙ୍କୁ ଆଶ୍ୱାସନା ଦେଉଥିଲେ ଯେ ତାଙ୍କ ପାଖରେ ଲିକ୍ ହୋଇଥିବା ପ୍ରଶ୍ନ ପତ୍ର ରହିଛି। ଏହା ବଦଳରେ ମୋଟା ଅଙ୍କର ଟଙ୍କା ନେଉଥିଲେ।

ସୂଚନାଯୋଗ୍ୟ, ଏହି ଘଟଣାରେ ମୋଟ୍ ପୂର୍ବରୁ ୨୭ ଜଣଙ୍କୁ ଗିରଫ କରାଯାଇଛି। ୨୦୨୩ ଜୁଲାଇ ୧୬ତାରିଖରେ ପ୍ରଶ୍ନପତ୍ର ଡିଲ୍ ବେଳେ ବାଲେଶ୍ୱର ପୁଲିସ ମାଡିବସିଥିଲା। ପ୍ରାଥମିକ ପର୍ଯ୍ୟାୟରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ସେତେବେଳେ ପୁଲିସ ମୋଟ ୨୭ଜଣକୁ ଗିରଫ କରିଥିଲା। ପରେ ଏହି ମାମଲା କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ପୂର୍ବରୁ ବିହାର ରାଜ୍ୟରୁ ୬ଜଣ, ପଶ୍ଚିମବଙ୍ଗରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଓ ଅନ୍ୟମାନେ ଓଡ଼ିଶାରୁ ଗିରଫ



ହୋଇଥିଲେ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ବିହାର ରାଜ୍ୟରୁ ରାଜ ମୋହନକୁ ଗିରଫ କରିଛି। ସୂଚନା ଯୋଗ୍ୟ ଯେ, ସିଭିଲ ସର୍ଭିସ (ମେନ) ଜେଇ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯିବା ପୂର୍ବରୁ ଏକ ପ୍ରିଂଟି ପ୍ରେସ୍‌ର ହେଲପର ବିରେନ୍ଦ୍ର ସିଂହ ସହଯୋଗରେ ମାଷ୍ଟରମାଇଣ୍ଡ ପାଖକୁ ପ୍ରଶ୍ନପତ୍ର ପାଉଥିଲା। ପରେ ଦଲାଲମାନଙ୍କ ସହଯୋଗରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରାଯାଉଥିଲା। ଏହି ସମୟରେ ପରୀକ୍ଷାର୍ଥୀଙ୍କ ସମସ୍ତ ମୂଳ ସାର୍ଟିଫିକେଟ ସହ ଚୁକ୍ତି ହୋଇଥିବା ଅର୍ଥର ଅଧା ମାଷ୍ଟରମାଇଣ୍ଡ ବିଶାଳ ନେଇଯାଉଥିଲେ। ବାକି ଅଧା ଅର୍ଥ ପରୀକ୍ଷା ଫଳ ବାହାରିଲେ ନିଆଯାଉଥିଲା। ଏହି ଭଳି ଓଏସଏସସି ପରିଚାଳିତ ସିଭିଲ ସର୍ଭିସ (ମେନ) ଜେଇ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ନେଇ ଦୀଘା ଠାରେ ସମ୍ମିଳିତ ହୋଇଥିବା ବେଳେ ଦଲାଲମାନଙ୍କୁ ପୁଲିସ ଗିରଫ କରିଥିଲା। ୨୦୨୩ମସିହା ଜୁଲାଇ ମାସ୧୬ରେ ପ୍ରଥମେ ଦୀଘାରୁ ଜଣେ ମହିଳାଙ୍କ ସମେତ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପରେ ମାଷ୍ଟର ମାଇଣ୍ଡ ସହ ମୋଟ ୨୭ଜଣ ଗିରଫ ହୋଇଥିଲେ।

# ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଣପୁର, ୭।୧୨ (ସମିସ) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ରବିବାର ଅପରାହ୍ନରେ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାଣପୁର ସରୁବାରୀପଦର ଗ୍ରାମର କାହ୍ନୁ ଚରଣ ମହାପାତ୍ରଙ୍କ ଏକମାତ୍ର ପୁଅ ରୁଦ୍ରପ୍ରସାଦ ମହାପାତ୍ର ଓରଫ ବାପି

## ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର

(୨୦) ଏବଂ ଅନ୍ୟ ଜଣେ ପାଟପୁର ଗ୍ରାମର ଦୁର୍ଗାଚରଣ ସେଠୀଙ୍କ ଏକମାତ୍ର ପୁଅ ଚନ୍ଦନ ସେଠୀ (୨୨) । ଗୁରୁତର ଆହତ ଜଣକ ହେଲେ ସାରୁବାରୀପଦର ଗ୍ରାମର ଦେବାଶିଷ ତ୍ରିପାଠୀ ଓରଫ ମିଳନ (୨୮) ବୋଲି ଜଣାପଡିଛି।

ବାଣପୁରଥାନା ଅନ୍ତର୍ଗତ ପ୍ରତାପଗ୍ରାମକୁ କ୍ରିକେଟ ଖେଳ ଦେଖିବାକୁ ବାଣପୁରରୁ ଏହି ତିନି ଜଣ ଯୁବକ ଏକ ବାଇକ ଯୋଗେ ଯାଉଥିବା ବେଳେ ବେଙ୍ଗରାଜପଲ୍ଲୀ ରାସ୍ତାରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ବାଇକକୁ ଧକ୍କା ଦେଇ ବାଇକ ଆରୋହୀଙ୍କ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଫଳରେ ତିନି ଜଣ ବାଇକ ଆରୋହୀ ଗୁରୁତର ହୋଇ ପଡିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର





ଆହତଙ୍କୁ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଡାକ୍ତର ଦୁଇ ବାଇକ ଆରୋହୀ ଚନ୍ଦନ ଓ ରୁଦ୍ରଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତ ଦେବାଶିଷଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇ ଗୁରୁତର ହୋଇ ପଡିଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଦେଇଥିବା ସୂଚନା ମିଳିଛି। ଏହି ଦୁଃଖଦ ଘଟଣାରେ ବାଣପୁର ଡାକ୍ତରଖାନା ଲୋକାରଣ୍ୟ ହୋଇପଡି ଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବାଣପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବକୁ ଜବତ କରିବା ସହ ଉଭୟ ଗାଡି ଜବତ କରି ତଦନ୍ତ ଜାରି ରଖିଛି।

# ଘଟଗାଁ ତାରିଣୀ ପୀଠ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ

### ମନ୍ଦିର ଦେହୁରୀଙ୍କ ପାଇଁ ବାସଗୃହ ସୁବିଧା ନିମନ୍ତେ ଡିପିଆର୍ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଘଟଗାଁ/କେନ୍ଦୁଝର, ୭।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ବହୁ ଆକାଂକ୍ଷିତ ଓ ପ୍ରତୀକ୍ଷିତ ପ୍ରକଳ୍ପର ରବିବାର ଶୁଭାରମ୍ଭ କରିଛନ୍ତି। ଘଟଗାଁସ୍ଥିତ ମା' ତାରିଣୀ ପୀଠର ସାମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ରବିବାର ଶିଳାନ୍ୟାସ କରିବା ଅବସରରେ ସେ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲ୍ଲା ତଥା ଘଟଗାଁ ଅଞ୍ଚଳର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ବାଟ ଫିଟିବ।

ମୋଟ ୩୧୨ କୋଟି ଟଙ୍କା ବ୍ୟୟବରାଦରେ ହେବାକୁଥିବା ଏହି ପ୍ରକଳ୍ପ ଆଗାମୀ ଏକବର୍ଷ ମଧ୍ୟରେ କାର୍ଯ୍ୟ ସମାପ୍ତହେବ ବୋଲି ସମୟସୀମା ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତାରିଣୀଙ୍କ ପୀଠକୁ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ପ୍ରକଳ୍ପ ସହ ମନ୍ଦିରର ଦେହୁରୀଙ୍କ ବାସଗୃହ ନିମନ୍ତେ ନିର୍ମାଣ କାର୍ଯ୍ୟ ଯୋଡ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପୂର୍ତ୍ତବିଭାଗ ଏଥିନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର ମଧ୍ୟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନକେନ୍ଦ୍ର, ଖାଦ୍ୟପ୍ଲାଜା, ୱାଚଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆଗୋଦାମ ଏବଂ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ କୋଠରୀ, ଜୋତାଷ୍ଟାଣ୍ଡ,



ଟିକେଟକାଉଣ୍ଟର, ହାତ-ପାଦ ଧୋଇବା ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ, ରାଉରକେଲା, ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ। ସବୁଶିଳ୍ପ ଓ ଖଣିଅଞ୍ଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ଥାକିଆ ବିଶିଷ୍ଟ କରାଯିବ। ବଡବିଲରେ ଏକ ରିଙ୍ଗରୋଡ କରାଯିବ। ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ ଜୋନର ବିକାଶ କରାଯାଉଛି। ଏଥିରେ କେନ୍ଦୁଝର-ବଡବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେଗୁଡିକର ଖୁବଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ଲେନ ରାସ୍ତା କରୁଛନ୍ତି। ଏଥିପାଇଁ ୨୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ ରାସ୍ତା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚାରିଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହାସହ ୧୫୦କୋଟି ଟଙ୍କାରେ ଡାଟାସେଣ୍ଟର, ବଳଭଦ୍ରପୁରରେ ୧୫୦କୋଟି ଟଙ୍କାରେ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭କୋଟି ଟଙ୍କାରେ ଡାଟା ରିକଭରି ସେଣ୍ଟର, ୧୦୩କୋଟି ଟଙ୍କାରେ ରାଇସୁଆଁ ଏୟାରଷ୍ଟ୍ରିପ, ୧୮୦କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦କୋଟି ଟଙ୍କାରେ ସାନ ଘାଗରାଠାରେ ଆରପିଆରସି ଆଦି ଅନେକ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ପ୍ରାୟ ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଏଥିରେ ସାମିଲ ଥିବା ସେ କହିଥିଲେ।

ଘଟଗାଁଠାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ପ୍ରାଥମିକ ବିଦ୍ୟାଳୟଠାରୁ ରୋଡ ସୋ'ରେ ଆସି ମା' ତାରିଣୀଙ୍କ ଦର୍ଶନକରି ପୂଜାର୍ଚ୍ଚନା କରିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ମନ୍ତ୍ରୀ ଇଂ ଗଣେଶରାମସିଂ ଖୁଣ୍ଟିଆ, ଗୃହ ଓ ନଗର ଉନ୍ନୟନମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଯାଜପୁର ସାଂସଦ ରବିନାରାୟଣ ବେହେରା, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାରିପଦା ବିଧାୟକ ପ୍ରକାଶ ସୋରେନ, କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, କେନ୍ଦୁଝର ଜିଲ୍ଲାପାଳ ବିଶାଳସିଂହ, ଆରକ୍ଷୀ ଅଧୀକ୍ଷକ ନିତିନ କୁଶଳକର ପ୍ରମୁଖ ଉପସ୍ଥିତ ଥିଲେ।

### 'ଜୟ ଜଗନ୍ନାଥ' ପାଇଁ

# ୧୧ ବର୍ଷ ଧରି ନିଖୋଜ ସୁଦାମ ବାଂଲାଦେଶରୁ ଘରକୁ ଫେରିଲେ

ବାରିପଦା,୭।୧୨(ସମିସ): ସୀମାପାର ସହଯୋଗ ଓ ଅଧ୍ୟବସାୟର ଏକ ହୃଦୟସ୍ପର୍ଶୀ କାହାଣୀର ମୁଖ୍ୟ ଚରିତ୍ର ମୟୂରଭଞ୍ଜ ଜିଲ୍ଲାର ୪୧ ବର୍ଷୀୟ ସୁଦାମ ହେମ୍ବ୍ରମ ରବିବାର ନିଜ ଘରକୁ ଫେରିଛନ୍ତି। ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପଡଁଶିଆ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବାସିନ୍ଦା ସୁଦାମ ହେମ୍ବ୍ରମ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ। ଆଜକୁ ପାଖାପାଖି ୧୧ ବର୍ଷ ପୂର୍ବେ ଅର୍ଥାତ ୨୦୧୪ରେ ପିତା କିଶୋର ହେମ୍ବ୍ରମଙ୍କ ମୃତ୍ୟୁର ତିନିଦିନ ପରେ ନିଖୋଜ ହୋଇଯାଇଥିଲେ। ପରିବାର ଓ ସମ୍ପର୍କୀୟ ବହୁ ଖୋଜାଖୋଜି କରି ସୁଦାମଙ୍କୁ ପାଇ ନ ଥିଲେ। ସେ ଅଜାଣତରେ ଭାରତ ସୀମା ପାର ହୋଇ ବାଂଲାଦେଶକୁ ଚାଲିଯାଇଥିଲେ। ବାଂଲାଦେଶର ଏକ ସ୍ୱେଚ୍ଛାସେବୀ ସଂଗଠନ ମାନସିକ ବିକାରଗ୍ରସ୍ତ ସୁଦାମଙ୍କୁ ଗତ ଅକ୍ଟୋବର ୧୭ ତାରିଖ ଦିନ ଗୋଟିଏ ସ୍ଥାନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାଙ୍କ ପାଟିରୁ 'ଜୟ ଜଗନ୍ନାଥ' ଶୁଣି ସେ ଭାରତୀୟ ଓ ଓଡ଼ିଶାର ଅନୁମାନ କରି ତାଙ୍କ ଘର ଠିକଣା ଖୋଜାଖୋଜି କରି ଶେଷରେ ପଶ୍ଚିମବଙ୍ଗର ଉତ୍ପଳ ରୟ ନାମକ ଜଣେ ମାନବାଧିକାର କମିଶନର ସମ୍ପାଦକଙ୍କ ସହାୟତାରେ ସୁଦାମଙ୍କ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ। ପରେ ଗାଁରେ ରହୁଥିବା ପୁତୁରାଙ୍କ ସହ ଯୋଗାଯୋଗ କରି ବାଂଲାଦେଶ ଓ ଭାରତର ହାଇକମିଶନର ଯୋଗାଯୋଗ ପରେ ସୁଦାମଙ୍କ ପ୍ରତ୍ୟାବର୍ତ୍ତନର ବାଟ ଫିଟିଥିଲା। ଅର୍ଥାତ ଶନିବାର ମୟୂରଭଞ୍ଜ ପୁଲିସ ଏକ ଟିମ୍, ବେତନଟୀ ଅତିରିକ୍ତ ତହସିଲଦାର ଓ ସୁଦାମଙ୍କ ପୁତୁରା ଓ ଅନ୍ୟଜଣେ ସମ୍ପର୍କୀୟ ଉଦ୍ଧାର



ପାଇଁ ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାରେ ଥିବା ହରିଦାସପୁର-ବେନାପୋଲ ଲ୍ୟାଣ୍ଡ କଷ୍ଟମ୍ସ ଷ୍ଟେସନକୁ ଯାତ୍ରା କରିଥିଲେ। ଦସ୍ତାବିଜ ଯାଞ୍ଚ ଓ ହସ୍ତାନ୍ତର ପ୍ରକ୍ରିୟା ପରେ ବାଂଲାଦେଶ ଅଧିକାରୀ ରବିବାର ସୁଦାମଙ୍କୁ ହସ୍ତାନ୍ତର କରିଥିଲେ। ଏହି ସଫଳ ପ୍ରତ୍ୟାବର୍ତ୍ତନ ଭାରତ ଓ ବାଂଲାଦେଶ ମଧ୍ୟରେ ଦୃଢ଼ କୂଟନୈତିକ ଓ ପ୍ରଶାସନିକ ସମ୍ପର୍କକୁ ଉଜାଗର କରିଛି ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି।

ଏହି ପୁନର୍ମିଳନ ଆମ ଜିଲ୍ଲା ପ୍ରଶାସନ, ପୁଲିସ ବାହିନୀ ଓ ଢାକାସ୍ଥ ହାଇକମିଶନଙ୍କ ଅଟଳ ପ୍ରତିଶ୍ରୁତିର ପ୍ରମାଣ। ଏତେ ଦୀର୍ଘ ଯନ୍ତ୍ରଣା ପରେ ସୁଦାମ ହେମ୍ବ୍ରମଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଦ୍ୱିପାକ୍ଷିକ ସହଯୋଗର ଶକ୍ତିକୁ ଦର୍ଶାଉଛି। ସୁଦାମ ଭାରତ ମାଟିରେ ପାଦ ଥୋଇବା ସହ ତାଙ୍କୁ ଅପେକ୍ଷାରତ ପରିବାର ଲୋକେ ଲୁହ ଝରା ଆଲିଙ୍ଗନରେ ବେଢ଼ି ନେଇଥିଲେ, ଯାହା ୧୧ ବର୍ଷର ଦୁଃସ୍ୱପ୍ନର ଅନ୍ତ ଘଟାଇଛି। ଜଗନ୍ନାଥପୁର ଗ୍ରାମର ଲୋକେ ତାଙ୍କ ପାଇଁ ଏକ ସ୍ୱାଗତ ଉତ୍ସବର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାକୁ ସେମାନେ "ଅଧ୍ୟବସାୟର ଚମତ୍କାର' ବୋଲି କହିଛନ୍ତି। ଏହି ଘଟଣା ସୀମାନ୍ତ ଅଞ୍ଚଳର ଲୋକଙ୍କ ଦୁର୍ବଳତା ଓ ନିଖୋଜ ବ୍ୟକ୍ତି ମାମଲାରେ ଦ୍ରୁତ ଆନ୍ତଃବିଭାଗୀୟ ପ୍ରତିକ୍ରିୟାର ଗୁରୁତ୍ୱକୁ ଏକ ଗଭୀର ସ୍ମାରକୀ ଭାବେ ମନେ ପକାଇଛି। ମୟୂରଭଞ୍ଜ ପ୍ରଶାସନ ହେମ୍ବ୍ରମଙ୍କ ପୁନର୍ବାର ସମାଜରେ ମିଶିବା ପାଇଁ ପରାମର୍ଶ ଓ ସହାୟତା ସହିତ ନିରନ୍ତର ସହଯୋଗର ଆଶ୍ୱାସନ ଦେଇଛନ୍ତି।

# ବିଜେପି ୱାଶିଂ ମେସିନରେ ପ୍ରୟାସକାନ୍ତି: କଂଗ୍ରେସ

ଭୁବନେଶ୍ୱର,୭।୧୨(ସମିସ): ଯାହା ବିରୋଧରେ ଦୁର୍ନୀତି ପାଇଁ ଇଡି ଅନୁସନ୍ଧାନ କରୁଛି, ସେମାନଙ୍କୁ ବିଜେପି ନିଜ ଦଳ ସାମିଲ କରୁଛି। ତେଣୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ନେତାଙ୍କୁ ଭୟଭୀତ କରି ବିଜେପି ନିଜ ଦଳରେ ସାମିଲ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ।

## ବିଜେପିରେ ସାମିଲ ହେଲେ ଧୋଇଯିବ ସବୁ କଳଙ୍କ

ରବିବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ କହିଛନ୍ତି ଯେ ଦୁର୍ନୀତି ଅଭିଯୋଗ ଥିବା ନେତା ବିଜେପିର ୱାଶିଂ ମେସିନ୍‌ରେ ଥରେ ପଶିଗଲେ ସେମାନେ ଦୁର୍ନୀତିମୁକ୍ତ ଏବଂ କଳଙ୍କମୁକ୍ତ ହୋଇ ଯାଉଛନ୍ତି। ଏହି କ୍ରମରେ ଭଦ୍ରକ ଇଞ୍ଜିନିୟରିଂ କଲେଜ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଜେପିରେ ଯୋଗଦାନ ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି।

ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ୧୯୫୬ ମସିହାରେ ଲୋକଙ୍କ ଦାନ ଜମି ଉପରେ ବରପଦାରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ୧୯୬୭ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ସେହି ବନ୍ଦ ହୋଇଯାଇଥିବା ସରକାରୀ ଇଞ୍ଜିନିୟରିଂ ସ୍କୁଲର କୋଠାବାଡ଼ି ଓ ଜମି ଉପରେ ୧୯୮୨ରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ




ଇଞ୍ଜିନିୟରିଂ ସ୍କୁଲ ଅଣରେଜିଷ୍ଟ୍ରିଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ ମସିହାରେ ଏହା ସରକାରୀ ସ୍ୱୀକୃତି ପାଇଲା। ୨୦୦୯ ମସିହାରେ ପ୍ରୟାସକାନ୍ତ ସାମଲ ଏଠାରେ ପରିଚାଳନା କମିଟିର ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ଏହାପରେ ଅନେକ ଦୁର୍ନୀତିରେ ସେ ଛନ୍ଦି ହୋଇଛନ୍ତି ଓ ଏହାର ମାମଲା ମଧ୍ୟ ଜାରି ରହିଛି। ବିଜେପି ବରପଦା ଇଞ୍ଜିନିୟରିଂ ସ୍କୁଲର ସମସ୍ୟାକୁ ନିର୍ବାଚନରେ ଆୟୁଧ କରି ଭଦ୍ରକରେ ନିର୍ବାଚନ ଜିତିଥିବା ବେଳେ ଏବେ ସେହି ଦୁର୍ନୀତି ଅଭିଯୁକ୍ତଙ୍କୁ ଦଳରେ ମିଶାଇବା ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଇଞ୍ଜିନିୟରିଂ କଲେଜ ଶହ ଶହ କୋଟି ଟଙ୍କା ଲୁଟ୍‌ରୁ କେତେ ଏମାନଙ୍କ ପକେଟକୁ ଯାଇଛି ତାହା ସାଧାରଣ ଜନତାଙ୍କୁ ବିଜେପି ସ୍ପଷ୍ଟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଆଖି ବୁଜିଦେଇ ଅନୁଷ୍ଠାନ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇ ଅନୁଷ୍ଠାନର ଅଧୋଗତି ପାଇଁ ଦାୟୀ ଅଭିଯୁକ୍ତମାନଙ୍କୁ ଦଳରେ ମିଶାଇ ବିଜେପି ଓ ଏହାର ନେତା ଓଡ଼ିଶାବାସୀଙ୍କୁ କି ସନ୍ଦେଶ ଦେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

## ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ ଆଲୋଚନାଚକ୍ର

ବାଲେଶ୍ୱର, ୭।୧୨(ସମିସ): ଦେଶର ସମ୍ବିଧାନ ଆଜି ବିପନ୍ନ। ସମାନତା ବଦଳରେ ଅସମାନତାର ପରିବେଶ ସୃଷ୍ଟି ହୋଇଛି। ଘୃଣା, ହିଂସା ଓ ପ୍ରତିଶୋଧର ରାଜନୈତିକ ଆକ୍ରମଣ ଚାଲିଛି। ରାଷ୍ଟ୍ର ଏହି ପରିବେଶକୁ ଉତ୍ସାହିତ କରୁଛି। ରାଷ୍ଟ୍ର ଭକ୍ତି ନାଁରେ ରାଷ୍ଟ୍ର ଭକ୍ତଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡୁଛି। ଦେଶର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରିଚାଳିତ ବିଜେପି ସରକାର ଏଭଳି ପଦକ୍ଷେପ ନେଉଛି। ଗଣତନ୍ତ୍ରର ମୁଖା ପିନ୍ଧି ଗଣତନ୍ତ୍ରର ହତ୍ୟା କରୁଛି। ରାଜ୍ୟ ସରକାରଙ୍କ ଅଧିକାର ଉପରେ ଆକ୍ରମଣ ଚାଲିଛି। ମୁଖ୍ୟତଃ ବିରୋଧୀ ସରକାରଙ୍କୁ କେନ୍ଦ୍ରର ବିଜେପି ସରକାର ବହୁଳ ଭାବେ ଆକ୍ରମଣ କରୁଛି। ବାବ୍ରି ମସଜିଦକୁ ୧୯୯୨ ଡିସେମ୍ବର ୬ ତାରିଖରେ ଆରଏସଏସ, ବିଶ୍ୱହିନ୍ଦୁ ପରିଷଦ ବିଜେପି ଦେଶର ସମ୍ବିଧାନକୁ ଅବମାନନା କରି ଭାଙ୍ଗିଦେଇଥିଲେ। ସେହିଦିନଠାରୁ ଏହି ସାମ୍ପ୍ରଦାୟିକ ଶକ୍ତି ତା'ର ପ୍ରଭାବକୁ ବୃଦ୍ଧି କରିଥିଲେ। ଶେଷରେ ଦେଶର ପୁଞ୍ଜିପତିଙ୍କ ସହଯୋଗରେ ବିଜେପି କ୍ଷମତା ଦଖଲ କଲା। କ୍ଷମତା ଆସିବା ପରେ ଦେଶର ଅର୍ଥନୀତି ଦୁର୍ବଳ ହୋଇପଡିଛି, ଟଙ୍କା ମୂଲ୍ୟ ଡଲାର ତୁଳନାରେ ଅନେକ ତଳକୁ ହ୍ରାସ ପାଇଛି। ସେୟାର ମାର୍କେଟରୁ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ବିଦେଶୀ କମ୍ପାନୀ ଅନ୍ୟ ଦେଶକୁ ନେଇ ଯାଉଛନ୍ତି। ଦେଶର ନିଯୁକ୍ତି ନାହିଁ, ଦର ବୃଦ୍ଧି ବଢ଼ି ଚାଲିଛି ବୋଲି ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ପାର୍ଟିର ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତିଙ୍କ ସଭାପତିତ୍ୱରେ ଆଲୋଚନା ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ବାଲେଶ୍ୱର ସିପିଆଇଏମ ଜିଲ୍ଲା ସମ୍ପାଦକ ଶିଶିର ହୁଇଙ୍କ ସମେତ ପ୍ରେମରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଦଳିତ ମଞ୍ଚ ନେତା ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

### ସରକାରୀ ଜାଗାରେ ସ୍ୱେଚ୍ଛାସେବୀ ସଙ୍ଘର ବେଆଇନ ଗୃହ ନିର୍ମାଣ

# ଗ୍ରାମବାସୀଙ୍କ ତୀବ୍ର ବିରୋଧ, କାମ ବନ୍ଦକଲେ ଆରଆଇ

ଚନ୍ଦନେଶ୍ୱର, ୭।୧୨(ସମିସ)



ଭୋଗରାଇ ତହସିଲ ଅଧୀନ କାନ୍ଥଭଉଁରୀ ପଞ୍ଚାୟତ ଅଧୀନରେ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ସରକାରୀ ଜାଗାରେ ବେଆଇନ ଭାବରେ ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଙ୍ଘ ତରଫରୁ ଗୃହ ନିର୍ମାଣ ଚାଲିଥିବାବେଳେ ଗ୍ରାମବାସୀଙ୍କ ତୀବ୍ର ବିରୋଧ ପରେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ଘଟଣାସ୍ଥଳକୁ ଆସି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ନିର୍ମାଣ ହୋଇଥିବା ଘରକୁ ପ୍ରଶାସନ ଉଚ୍ଛେଦ କରନ୍ତୁ ବୋଲି ଦାବୀ କରିଛନ୍ତି।

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତରେ ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସରକାରୀ ଜାଗାରେ ବେଆଇନ ଭାବେ ଆଜି ଗୃହ ନିର୍ମାଣ କରାଯାଉଥିଲା। ଏହାକୁ ନେଇ ଗାଁ ଲୋକେ ଜାଣିବା ପରେ ନିର୍ମାଣଧୀନ କାମକୁ ପ୍ରବଳ ବିରୋଧ କରି ଭୋଗରାଇ ତହସିଲଦାରଙ୍କୁ ଖବର ଦେଇଥିଲେ। ଖବର ପାଇ ଭୋଗରାଇ ତହସିଲଦାର ତୁରନ୍ତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣା ସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ପହଁଚି ଉକ୍ତ କାମକୁ ବନ୍ଦ କରିବା ସହ ନିର୍ମାଣ କରୁଥିବା ବ୍ୟକ୍ତିମାନଙ୍କୁ ଗୃହ ନିର୍ମାଣ ପାଇଁ ଅନୁମତି କାଗଜପତ୍ର ମାଗିଥିଲେ। ହେଲେ ନିର୍ମାଣ କରୁଥିବା ବ୍ୟକ୍ତିମାନେ କୌଣସି କାଗଜ ପତ୍ର ଦେଖାଇ ପାରି ନ ଥିବା ରାଜସ୍ୱ ନିରୀକ୍ଷକ ପ୍ରକାଶ କହିଛନ୍ତି। ଅନ୍ୟପଟେ ଏହି ଘଟଣା ପରେ ପଂଚାୟତର ସମସ୍ତ ଜବରଦଖଲ ହୋଇଥିବା ସରକାରୀ ଜାଗାକୁ ଉଚ୍ଛେଦ ପାଇଁ ପଂଚାୟତ ବାସୀ ଦାବି କରିଛନ୍ତି। ମୂଲ୍ୟବାନ ସରକାରୀ ଜାଗାରେ ପ୍ରଶାସନକୁ ବେଖାତିର କରି ଯେଉଁଭଳି ଜୋର ଜବରଦସ୍ତ ଓ କିଛି ଅସାମାଜିକ ବ୍ୟକ୍ତିଙ୍କ ହାତରେ ମାରଣାସ୍ତ୍ର ଧରାଇ ବେଆଇନ ଭାବରେ ସରକାରୀ ଜାଗାରେ ଗୃହ ନିର୍ମାଣ କାର୍ଯ୍ୟ ହେଉଥିବାକୁ ନେଇ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସ୍ୱେଚ୍ଛାସେବୀ ସଙ୍ଘ ନିସ୍ୱାର୍ଥପର ଭାବରେ ସମାଜରେ ସଚେତନତା ବାର୍ତ୍ତା ଦେଉଥିଲାବେଳେ ଏଭଳି ବେଆଇନ ଗୃହ ନିର୍ମାଣ କାର୍ଯ୍ୟକୁ ପଞ୍ଚାୟତବାସୀ ପ୍ରବଳ ନିନ୍ଦା କରିବା ସହିତ ପ୍ରଶାସନ ଏହା ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାପାଇଁ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ରାସ୍ତା କଡ଼ର ସମସ୍ତ ସରକାରୀ ସମ୍ପତ୍ତି ଏମିତି କିଛି ବ୍ୟକ୍ତି ବିଶେଷଙ୍କ କବଜାକୁ ଚାଲିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏଥିରେ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ସମିତି ସଭ୍ୟ ପ୍ରଦୀପ ଦାସ, ପୂର୍ବତନ ସରପଞ୍ଚ ମମତା ଭୋଳ, ବ୍ରଜକିଶୋର ପାତ୍ର, ସତ୍ୟ କୁମାର ସାମଲ, ଅଭିଳାଷ ଦାସ, ବିଜୟ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ପାତ୍ର ଓ ଅନ୍ୟମାନେ ଉପସ୍ଥିତ ହୋଇ ବେଆଇନ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି।

## ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ବାଲେଶ୍ୱର,୭ ।୧୨(ସମିସ): ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀଠାରେ ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କର ପାଣିଗ୍ରାହୀ ଓ ଉପସଭାପତି କବି ଶ୍ରୀଦେବ ଯୋଗଦେଇ ଏହି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଅର୍ପିତା ପାଣିଗ୍ରାହୀ, ଫାରିନ ଆଫ୍ରୋଜ, ଇପସିତା ପାଣିଗ୍ରାହୀ, ଅୟସ୍କାନ୍ତ ସାମଲ, ମହମ୍ମଦ ସୋହେବ, ଜନ୍ମେଜୟ ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ପ୍ରତ୍ୟୁଷ ମାଝି, ସୌମ୍ୟରଞ୍ଜନ ମାସନ୍ତ, ଶୁଭଶ୍ରୀ ଅଗସ୍ତି, ଆଦିତ୍ରି ନାୟକ, ଦେବରାଜ ମାଝୀ ପ୍ରମୁଖଙ୍କ ଦ୍ୱାରା୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଧ୍ୟକ୍ଷା ସରୋଜିନୀ ମିଶ୍ର, ଶିକ୍ଷକ ସନ୍ତୋଷ ପଣ୍ଡା, ରଜତ ଦାଶ ଅଧିକାରୀ, ଏଚଏଚ ଶ୍ରୀରାମ, ଅଜୟ ପ୍ରଧାନ, ପ୍ରଣିତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ଗୁଲେସମା ସାହିନ ପ୍ରମୁଖ ମେଳାକୁ ପରିଚାଳନା କରିଥିଲେ।

## ଖଇରା ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା

ଖଇରା,୭ ।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ଶିକ୍ଷକ ନରୋତ୍ତମ ପୁଟ୍ଟୀ ମୁଖ୍ୟଅତିଥି ରୂପେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ଉଦ୍‌ଘାଟନ କରିଥିଲେ। ପରିଚାଳକ ଦିଲ୍ଲୀପ ଲେଙ୍କା ଓ କମିଟି ସଭ୍ୟ ଭାଗୀରଥି ପାଢୀ ପିଲାଙ୍କୁ ଖେଳିବା ପାଇଁ ପ୍ରେରଣା ଦେଇଥିଲେ। ପ୍ରଧାନଶିକ୍ଷକ କୈଳାସ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କ୍ରୀଡ଼ାର ୧୦୦ ଓ ୨୦୦ମି ଦୌଡ, ବେଙ୍ଗଡିଆଁ, ଆଳୁ ଚାମଚ, ଛୁଞ୍ଚିସୂତା, ଜିଲାପି ଦୌଡ ଇତ୍ୟାଦି ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୩ଟି ଖେଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଆୟୁଷ୍ମାନ ମହାପାତ୍ରଙ୍କୁ ଚାମ୍ପିଅନ ଘୋଷଣା କରାଯାଇଥିଲା।

## ଜଳେଶ୍ୱର ମହିଳା ଡିଗ୍ରୀ କଲେଜ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



ଜଳେଶ୍ୱର, ୭।୧୨(ସମିସ): ଗୃହ ବିଜ୍ଞାନ ଏକ ଶ୍ରେଷ୍ଠ ବିଜ୍ଞାନ। ଏହା ମଣିଷର ଦୈନନ୍ଦିନ ଜୀବନଚର୍ଯ୍ୟା ସହିତ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ମାଆମାନେ ହେଉଛନ୍ତି ସର୍ବଶ୍ରେଷ୍ଠ ଗୃହ ବୈଜ୍ଞାନିକ ବୋଲି ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗତକାଲି ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ "ସ୍ଥାୟୀ ବିକାଶରେ ଗୃହ ବିଜ୍ଞାନର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଚନ୍ଦ୍ରଶେଖର ଗିରି ଓ ଅନ୍ୟତମ ଆଲୋଚକ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ଇପ୍ସିତା ଦାସ ରିସୋର୍ସ ପର୍ସନ ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ୯ଜଣ ଛାତ୍ରୀ ଶୁଭଶ୍ରୀ ପରିଡ଼ା, କୃଷ୍ଣାରାଣୀ ପ୍ରଧାନ, ତମନ୍ନା ବ୍ରହ୍ମ, ଅର୍ଚ୍ଚିତା ବେହେରା, ପ୍ରୀତି ଚାନ୍ଦ, ଉର୍ମି ଜେନା, ଶୁଭଲକ୍ଷ୍ମୀ ଜେନା, ଦେବଶ୍ରୀ ମଣ୍ଡଳ, କଲ୍ୟାଣୀ ଜେନା ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ପ୍ରାରମ୍ଭରେ ଗୃହ ବିଜ୍ଞାନ ବିଭାଗ ଅଧ୍ୟାପିକା ଅକିମା ଖାତୁନ ଅତିଥିଙ୍କୁ ମଞ୍ଚ ଆହ୍ୱାନ ଓ ସନ୍ଦର୍ଭ ପାଠ କରିଥିଲେ। ଅର୍ଚ୍ଚିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କ୍ରୀଡ଼ାସଂଘର ପୂର୍ବତନ ସାଧାରଣ ସମ୍ପାଦକ ଅଧିପ ଦାସଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର,୭।୧୨(ସମିସ): ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘର ପୂର୍ବତନ ସାଧାରଣ ସମ୍ପାଦକ ଅଧିପ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ସିଦ୍ଧି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପ୍ରେସ କ୍ଲବ୍ ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଦାସ, ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ସମାଜସେବୀ ସନ୍ତୋଷ ଦାସ, ଓଡ଼ିଶା ଫୁଟବଲ ଆସୋସିଏସନ୍ ଉପସଭାପତି ପଦ୍ମଲୋଚନ ଲେଙ୍କା, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ଦେବବ୍ରତ ପାଣିଗ୍ରାହୀ, ସତ୍ୟେନ୍ଦ୍ର ଦାସ, ରାଜେନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ସଂଖ୍ୟାଧିକ କ୍ରୀଡ଼ାପ୍ରେମୀ, ଜିଲ୍ଲା କ୍ରୀଡ଼ାସଂଘର କର୍ମକର୍ତ୍ତା, ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୀଳଗିରି, ୭।୧୨ (ସମିସ): ଭାଲୁ ଆକ୍ରମଣରେ ଜଣେ ବୃଦ୍ଧଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ବ୍ଲକର ଆରବନ୍ଧ ପଞ୍ଚାୟତର ଆରବନ୍ଧ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ (୭୯) ରବିବାର ଦିନ ପ୍ରାୟ ସାଢେ ଦଶଟା ସମୟରେ ନିଜ ଧାନ ବିଲକୁ ଯାଇଥିବା ବେଳେ ଗୋଟେ ଭାଲୁ ଅତର୍କିତ ଭାବେ ଆକ୍ରମଣ କରି ତାଙ୍କର ଛାତି, କାନ୍ଧ, ଜଙ୍ଘକୁ କାମୁଡି କ୍ଷତ ବିକ୍ଷତ କରିଦେଇଛି। ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚିବାରୁ ଭାଲୁଟି ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ପହଞ୍ଚି ପ୍ରଥମେ ବରହମପୁର ମେଡିକାଲ ପରେ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡ଼ିକାଲ ପରେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ୟୁଏନ୍ କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

ସୋର,୭।୧୨(ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ରାଷ୍ଟ୍ର ସର୍ବୋପରି (ରାଷ୍ଟ୍ର ପ୍ରଥମ) ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି' ଶୀର୍ଷକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ନିରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ବିଷ୍ଣୁମୋହନ ପଣ୍ଡା ମା' ଓ ମାତୃଭୂମି କିପରି ସ୍ୱର୍ଗଠୁ ସୁନ୍ଦର, ଏହା କିପରି ପ୍ରତିଟି ହୃଦୟର ସ୍ପନ୍ଦିତ ହେବା ଉଚିତ ବୋଲି ଦିଗଦର୍ଶନ ଦେଇଥିଲେ। ସ୍ୱାଭିମାନୀ ରାଷ୍ଟ୍ର କେବେ ତା'ର ସଂସ୍କୃତିକୁ ଛାଡ଼ିପାରେନାହିଁ ଓ ଏଥିପାଇଁ ଏକ ମଣିଷତ୍ୱ ତିଆରି କାରଖାନା ନିର୍ମାଣର ଅବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ମୁଖ୍ୟଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ନାୟକ ବ୍ୟକ୍ତିବାଦ ଅପେକ୍ଷା ରାଷ୍ଟ୍ରବାଦ ଉପରେ ଗୁରୁତ୍ୱାରୋପ କରି ବନ୍ଦେ ମାତରମ୍‌ର ଅର୍ଥ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭାସ ବିଶ୍ୱାଳ ଓ ଡ. ସତ୍ୟବ୍ରତ ଦାସ, ସମ୍ମାନିତ ବକ୍ତା ଭାବେ ଜନାର୍ଦ୍ଦନ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ଶେଷ ବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା କି'ନୋଟ ପାଠ କରିଥିଲେ। ଅଧ୍ୟାପିକା ରାଜଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଜ୍ଞାନରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟ ବିବାହ ସଚେତନତା କର୍ମଶାଳା

ଭୋଗରାଇ,୭।୧୨(ସମିସ): ଭୋଗରାଇ ବ୍ଲକ୍‌ର ପଞ୍ଚାୟତ ସମିତି ସଭାଗୃହରେ ବାଲ୍ୟ ବିବାହ ରୋକିବା ସହିତ ଗ୍ରାମ୍ୟ ସାମାଜିକ ସୁରକ୍ଷା ପାଇଁ ୪ ଦିନ ଧରି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସହିତ ବିଭିନ୍ନ ବର୍ଗର ଲୋକମାନେ ୧୮ ବର୍ଷରୁ କମ୍ ବୟସର ବାଳିକାଙ୍କୁ ବିବାହ କରାଇବା, ବିବାହ ଦେବା ଆଇନତଃ ଅପରାଧ ବୋଲି ଏହି ସଚେତନତା ଶିବିରରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ପ୍ରଚେଷ୍ଟାରେ ଏହି ବାଲ୍ୟବିବାହ ରୋକିପାରିବ ବୋଲି ଏହି ସଚେତନତା ଶିବିରରେ ମୁଖ୍ୟ ଆଲୋଚ୍ୟ ବିଷୟ ରହିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରଶାନ୍ତ ମହାରଣା, ବିପିଏମ ଷ୍ଟାଲିନ ନାୟକ, ଜିପିଓ ମଙ୍ଗଳ ମାଳତୀପ୍ରିୟା ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ବ୍ଲକ୍ ସଂଯୋଜକ ପ୍ରଦୀପ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା, ସମିତି ସଦସ୍ୟ, ଏମବିକେ, ସିଆରପି, ସ୍ୱୟଂସହାୟକ ଗୋଷ୍ଠୀ, ସରପଞ୍ଚ, ୱାର୍ଡ ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସିଆରସିସି ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ମାସିକ ବୈଠକ

କାଳିପଦା, ୭।୧୨(ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ଶୀତକାଳୀନ ମାସିକ ବୈଠକ ସ୍ଥାୟୀ ସଭାପତି ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ନେତା ନାରାୟଣ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସହସମ୍ପାଦକ ପୂର୍ବ ବିବରଣୀ ପାଠ କରିଥିବାବେଳେ ସଦସ୍ୟ ସନ୍ନ୍ୟାସୀ ବେହେରା ବେଦ ଓ ଗାୟତ୍ରୀ ମନ୍ତ୍ର ପାଠ କରିଥିଲେ। ଉପସଭାପତି ପୂର୍ଣ୍ଣଚନ୍ଦ୍ର ରାଜ, ସମ୍ପାଦକ ବଙ୍କିମ ଜେନା, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସଦସ୍ୟ ତଥା ସଂଗୀତଜ୍ଞ ଶଙ୍କର ଚରଣ ନାଥ ଜଗନ୍ନାଥ ଜଣାଣ ଗାନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ବିଜୟ ଦେ, ଡ. କୁଞ୍ଜକାନ୍ତ ପାତ୍ର, ବିଜୟ ପାତ୍ର, ଗୁଣାକର ପାଳ, କାର୍ତ୍ତିକ ରାଉତ, ଭୀମ ଚରଣ ସାମଲ, ଅନନ୍ତ ଗିରି, ବୀରମାଧବ ଦାସ, ଶମ୍ଭୁନାଥ ଗିରି, ସାହିତ୍ୟିକ କାଳାକିଙ୍କର ଦାସ, ବେଣୁଧର ମଣ୍ଡଳ, ଅଜିତ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ

ବାଲେଶ୍ୱର, ୭।୧୨(ସମିସ): ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ବାଲେଶ୍ୱର ସହରର ପୁଲିସ ଲାଇନ ଛକ ନିକଟରେ ଅବସ୍ଥାପିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ସ୍ୱରୂପ ଦାସ ଓ ସୁଧାଂଶୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ବାଲେଶ୍ୱର ବାର୍ ଆସୋସିଏସନର ପୂର୍ବତନ ସଭାପତି ମନୋଜ ନାୟକ, ବାମପନ୍ଥୀ ନେତା ଭାଗବତ ପ୍ରତିହାରୀ, ଶିଶିର ହୁଇ ଓ ନିର୍ମଳ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ସ୍ନେହଲତା ଦାସ ଓ ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଜନନାୟକଙ୍କ ଜୀବନାଦର୍ଶ ଓ ରାଷ୍ଟ୍ର ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନା, ରାମେଶ୍ୱର ବେହେରା, ଅରୁଣ ଜେନା, ନିଶିତ ବାରିକ, ତୁଷାର ମହାପାତ୍ର, ତରୁଣ ଦାସ, ସରୋଜ ଲେଙ୍କା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରେନ୍‌ରୁ ଖସି ବୃଦ୍ଧା ମୃତ

ଜଳେଶ୍ୱର ୭।୧୨(ସମିସ) : ଶନିବାର ରାତି ୭ଟା ସମୟରେ ଜଳେଶ୍ୱର ଷ୍ଟେସନର ଉତ୍ତର ବାରମୁହାଁ ପୋଲ ନିକଟରେ ଜଣେ ୫୫ବର୍ଷ ବୟସ୍କା ବୃଦ୍ଧା ଟ୍ରେନ୍‌ରୁ ଖସି ମୃତ୍ୟୁ ବରଣ କରିଛି। ଖୁଣ୍ଟି ନଂ ୧୮୨/୩୧ ଠାରେ ଅପ୍ ଲାଇନ୍‌ରେ କୌଣସି ଏକ ଟ୍ରେନ୍‌ରୁ ଖସିପଡିଥିବା ଅନୁମାନ କରାଯାଉଥିବା ବେଳେ ବୃଦ୍ଧା ଜଣକ ନାଲି ଛିଟ ରଂଗର ଶାଢୀ ପିନ୍ଧିଥିବା ଦେଖିବାକୁ ମିଳିଛି। ଆଜି ସକାଳେ ଖବର ପାଇ ଜିଆରପି ଜ୍ୟୋତିରଂଜନ ପାଢି ସଦଳବଳେ ମୃତ ଶରୀରକୁ ଉଦ୍ଧାର କରି ସଂରକ୍ଷିତ କରାଯାଇଥିବା କହିଛନ୍ତି।

# ରାଜ୍ୟସ୍ତରୀୟ ଫୁଟବଲ; ମେଦିନୀପୁର ଚାମ୍ପିଅନ

ସୋର, ୭।୧୨(ସମିସ)



ସୋର ୟୁଏନ୍ କଲେଜ ପଡ଼ିଆଠାରେ ସୋର ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ମମତାଜ୍ ହୁସେନ୍ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଖୁଦୀରାମ ନଗର ସୁବାଷ କର୍ନର ମେଦିନୀପୁର, ମୟୂରଭଞ୍ଜ ଏକାଦଶକୁ ୩-୨ ଗୋଲରେ ହରାଇ ଚାମ୍ପିଅନ ହୋଇଛି। ଆଜିର ଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୬ ମିନିଟରେ ମେଦିନୀପୁର ଜୀତ ମହାତ ପ୍ରଥମ ଗୋଲ ଦେଇ ୧-୦ ଦଳକୁ ଅଗ୍ରଣୀ ଦେଇଥିବା ବେଳେ ମୟୂରଭଞ୍ଜ ଏକାଦଶ ୧୨ ମିନିଟ ରେ ଗୋଲ ଦେଇ ବରାବର ସ୍ଥିତି ୧-୧ କୁ ଆଣିଥିଲେ। ପୁଣି ମେଦିନୀପୁରର ଶାନୁ ମହତ ୧୪ମିନିଟ୍ ରେ ଗୋଲ୍ ଦେଇ ୨-୧ ରେ ଅଗ୍ରଣୀ କରାଇଥିଲେ ପ୍ରଥମ ଅର୍ଦ୍ଧ ଖେଳ ସୁଦ୍ଧା ୨-୧ ଗୋଲ୍ ରେ ମେଦିନୀପୁର ଅଗ୍ରଣୀ ଥିଲା। ଦ୍ୱିତୀୟାର୍ଦ୍ଧରେ ମେଦିନୀପୁରର ସାଗୁନ ସୋରେନ ୪୩ ମିନିଟରେ ଗୋଲ୍ ଦେଇ ଦଳକୁ ୩-୧ରେ ଅଗ୍ରଣୀ ଦେଇଥିଲେ। ପରେ ମୟୂରଭଞ୍ଜକୁ ୪୭ ମିନିଟ୍‌ରେ ଏକ ପେନାଲ୍ଟିର ସୁଯୋଗ ମିଳିଥିଲା। ଏହାକୁ ହାତଛଡ଼ା କରିନଥିଲେ ମୟୂରଭଞ୍ଜ ର କ୍ୟାପଟେନ ସ୍ମାଇଲ। ଏହା ସହିତ ମେଦିନୀପୁର ଦଳ ୩-୨ ରେ ଆଗରେ ରହିଥିଲା। ପରେ କୌଣସି ଗୋଲ୍ ନ ହେବାରୁ ଖୁଡ଼ିରାମ୍ ନଗର ସୁବାଷ କର୍ନର ୩-୨ ରେ ବିଜୟୀ ହୋଇ ଟ୍ରଫି ସହ ନଗଦ ପଚାଶ ହଜାର ଟଙ୍କା ଜିତିଥିଲେ। ଅପର ପକ୍ଷରେ ମୟୂରଭଞ୍ଜ ଏକାଦଶ ରନର-ଅପ ଟ୍ରଫି ସହ ନଗଦ ତିରିଶ ହଜାର ପାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ମେଦିନୀପୁର ଜୀତ ମାହାତ, ଶ୍ରେଷ୍ଠ ଡିଫେଣ୍ଡର ଭାବେ ମେଦିନୀପୁରର ମାନିକ୍ ରାନା, ଶ୍ରେଷ୍ଠ ଗୋଲକିପର କୈଳାସ ବେରା, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମୟୂରଭଞ୍ଜର ଇସ୍ମାଇଲ ସିସେଙ୍କୁ ବିବେଚିତ କରାଯାଇଥିଲା। ଆଜିର ମ୍ୟାଚକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ସହାୟକ ରେଫରୀ ଭାବେ ମାନସ କୁମାର ବିଶ୍ୱାଳ ଓ ଜ୍ୟୋତିରଂଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିଲେ। ଉତ୍ତମ ବାରିକ ୪ର୍ଥ ରେଫରି ଥିଲେ। ଭାଷ୍ୟକାର ଭାବେ ଭାଗୀରଥି ପାତ୍ର ଏବଂ ମହେଶ୍ୱର ପତି ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡା ଯୋଗଦେଇ ଉଭୟ ଚମ୍ପିୟାନ ଏବଂ ରନର୍ସ ଅପ ଟିମକୁ ପୁରସ୍କୃତ କରିଥିଲେ। ଏହି ଖେଳକୁ ସୋର ଫୁଟବଲ ଆସୋସିଏସନ୍‌ର ସଭାପତି ଅଶୋକ କୁମାର ମହାନ୍ତି, ଉପସଭାପତି ବଙ୍କେଶ ବେହେରା, ରାଜେନ୍ଦ୍ର ମହାନ୍ତି, ସଂଗଠନ ସଂପାଦକ ମହେଶ୍ୱର ବେହେରା, ସହ ସଂପାଦକ ଅବଦୁଲ ଉଦୁତ ଖାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବାର୍ଷିକ ସମ୍ମିଳନୀ ପାଇଁ ବୈଠକ

ବାଲେଶ୍ୱର, ୭।୧୨(ସମିସ): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ବାର୍ଷିକ ସମ୍ମିଳନୀକୁ ସଫଳ କରିବା ପାଇଁ ଫିରିଙ୍ଗିପାଟଣାସ୍ଥ ଶିବମନ୍ଦିର ପରିସରରେ ସହଦେବଖୁଣ୍ଟା ଅଞ୍ଚଳରେ ମହିଳାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ସାଂସ୍କୃତିକ ପରିଷଦ ସଭାନେତ୍ରୀ ସୀତାମଣି ଦାସ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ା ଓ ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଆସନ୍ତା ସମ୍ମିଳନୀରେ ଅଧିକ ସଂଖ୍ୟାରେ ମହିଳା ଯୋଗ ଦେବାର ଗୁରୁତ୍ୱ ରହିଛି ବୋଲି କହିଥିଲେ। ଜିଲ୍ଲା କମିଟିର ମହିଳା ସାମ୍ମୁଖ୍ୟ ନେତ୍ରୀ ସରସ୍ୱତୀ ପଣ୍ଡା ସ୍ୱାଗତ ଜଣାଇଥିଲେ। ମେଡିକାଲ କଲେଜ ପ୍ରତିଷ୍ଠା ପରେ ବି ଏଠାରେ ହୃଦରୋଗ ଓ ସ୍ନାୟୁରୋଗ ପ୍ରଭୃତି ରୋଗ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏମସ୍ ହସ୍‌ପିଟାଲର ବହିର୍ବିଭାଗ ସପ୍ତାହକୁ ମାତ୍ର ଦୁଇଦିନ ଖୋଲାଯାଉଛି। ପୂର୍ବଭଳି ରୋଗୀ ଗୁରୁତର ରୋଗର ଚିକିତ୍ସା ପାଇଁ କଟକ କିମ୍ବା ଭୁବନେଶ୍ୱର ଯାଉଛନ୍ତି। ମେଡିକାଲ କଲେଜ ହସ୍‌ପିଟାଲ ଓ ଜିଲ୍ଲାର ବହୁ ସରକାରୀ ହସପିଟାଲରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ତେଣୁ ଆସନ୍ତା ସମ୍ମିଳନୀରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିଷ୍ପତ୍ତି ନେବାକୁ ଶ୍ରୀମତୀ ପଣ୍ଡ ଅନୁରୋଧ କରିଥିଲେ। ଆସନ୍ତା ୧୪ ତାରିଖରେ ଉଦ୍ୟୋଗ ଭବନରେ ଅନୁଷ୍ଠିତ ସମ୍ମିଳନୀକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ନିର୍ମଳା ବେଜ, ତୁଳସୀ ଦାସ, ଜୟନ୍ତୀ ପଣ୍ଡିତ, କ୍ରିଷ୍ଣା ସାହା, ସୁବାସିନୀ ନାୟକ, କନକ ପାଣିଗ୍ରାହୀ, ସଂଯୁକ୍ତ ବେହେରା, ସାବିତ୍ରୀ ପରମାଣିକ, ଅଞ୍ଜନା ସେନ ଓ ସନ୍ଧ୍ୟାରାଣୀ ସିଂହ ପ୍ରମୁଖ ଯୋଗ ଦେଇଥିବାବେଳେ ପ୍ରତିମା ମହାନ୍ତି ଧନ୍ୟବାଦ ଦେଇଥିଲେ।




### ଚଳିତବର୍ଷ ୧୭ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ, ଲକ୍ଷେ ଚାଷୀ ପଞ୍ଜିକୃତ

# ଆସିନି ଟୋକନ ଓ ଖୋଲିନି ଧାନମଣ୍ଡି

ବାଲେଶ୍ୱର,୭ ।୧୨(ସମିସ)




ଗତବର୍ଷ ବିଭ୍ରାଟ ଦେଖା ହେବା ପରେ ଚଳିତ ବର୍ଷ ମଣ୍ଡିରେ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏବେ ଚାଷୀଙ୍କ ଧାନ ଅମଳ ପାଖାପାଖି ସରିବାକୁ ବସିଥିବା ବେଳେ ଚାଷୀମାନେ ପୂର୍ବରୁ ପଞ୍ଜୀକରଣ ମଧ୍ୟ କରିସାରିଛନ୍ତି । ତେବେ ଡିସେମ୍ବର ମାସର ଗୋଟିଏ ସପ୍ତାହ ହୋଇଯାଇଥିବା ବେଳେ ଧାନ କିଣିବା ପାଇଁ ଜିଲ୍ଲାକୁ ଟାର୍ଗେଟ ମଧ୍ୟ ଆସି ସାରିଛି । ହେଲେ ଏ ପର୍ଯ୍ୟନ୍ତ ଜିଲ୍ଲାରେ ଧାନ ମଣ୍ଡି ଖୋଲା ହୋଇ ନ ଥିବା ବେଳେ ଚାଷୀମାନଙ୍କୁ ଟୋକନ ମଧ୍ୟ ଆସିନାହିଁ । ଏପରି ସ୍ଥଳେ ଚାଷୀମାନେ ବାଧ୍ୟ ହୋଇ କମ୍ ଦରରେ ବାହାରକୁ ପଠାଉଛନ୍ତି । ଜିଲ୍ଲା ଯୋଗାଣ ବିଭାଗ ଏବଂ ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ଏବେ ମଣ୍ଡିରେ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି । ଚଳିତ ବର୍ଷ ଜିଲ୍ଲାରୁ ବିଭିନ୍ନ ମଣ୍ଡିରୁ ଧାନ କିଣିବା ପାଇଁ ୧୬ ଲକ୍ଷ ୮୩ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ଆସିଛି । ଏହି ଧାନ ସବୁ ଜିଲ୍ଲାରେ ଥିବା ୧୭୬ଟି ମଣ୍ଡିରୁ କିଣାଯିବ । ଅନ୍ୟପଟେ ଚାଷୀମାନେ ପୂର୍ବରୁ ମଣ୍ଡିରେ ଧାନ ଦେବା ପାଇଁ ଅନଲାଇନ ପଞ୍ଜୀକରଣ ମଧ୍ୟ କରିସାରିଛନ୍ତି । ଚାଷୀମାନେ ସେମାନଙ୍କ ବିଲରୁ ଧାନ ଅମଳ କରିସାରିଥିବା ବେଳେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବାଧ୍ୟ ହୋଇ ସେମାନେ କମ ଦରରେ ବାହାରକୁ ପଠାଉଛନ୍ତି । ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ, ଚଳିତ ବର୍ଷ ଏକ ଲକ୍ଷ ୨୫ହଜାର ୫୭୬ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଯାହାକି ସେମାନେ ମଣ୍ଡି ମାଧ୍ୟମରେ ସରକାରଙ୍କୁ ଧାନ ବିକ୍ରି କରିବେ । ହେଲେ ଡିସେମ୍ବର ମାସର ଗୋଟିଏ ସପ୍ତାହ ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଟୋକନ ମଧ୍ୟ ଆସି ନାହିଁ କିମ୍ବା ମଣ୍ଡି ମଧ୍ୟ ଖୋଲାଯାଇପାରି ନାହିଁ । ଚଳିତ ବର୍ଷ ଜିଲ୍ଲାରେ ଏସଏଚଜି ଗ୍ରୁପକୁ ମିଶାଇ ମୋଟ ୧୭୬ଟି ମଣ୍ଡିରେ ଧାନ ନିଆଯିବ । ଜିଲ୍ଲାରେ ଚଳିତ ବର୍ଷ ସିମୁଳିଆ ବ୍ଲକରେ ୧୦ହଜାର ୯୯୪ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସୋର ବ୍ଲକରେ ୮ହଜାର୨୬୦ଜଣ,ବାହାନଗା ବ୍ଲକରେ ୧୦ହଜାର୬୬୫, ଜଳେଶ୍ୱର ବ୍ଲକରେ ୧୧ହଜାର୨୨୭, ବସ୍ତା ବ୍ଲକରେ ୧୧ହଜାର୩୨୨, ନୀଳଗିରି ବ୍ଲକରେ ୫ହଜାର୮୮୨, ଔପଦା ବ୍ଲକରେ ୬ହଜାର୮୨୨, ଖଇରା ବ୍ଲକରେ ୧୫ହଜାର୩୬୨, ଭୋଗରାଇ ବ୍ଲକରେ ୧୨ହଜାର୪୯୭, ବାଲିଆପାଳ ବ୍ଲକରେ ୧୦ହଜାର୨୬୫, ରେମୁଣା ବ୍ଲକରେ ୯ହଜାର୫୬୧ ଏବଂ ସଦର ବ୍ଲକରେ ୧୩ହଜାର ୫୧ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ତେବେ ଆବେଦନ କରିଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କିଣାଯିବ । ଚଳିତ ବର୍ଷ ଏହି ଧାନ କିଣିବା ପାଇଁ ମୋଟ ୨୧ଟି ମିଲକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହାଛଡା ମିଲରମାନେ ଚାଷୀମାନଙ୍କ ଠାରୁ ଏଫଏକ୍ୟୁ ମାନର ଧାନ ନେବା ସହ ସେମାନଙ୍କୁ ଅଖାବସ୍ତା ମଧ୍ୟ ପ୍ରଦାନ କରିବେ । ଏନେଇ ସମବାୟ ସମିତି ସମୂହ ବାଲେଶ୍ୱର ଡିଭିଜନର ଉପନିବନ୍ଧକ ସରୋଜିନି ନାୟକ କହିଛନ୍ତି ଯେ, ଚଳିତ ବର୍ଷ ମଣ୍ଡିରେ ଧାନ କିଣା ସମୟ ହୋଇଆସିଲାଣି । ଏକ ଲକ୍ଷରୁ ଅଧିକ ଚାଷୀ ଆବେଦନ କରିଥିବା ବେଳେ ସମସ୍ତଙ୍କର ପଞ୍ଜୀକରଣ କାଏମ ରହିଛି । ଚଳିତ ମାସ ୨୯ ତାରିଖରେ ମଣ୍ଡିରେ ଧାନ କିଣା ଶୁଭାରମ୍ଭ ହେବାକୁ ଥିବା ବେଳେ ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ନିକଟକୁ ଟୋକନ ପହଁଚିବ ।

## ଜିଲ୍ଲା କାଷ୍ଠ କାରିଗର ସଙ୍ଘର କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର, ୭।୧୨(ସମିସ): ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲା କାଷ୍ଠ କାରିଗର ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ପୂର୍ବତନ ସଭାପତି ତ୍ରୈଲୋକ୍ୟ ନାଥ ମହାରଣାଙ୍କ ଦେହାନ୍ତ ହେତୁ ସଭାପତି ପଦ ଦୁଇ ବର୍ଷ ରୁ ଅଧିକ ସମୟ ଧରି ଖାଲି ପଡ଼ିଥିଲା । ଆଜି ସଙ୍ଘର ସଦସ୍ୟ ମାନେ ଏକାଠି ହୋଇ ସହମତି ଭିତ୍ତିରେ ସଭାପତି ଭାବେ ମନସୁର ଅଲ୍ଲୀ, ସମ୍ପାଦକ ଭାବେ ରାଜେଶ କୁମାର ଶର୍ମା, ଉପସଭାପତି ଭାବେ ଅଜୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଭାବରେ ଉମାକାନ୍ତ ମିସ୍ତ୍ରୀ,




ସହ ସମ୍ପାଦକ ଅନିରୁଦ୍ଧ ସେନାପତି, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ସ ଏବଂ ସହ କୋଷାଧ୍ୟକ୍ଷ ଭାବେ ଡମ୍ବରୁଧର ଦାସଙ୍କୁ ଚୟନ କରିଛନ୍ତି । ଚାରି ବର୍ଷରେ ଥରେ ସଙ୍ଘର ନିର୍ବାଚନ ହେବାର ନିୟମ ରହିଛି । ନବ ନିର୍ବାଚିତ ସଭାପତି ମନସୁର ଅଲ୍ଲୀ ଜିଲ୍ଲା ର ସମସ୍ତ କାଷ୍ଠ କାରିଗର ମାନେ ଏକଜୁଟ ହୋଇ ସଙ୍ଘ କୁ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଛନ୍ତି । ସଙ୍ଘର ନିଜସ୍ୱ କାର୍ଯ୍ୟାଳୟ ନୀଳଗିରିରେ ଥିବା ସଙ୍ଘ ର ଜମିରେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ । ଏହା ସହିତ ବିଶ୍ୱ କର୍ମାଙ୍କ ଏକ ମନ୍ଦିର ଓ ଏକ ବୃଦ୍ଧାଶ୍ରମ ଉକ୍ତ ଜମିରେ ନିର୍ମାଣ କରାଯିବ । ରାଜ୍ୟ ସରକାର ମାତ୍ରାଧିକ ବୟସ ହୋଇଯାଇଥିବା କାଷ୍ଠ କାରିଗରଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଆର୍ଥିକ ଓ ସାମାଜିକ କଲ୍ୟାଣ ଯୋଜନା କରି ନ ଥିବା ବେଳେ ବରିଷ୍ଠ କାଷ୍ଠ କାରିଗର ଚାହିଁଲେ ଉକ୍ତ ବୃଦ୍ଧା ଶ୍ରମ ରେ ରହି ପାରିବେ ଓ ସେମାନଙ୍କୁ ମାଗଣା ଖାଦ୍ୟ ବସ୍ତ୍ର ସଙ୍ଘ ଦେବ । ଏହା ସହିତ ସେମାନଙ୍କ ଦେହାନ୍ତ ହେଲେ ଅନ୍ତେଷ୍ଟି କ୍ରିୟା ମଧ୍ୟ ସଂଘ କରିବ ବୋଲି ସଭାପତି କହିଛନ୍ତି ।

## ୭୪-୭୫ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ମିଳନ ଉତ୍ସବ



ବାଲେଶ୍ୱର, ୭।୧୨(ସମିସ): ଫକୀରମୋହନ ମହାବିଦ୍ୟାଳୟର ୧୯୭୪-୭୫ ମସିହା ଛାତ୍ର ସଂସଦର ନିର୍ବାଚିତ କର୍ମକର୍ତ୍ତା,ଉପଦେଷ୍ଟା ମାନଙ୍କର ଛାତ୍ର ସଂସଦ ର ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ବନ୍ଧୁମିଳନ ଉତ୍ସବ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସଭା ଗୃହରେ ୭୪ ମସିହା ଛାତ୍ର ସଂସଦର ସଭାପତି ନିତ୍ୟଗୋପାଳ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ତମ କୁମାର ଚାନ୍ଦ ପ୍ରାକ କଥନ ରଖି ଥିବାବେଳେ ୭୪ ମସିହାର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ । ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଅନିରୁଦ୍ଧ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଣିଜ୍ୟ ବିଭାଗ ର ମୁଖ୍ୟ ଅଭିଜିତ ଦାସ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଅଭୟ ମହାପାତ୍ର, ନିରୋଦ ମହାନ୍ତି, ବିଷ୍ଣୁଦାସ କୁଣ୍ଡୁ, କଲ୍ୟାଣ ଦେ, ରମାକାନ୍ତ ମହାନ୍ତି, ଗୋପାଳ ଜେନା, ସ୍ମିତା ଦାସ, ସ୍ନିଗ୍ଧା କୁଣ୍ଡୁ, ଶକ୍ୟସିଂ ଦାସ, କାଳିଚରଣ ମହାରଣା, ସୁବାସ ମିଶ୍ର, ଲିଙ୍ଗରାଜ ପଣ୍ଡା, ସନ୍ତୋଷ ମହାନ୍ତି, କଲ୍ୟାଣ କୁମାର ଦତ୍ତ, ଦିନେଶ ଚାଟାର୍ଜି ପ୍ରମୁଖ ମତ ରଖିଥିଲେ । ବିଷ୍ଣୁ ପ୍ରସାଦ ମହାନ୍ତି ପୂର୍ବ ଦିନ ବିଷୟରେ ସ୍ମୃତି ଚାରଣ କରିବା ସହ ଧନ୍ୟବାଦ ଦେଇଥିଲେ ।

## ଗାଁ ଦାଣ୍ଡରେ ଯୁବକଙ୍କୁ ଘୋଷାଡ଼ି ମାଡ଼ ଘଟଣାରେ ୩ ଗିରଫ

ବାଲେଶ୍ୱର,୭ ।୧୨(ସମିସ): ସଦର ଥାନା ଅର୍ନ୍ତଗତ ପରୀଖୀ ଫାଣ୍ଡି ଅର୍ନ୍ତଗତ ତେଲଗଡିଆ ଅଂଚଳର ଯୁବକ ଦେବାଶିଷ ହାତୀଙ୍କୁ ଅମାନୁଷିକ ଭାବେ ବେକରେ ରଶି ଲଗାଇ ଗାଁ ଦାଣ୍ଡରେ ଘୋଷାଡ଼ି ଘୋଷାଡ଼ି ମାଡ ମାରିବା ଭିଡିଓ ଭାଇରାଲ ହୋଇଥିଲା । ଦେବାଶିଷଙ୍କ ପତ୍ନୀ ଶେଫାଳୀ ହାତୀଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ୫୭୪/୨୫ ନମ୍ବରରେ ଏକ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗତକାଲି ବିଳମ୍ବିତ ରାତିରେ ପୁଲିସ ଉକ୍ତ ଗାଁରେ ଚଢ଼ାଉ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୂୟାଁ(୪୫), ସୁରେନ୍ଦ୍ର ଭୂୟାଁ(୪୨) ଏବଂ ତାପସ ପରିଡା(୪୧) । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି । ଏହାଛଡା ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ମଧ୍ୟ ଖୁବ ଶିଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ବିଦ୍ୟାଳୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବାଲେଶ୍ୱର, ୭।୧୨(ସମିସ): ଏସଆରବି ସ୍ୱସ୍ତିକ ଫାଉଣ୍ଡେସନ ପକ୍ଷରୁ ସ୍କୁଲରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଛି । ଏହି ସଂଗଠନ ଗତ ୪ ବର୍ଷ ହେବ ଅନେକ ସମାଜ କଲ୍ୟାଣ କାର୍ଯ୍ୟରେ ନିଜର ସଂଗଠନ ମାଧ୍ୟମରେ ନିଜକୁ ନିୟୋଜିତ ରଖିଛନ୍ତି । ସେଗୁଡିକ ମଧ୍ୟରେ ବୃକ୍ଷରୋପଣ, ଫ୍ରି ମେଡ଼ିସିନ୍ କ୍ୟାମ୍ପ, ରକ୍ତଦାନ ଶିବିର, ଅସହାୟଙ୍କୁ ସାହାଯ୍ୟ ଆଦି ରହିଛି ।ଏବେ ସଂଗଠନ ପକ୍ଷରୁ ଏକ ନୂତନ ପ୍ରତିଯୋଗିତା ଆରମ୍ଭ କରାଯାଇଛି । ପିଲାମାନେ କେମିତି



ଶିକ୍ଷିତ ଓ ଜ୍ଞାନ ବୃଦ୍ଧି କରିବେ ସେଥିପାଇଁ ସ୍କୁଲରେ କରୁଛନ୍ତି ଜିକେ ପ୍ରତିଯୋଗିତା । ତେଣୁ ତାହାର ପ୍ରଥମ ପ୍ରୟାସ କରିଛନ୍ତି ଡାହାପଡା ଚିନ୍ତାମଣି ହାଇସ୍କୁଲ ରେ । ଦହପଡ଼ା ହାଇସ୍କୁଲରେ ପ୍ରାୟ ଶହେରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତା ରେ ଭାଗ ନେଇଥିଲେ । ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ହୋଇଥିବାବେଳେ ସ୍କୁଲର ଅନ୍ୟ ଶିକ୍ଷକ ଅମରେଶ ଦେ, ନୋରୁତ୍ତମ ଷଡ଼ଙ୍ଗୀ, ଅଜୟ ବିଶ୍ୱାଳ, ପଦ୍ମଲୋଚନ ନାୟକ ଓ ଗଜେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ । ସଂଗଠନ ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନ୍ୟ କର୍ମକର୍ତ୍ତା ସବିତା ମହାନ୍ତି, ଅମିତା ଚାନ୍ଦ, ରଞ୍ଜିତ ପୃଷ୍ଟି, ବିଜୟ ବାରିକ, ରଜତ ବାରିକ, ଗତିକୃଷ୍ଣ ପାତ୍ର, ସୁବ୍ରତ ଦାସ, ହରିଶ ଜେନା, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂଜା ଓ ଅମରଙ୍କ ପ୍ରେମ କାହାଣୀରେ ନୂଆ ଟୁଇଷ୍ଟ

ବାଲେଶ୍ୱର,୭ ।୧୨(ସମିସ):ସେଜଲ(ପୂଜା) ଓ ଅମରଙ୍କ ପ୍ରେମ କାହାଣୀରେ ଏବେ ଏକ ନୂଆ ଟୁଇଷ୍ଟ ଦେଖିବାକୁ ମିଳିଛି । ଏବେ ଅମର ନିଜକୁ ସଠିକ ବୋଲି ପ୍ରମାଣିତ କରିବାକୁ ଚାହୁଁଥିବା ବେଳେ ସେ ସୋସିଆଲ ମିଡିଆରେ ଏକ ଭିଡିଓ କରି ପୋଷ୍ଟ କରିଛନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ଓଡ଼ିଆ ଯୁବକ ଅମର ଏବଂ ଆମେରିକାରେ ପାଳିତା କନ୍ୟା ସେଜଲ ଓରଫ ପୂଜାଙ୍କ ପ୍ରେମ କାହାଣୀରେ ପ୍ରତ୍ୟେକ ଦିନ ନୂଆ ଟୁଇଷ୍ଟ ଦେଖିବାକୁ ମିଳୁଛି । ଦୀର୍ଘ ବର୍ଷର ସମ୍ପର୍କକୁ ଛାଡି ନିଜ ପ୍ରେମିକ ଅମରଙ୍କ ନିକଟକୁ ପୂଜା ଫେରି ଆସିବା ପାଇଁ ମିଛ କାହାଣୀ ରଚନା କରିଥିଲେ । ଗୋଟିଏ ପରେ ଗୋଟିଏ ଘଟଣାରେ ଅମର ବିବାଦୀୟ ହୋଇ ପଡ଼ିଥିବା ବେଳେ ଏବେ ଅମର ନିଜକୁ ସଠିକ ପ୍ରମାଣିତ କରିବା ପାଇଁ ସଫେଇ ଦେଉଛନ୍ତି । ଯାହାର ଏକ ଭିଡିଓ ମଧ୍ୟ ନିଜେ ପୋଷ୍ଟ କରିଛନ୍ତି । ସେଥିରେ ସେ କହୁଛନ୍ତି ଯେ, ସେ ନିଜେ ସେଜଲ କିମ୍ବା ତାଙ୍କ ପାଳିତ ମାଁଙ୍କୁ ଏକ କୋଟି ଟଙ୍କା ମାଗି ନାହିଁ । ବରଂ ସେମାନେ ତାଙ୍କ ଆଡୁ ଅମରଙ୍କୁ ଏକ କୋଟି ଟଙ୍କା ଯାଚି ଥିଲେ । ସେଜଲଙ୍କ ପାଳିତ ମା ସୁସି ଜନ ନିଜ ବିବୃତ୍ତିକୁ ନେଇ ସଙ୍କଟରେ ପଡିଥିବା ବେଳେ ଏପଟେ ପ୍ରେମିକା ପାଇଁ କିଛି ବି କରିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି ଅମର କହିଛନ୍ତି । ଏହାବ୍ୟତିତ ଅମର ନାରୀ ସଂଘ ମଧ୍ୟରେ ଧସେଇ ପସିବାକୁ ଉଦ୍ୟମ ବେଳେ ନାରୀ ସଂଘ ଅଧ୍ୟକ୍ଷା ତାଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗ କରିଛନ୍ତି ।

## ଜାନୁଆରୀ ୭ରେ ସୁବର୍ଣ୍ଣରେଖା ଗ୍ରାମ୍ୟ ମହୋତ୍ସବ

ଜଳେଶ୍ୱର, ୭।୧୨(ସମିସ): କରୋନା ମହାମାରୀ ପୂର୍ବରୁ ପଶ୍ଚିମବାର୍ଡଠାରେ ଅନୁଷ୍ଠିତ ହୋଇଆସୁଥିବା ସୁବର୍ଣ୍ଣାରେଖା ଗ୍ରାମ୍ୟ ମହୋତ୍ସବ ପୁଣି ୭ ବର୍ଷ ପରେ ଆଗାମୀ ଜାନୁଆରୀ ୭ ତାରିଖରୁ ଆରମ୍ଭ ହେବ ବୋଲି ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଛି । ଧାନଚାଷ ଅମଳ ପରେ ଗ୍ରାମାଞ୍ଚଳରେ ସେପରି କିଛି ଆମୋଦ ପ୍ରମୋଦର ମାଧ୍ୟମ ନ ଥିବାବେଳେ ଏହି ଭାଇଚାରାର ଉତ୍ସବ ସୁବର୍ଣ୍ଣରେଖା ଗ୍ରାମ୍ୟ ମହୋତ୍ସବ ଏହାର ଗୁରୁତ୍ୱ ବହନ କରିଥାଏ । ଚଳିତବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ଲାଗି କଳାକାର, ସିନେ ତାରକା, ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶୁଭାଗମନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି । ରମେଶ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ରଜମୋହନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସୁକୁମାର ମିଶ୍ର, ଚନ୍ଦନ ଜେନା, ଅନନ୍ତ ଜେନା, ରବୀନ୍ଦ୍ର ରାୟ, କରାମତ ଅଲ୍ଲିସାହା, ହରେନ୍ଦ୍ର ଜେନା, ମଦନମୋହନ ପାତ୍ର, ରବୀନ୍ଦ୍ର ପ୍ରଧାନ, ମହମ୍ମଦ ହୋସେନ, ବାପୁଜୀ ଦାସ, ସୂର୍ଯ୍ୟକୁମାର ମିଶ୍ର, ସେକ୍ ହବିବୁଲ, ରବୀନ୍ଦ୍ର ପାଳ, ସେକ୍ ରାଜଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲ୍ଲାରେ ତୁରନ୍ତ ଧାନମଣ୍ଡି ଖୋଲିବାକୁ ସ୍ମାରକପତ୍ର



ବାଲେଶ୍ୱର, ୭।୧୨(ସମିସ): ଦେଢ଼ ବର୍ଷ ହେଲା ପରିବର୍ତ୍ତନ ହେଲାଣି ଡବଲ ଇଂଜିନ ସରକାର ହେଲେ ବାଲେଶ୍ୱର ସମେତ ସମଗ୍ର ରାଜ୍ୟରେ କୃଷକ ମାନଙ୍କ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଯାଇଛି । ଏ ନେଇ କୃଷକ ସଭା ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି । ରାଜ୍ୟ ସରକାର ପଶ୍ଚିମ ଓଡିଶାରେ ନଭେମ୍ବର ମାସ ପହିଲା ଓ ଅବଶିଷ୍ଟ ଜିଲ୍ଲାରେ ନଭେମ୍ବର ତିରିଶ ତାରିଖ ସୁଦ୍ଧା ଧାନ ମଣ୍ଡି ଖୋଲିବାକୁ ନୀତିଗତ ନିଷ୍ପତ୍ତି ନେଇଥିଲେ । ଆଜି ଡିସେମ୍ବର ସାତ ତାରିଖ ହୋଇଥିଲେ ମଧ୍ୟ ଜିଲ୍ଲାର କୌଣସି ଗୋଟିଏ ହେଲେ ବି ଧାନ ମଣ୍ଡି ପାକ୍ସ ପକ୍ଷରୁ ଖୋଲାଯାଇ ପାରି ନାହିଁ । ତେଣୁ ତୁରନ୍ତ ଧାନ ମଣ୍ଡି ପ୍ରଶାସନ ପକ୍ଷରୁ ଖୋଲିବାକୁ ଦାବି କରାଯାଇଛି । ଧାନ ମଣ୍ଡି ଖୋଲିବାରେ ଜାଣି ଶୁଣି ଅବହେଳା କରାଯିବା ପଛରେ ଷଡ଼ଯନ୍ତ୍ର ରହିଥିବା ସଭାର ବରିଷ୍ଠ ନେତା ପ୍ରେମ ରଞ୍ଜନ ପାତ୍ର ଓ ସାଧାରଣ ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି । ମଣ୍ଡି ଖୋଲା ଯିବାରେ ବିଳମ୍ବ ହେବା ଯୋଗୁଁ ଚାଷୀ ମାନେ ପଶ୍ଚିମ ବଙ୍ଗର ଦଲାଲ ମାନଙ୍କୁ କୁଇଣ୍ଟାଲ ପିଛା ବାର ଶହ ଟଙ୍କା ରେ ବିକ୍ରି କରିଦେଉଛନ୍ତି । ସରକାର କୁଇଣ୍ଟାଲ ପିଛା ୨୯୦୦ଟଙ୍କା ଦେବେ ବୋଲି ଘୋଷଣା କରିବା ସହ ଆଠ ଶହ ଟଙ୍କା ବୋନସ ଦେବେ ବୋଲି ବିଧାନସଭା ଭିତରେ ଘୋଷଣା କରିଥିଲେ । ତେବେ ବଡ଼ ବଡ଼ ଚାଷୀ, ଦଲାଲ ଏବଂ ମିଲର ମାନଙ୍କ ପାଇଁ ସରକାର କାମ କରୁଥିବା ଏହି ମଣ୍ଡି ଖୋଲାରେ ବିଳମ୍ବ କରାଯାଉଛି ବୋଲି ଶ୍ରୀ ପାତ୍ର କହିଛନ୍ତି । ଯଦି ପ୍ରଶାସନ ତୁରନ୍ତ ଧାନ ମଣ୍ଡି ନ ଖୋଲିଲେ ଚାଷୀମାନେ ପ୍ରତି ବ୍ଲକରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏଣୁ ଏ ନେଇ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ବେଳେ ସମ୍ପାଦକ ଦିଲ୍ଲୀପ ଗିରି, ସୀତାଂଶୁ ସେନାପତି, ପ୍ରଭାକର ବେହେରା, ଷ୍ଟାଲିନ ମିଶ୍ର, ଗୋବିନ୍ଦ ବାରିକ, ଶଙ୍କର ଗୋଛାୟତ, ଅକ୍ଷୟ କୁମାର ରଣା, ପଲଟୁ ଦାସ, ସୁଦର୍ଶନ ବେହେରା, ଦେବବ୍ରତ ମାଝି, ବିଜୟ ଗାହାଣ, ଭଗବାନ ମହାନ୍ତି, ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଥିଲେ ।

## ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ପାଳିତ

ବାଲେଶ୍ୱର,୭ ।୧୨(ସମିସ): ସହିଦ ଜୟୀରାଜଗୁରୁଙ୍କ୨୧୯ତମ ବଳିଦାନ ଦିବସ ରେମୁଣା ବ୍ଲକ ଅର୍ନ୍ତଗତ ଚଷାଖଣ୍ଡ ଗ୍ରାମପଂଚାୟତ ଅର୍ନ୍ତଗତ ମେଦିନପୁର ଗ୍ରାମରେ ସହିଦ ଜୟୀରାଜଗୁରୁ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଶୋକ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ମାନବ ଅଧିକାର ସଭାପତି ଉମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଆଲୋଚନା କରାଯାଇଥିଲା । ମେଦିନପୁର ବଳୀଦାନ ପୀଠକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପ୍ରଦାନ କରିବା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଥିଲା । ଡ. ଅମ୍ବରୀଶ ଶତପଥି ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, କର୍ମକର୍ତ୍ତା ଗଙ୍ଗାଧର ମହାନ୍ତି, ଜୟଚନ୍ଦ୍ର ଦ୍ୱାରୀ, ରବୀନ୍ଦ୍ର ସେଠୀ, ବନମାଳୀ ମହାନ୍ତି, ନରେନ୍ଦ୍ର ସାହାଣୀ, ତପନ ଦ୍ୱାରୀ,



ପୂର୍ବତନ ସଭାପତି ଡ ଶିରିଶ ଜେନା ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଡ. ଅକ୍ଷୟ ଜେନା, ଚଷାଖଣ୍ଡ ସରପଂଚ କେଦାର ସାହୁ ଏବଂ ଜିଲ୍ଲା ସନ୍ତୋଷ ଦାସ, ମନସରଞ୍ଜନ ଦ୍ୱାରୀ ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠାନର ପରାମର୍ଶଦାତା ନିମାଇଁଚରଣ ଦାସ ଧନ୍ୟବାଦ ଦେଇଥିଲେ ।

## ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

ବାଲେଶ୍ୱର,୭।୧୨(ସମିସ): ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୁରସ୍କୃତ କରାଯାଇଛି । 'କ' ବର୍ଗରେ ରାଣୀଗୋଡା ନୋଡାଲ୍ ୟୁପି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ହରପ୍ରିୟା କମିଳା ପ୍ରଥମ, ଛଣପୁର ନୋଡାଲ୍ ୟୁପି ସ୍କୁଲ ସପ୍ତମ ଶ୍ରେଣୀ ଛାତ୍ର ଅଂଶୁମାନ ଭୋଇ ଦ୍ୱିତୀୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦକ୍ଷିଣୋଡା ଅଷ୍ଟମ ଶ୍ରେଣୀର ଛାତ୍ର ଆୟୁଷ ପାଢୀ ତୃତୀୟ, 'ଖ' ବର୍ଗରେ ଶକୁନ୍ତଳା ସରକାରୀ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଗୌତମୀ ଦାସ ପ୍ରଥମ, ଟାଉନ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ର ସମୀର ବେହେରା ଦ୍ୱିତୀୟ ଓ ଜଗନ୍ନାଥ ସରକାରୀ ଉ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ପୁରସ୍କୃତ କରିଥିଲେ । ଏ ଅବସରରେ ଜିଲ୍ଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ ଜେନା ଉପସ୍ଥିତ ଥିଲେ ।

## ସମୂହ ଛୁଟିରେ ଯିବେ ଭେଲୋରା ଆଦର୍ଶ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ

ରାଜଘାଟ, ୭।୧୨ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ଶିକ୍ଷାର ଗୁଣବତ୍ତା,ଶିକ୍ଷକ ମାନଙ୍କ ନ୍ୟାୟସଙ୍ଗତ ଦାବିକୁ ନେଇ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ । ବିଦ୍ୟାଳୟ ର କର୍ମଚାରୀଙ୍କୁ ସରକାରୀ ମାନ୍ୟତା,କ୍ୟାଡର ରୁଲ୍,ଗ୍ରେଡ ପେ ବୃଦ୍ଧି,ଓଡ଼ିଆ ପିଜିଟି ପୋଷ୍ଟ ସକ୍ରିୟ କରିବା,ସମାନ କାମକୁ ସମାନ ଦରମା,ଛାତ୍ରଛାତ୍ରୀମାନଙ୍କୁ ନିଟ୍ ଓ ଜେଇଇ ପରୀକ୍ଷାରେ ୧୫ ପ୍ରତିଶତ ସଂରକ୍ଷଣ ଓ ଏନ୍ ଏମ୍ ଏମ୍ ଏମ୍ (ଘଗଗଝ) ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି ଭଳି ୧୩ ଦଫା ଦାବିରେ ଗତ ନଭେମ୍ବର ୧୬ ରେ ରାଜ୍ୟସ୍ତରୀୟ ପ୍ରେସ୍ ମିଟ୍ ପରେ ରାଜ୍ୟ ତମାମ ଗତ ୨୪ରୁ ୨୯ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ୬ ଦିନିଆ ଶାନ୍ତି ପୂର୍ଣ୍ଣ ପ୍ରତିବାଦ କରି ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କ୍ରମରେ ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ରିପୁଦମନ ସୌରଭ ମିଶ୍ର ଓ ସମ୍ପାଦକ ସୁଭାଶିଷ ଦାସଙ୍କ ଆହ୍ୱାନ କ୍ରମେ ବସ୍ତା ବ୍ଲକ୍ ର ଭେଲୋରା ସ୍ଥିତ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସଙ୍ଗଠନର ଦାବିକୁ ସମର୍ଥନ ଜଣାଇ ଆଜିଠାରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ।

# ବ୍ୟାଙ୍କ ଠକେଇ; ଦୁଇ ମହିଳାଙ୍କ ସମେତ ତିନି ଗିରଫ

ବାଲେଶ୍ୱର,୭ ।୧୨(ସମିସ)



ବାଲେଶ୍ୱର ପୁଲିସ ଠକେଇ ହେଉଥିବା ଏକ ନୂଆ ଉପାୟକୁ ପର୍ଦ୍ଦାଫାସ କରିଛି । ବିଶେଷ କରି ମୁଲ ବ୍ୟାଙ୍କ ଖାତା ଉପରେ ଧରପଗଡ କରିଛି । ଯାହାଫଳରେ ପୁଲିସ ଦୁଇ ଜଣ ମହିଳାଙ୍କ ସମେତ ମୋଟ ତିନିଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ସୋର ବ୍ରାହ୍ମଣସାହିର ଗାୟତ୍ରୀ ହାସଁଦା(୨୭), କାଳନ୍ଦୀପାଟଣା ଅଂଚଳର ବର୍ଣ୍ଣିଅର୍ଚ୍ଚନା ବେହେରା(୩୯) ଏବଂ ମହୁମୁହାଣ ଅଞ୍ଚଳର ରୋମିୟ ରଞ୍ଜନ ନାୟକ(୨୮) । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ତିନୋଟି ମୋବଇଲ ଜବତ କରିବା ସହ ଗୋଟିଏ କାର ମଧ୍ୟ ଜବତ କରିଛି । ପୁଲିସ ମୁଲ ବ୍ୟାଙ୍କ ଖାତା ଉପରେ ଧରପଗଡ କରିଥିଲା । ବିଶେଷ କରି ଏହି ମୁଲ ବ୍ୟାଙ୍କ ଖାତା ହେଉଛି ଅନ୍ୟ ଜଣଙ୍କ ପାଇଁ ଠକେଇ କିମ୍ବା ଅବୈଧ ଟଙ୍କା ନେଣଦେଣ କରିବା ପାଇଁ ବ୍ୟବହୃତ ହେଉଥିବା ଖାତାକୁ ମୁଲ ବ୍ୟାଙ୍କ ଖାତା କୁହାଯାଇଥାଏ । ବିଶେଷ କରି ଏଭଳି ସାଇବର ଠକେଇ ମାମଲା ପୁଲିସ ନଜରକୁ ଆସିବା ପରେ ଅନେକ ସାଇବର ଠକେଇ ମାମଲାରେ ବ୍ୟବହୃତ ହୋଇଥିବା ଖାତା ଗୁଡିକୁ ଚିହ୍ନଟ କରି ସାଇବର ଥାନାରେ ଏକ ୫୨/୨୫ନମ୍ବରରେ ଏକ ମାମଲା ହୋଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, କିଛି ବ୍ୟକ୍ତି ସେମାନଙ୍କ ବ୍ୟାଙ୍କ ଖାତା ଚଳାଚଳ, ଟଙ୍କା ଉଠାଣ ଓ ଅନ୍ୟମାନଙ୍କ ଦ୍ୱାରା ଅପରାଧିକ କାରବାର ପାଇଁ ସୁବିଧା ଯୋଗାଉଥିବା କଥା ସାମନାକୁ ଆସିଥିଲା । ଏପରିକି ଏହି ବ୍ୟାଙ୍କ ଖାତା ଗୁଡିକ ମୁଖ୍ୟତଃ ଫିସିଙ୍ଗ(ସାଇବର ଠକେଇ), ଫୋନପେ କ୍ୟାସବ୍ୟାକ ଠକେଇ, ଅନଲାଇନ ପାର୍ଟ ଟାଇମ ଜବ ମାଧ୍ୟମରେ ଠକେଇ, ଇନଭେଷ୍ଟମେଂଟ ଫ୍ରଡ ଓ ଗୁଗୁଲ ରିଭ୍ୟୁ ଠକେଇ ଭଳି ବିଭିନ୍ନ ସାଇବର ଅପରାଧରେ ବ୍ୟବହୃତ ହୋଇଥିଲା । ସେହି ଖାତା ଗୁଡିକ ମାଧ୍ୟମରେ ବ୍ୟାପକ ଭାବେ ଟଙ୍କା ନେଣଦେଣ ହୋଇଥିବା ମଧ୍ୟ ଜଣାପଡ଼ିଥିଲା । ତଦନ୍ତ ଆଧାରରେ ପୁଲିସ ଉପରୋକ୍ତ ୩ଜଣ ବ୍ୟାଙ୍କ ଖାତାଧିକାରୀକୁ ଗିରଫ କରିବାରେ ସଫଳ ହୋଇଛି । ଏହି ଠକେଇରେ ଅନେକ ଅପରାଧି ସାମିଲ ରହିଥିବା ନେଇ ପୁଲିସ ସନ୍ଦେହ କରୁଥିବା ଅଧିକ ତଦନ୍ତ ଜାରି ରହିଛି ।

ସକାଳ
THE SAKALA

# ସମ୍ପାଦକୀୟ



କିଛିଲୋକ ସଫଳତାର ସ୍ୱପ୍ନ ଦେଖନ୍ତି, କିନ୍ତୁ ଆଉ କିଛି ଲୋକ ସଫଳ ହେବା ପାଇଁ କଠିନ ପରିଶ୍ରମ କରନ୍ତି।
-ମାର୍କ ଜୁକରବର୍ଗ

## ବିମାନ ବିଭ୍ରାଟ: ଦାୟୀ କିଏ?

ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋର ଗତ ଚାରିଦିନ ମଧ୍ୟରେ ପ୍ରାୟ ୧୮୦୦ ବିମାନ ଉଡ଼ାଣ ବାତିଲ ହୋଇଛି। ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ନଥିବାରୁ ସଂସ୍ଥା ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଯାତ୍ରୀମାନେ ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ବିମାନବନ୍ଦର ସାମ୍ନାରେ ଆନ୍ଦୋଳନ କରିଛନ୍ତି। ଗୋଟିଏ ସଂସ୍ଥାର ପରିଚାଳନାଗତ ବିଭ୍ରାଟ ପାଇଁ ସମଗ୍ର ଦେଶର ସ୍ୱାଭାବିକ ବିମାନଯାତ୍ରା ଓ ଜୀବନଯାତ୍ରା ବ୍ୟାହତ ହୋଇଛି ଏବଂ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଅନ୍ୟ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସେମାନଙ୍କ ଟିକେଟ୍ ମୂଲ୍ୟକୁ ମନଇଚ୍ଛା ବୃଦ୍ଧି କରିଛନ୍ତି। ପ୍ରତିଭୂତି ବଜାରରେ ଇଣ୍ଡିଗୋର ଅଂଶଧନ ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକମାନେ କ୍ଷତି ସହିଛନ୍ତି। ତେଣୁ ଇଣ୍ଡିଗୋ ପ୍ରସଙ୍ଗ ସଂସଦୀୟ ବାତାବରଣକୁ ମଧ୍ୟ ଉଷ୍ମ କରିଛି। ଏହାପରେ କେନ୍ଦ୍ର ସରକାର ଘଟଣାର ତଦନ୍ତ ଲାଗି ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

ଅଧୁନା ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଜୀବନଯାତ୍ରା ପୂର୍ବାପେକ୍ଷା କ୍ଷୀପ୍ର ହୋଇଛି। ତା'ସହିତ ସମୟର ମୂଲ୍ୟ ବହୁଗୁଣରେ ବଢ଼ିଯାଇଛି। ଏହି ପୃଷ୍ଠଭୂମିରେ ବିମାନ ସେବା 'ବିଳାସ'ରୁ 'ଆବଶ୍ୟକତା'ରେ ରୂପାନ୍ତରିତ ହୋଇଛି। ଲୋକଙ୍କର ଏହି କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବାରେ ଘରୋଇ ସଂସ୍ଥାମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଥିବାରୁ କୌଣସି ସ୍ଥାନରେ କେତେବେଳେ ଅନିୟମିତତା ସୃଷ୍ଟି ହେଲେ ସାମଗ୍ରିକ ବ୍ୟବସ୍ଥା ପ୍ରଭାବିତ ହେଉଛି। ଇଣ୍ଡିଗୋର ବିମାନ ସେବା ବାତିଲ୍ ହେବା ପରେ ରେଳବାଇ ସହାୟତାର ହାତ ବଢ଼ାଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହୋଇପାରିନାହିଁ। ତେଣୁ ଏହି ବିଭ୍ରାଟ ପଛରେ ଥିବା କାରଣ ଓ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ଏହି ସଙ୍କଟ ପାଇଁ ଇଣ୍ଡିଗୋର ଶ୍ରମନୀତିକୁ ପ୍ରମୁଖ କାରଣ ଭାବେ ଦର୍ଶାଯାଉଛି। ପୂର୍ବରୁ ପାଇଲଟ୍‌ମାନଙ୍କ ପାଇଁ ସାପ୍ତାହିକ ବିଶ୍ରାମ ସମୟ ୧୨ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ତାହାକୁ ନିରନ୍ତର ଚାରିଗୁଣା ବଢ଼ାଇ ୪୮ ଘଣ୍ଟା କରାଯାଇଛି। ସେହିପରି ପୂର୍ବରୁ ରାତ୍ରିକାଳୀନ ଅବତରଣ ସଂଖ୍ୟା ଛଅ ଥିବା ବେଳେ ତାହା ଦୁଇକୁ ହ୍ରାସ କରାଯାଇଛି। ଏହି ନୂଆ ନିୟମ ଲାଗୁ କରିବା ପୂର୍ବରୁ ପାଇଲଟ୍ ଅନୁପସ୍ଥିତି ବା ଅଭାବ ପୂରଣ କରିବାକୁ ଇଣ୍ଡିଗୋ ପର୍ଯ୍ୟାପ୍ତ ପାଇଲଟ୍ ନିୟୋଜିତ କିମ୍ବା ବିକଳ୍ପ ବ୍ୟବସ୍ଥା କରିବାର ଥିଲା। ଇଣ୍ଡିଗୋର ଏହି ନୂଆ ଶ୍ରମନିୟମକୁ ବେସମାରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ମଧ୍ୟ ଅଣଦେଖା କରିଥିଲା। ତେଣୁ ସରକାର ଏବେ ସ୍ୱତଃ ପ୍ରଶ୍ନ ଘେରକୁ ଆସିଛନ୍ତି। ସାଧାରଣ ସଡ଼କ ପରିବହନ ବ୍ୟବସ୍ଥାରେ କୌଣସି ସ୍ଥାନରେ ଅସ୍ୱାଭାବିକତା ସୃଷ୍ଟି ହେଲେ ତାହାର ଫାଇଦା ଯେପରି ଅନ୍ୟ କେତେକ ଗାଡ଼ିମାଲିକ ଉଠାଇ ଯାତ୍ରୀଙ୍କୁ ଶୋଷଣ କରନ୍ତି ସେଭଳି ନିନ୍ଦନୀୟ ଘଟଣା ସମ୍ପ୍ରତି ବିମାନ ସେବାରେ ଦେଖିବାକୁ ମିଳିଛି। ତେଣୁ ବିମାନ ଯାତ୍ରା ଭଳି ସ୍ୱତନ୍ତ୍ର ଓ ଅଗ୍ରାଧିକାର ସେବା କ୍ଷେତ୍ର ଉପରେ ଯେ ସରକାରଙ୍କ କର୍ତ୍ତୃତ୍ୱ ଓ ଦୃଷ୍ଟି ନାହିଁ ତାହା ପ୍ରମାଣିତ ହୋଇଛି।

ଘରୋଇ ବ୍ୟବସାୟିକ ସଂସ୍ଥାରେ ସରକାର ତୃତୀୟ ପକ୍ଷର ଭୂମିକା ନିର୍ବାହ କରୁଥିବାରୁ ପ୍ରଥମ ଦୁଇପକ୍ଷର ଆପତ୍ତି ଅଭିଯୋଗ ନ ଆସିବା ପର୍ଯ୍ୟନ୍ତ ସରକାର ହସ୍ତକ୍ଷେପ କରିବା କଥା ନୁହେଁ। କିନ୍ତୁ ବିମାନ ଯାତ୍ରା ଭଳି ଯେଉଁ ସେବାଗୁଡ଼ିକ ସାର୍ବଜନୀନ ଓ ଦେଶର ସାମୂହିକ ସ୍ୱାର୍ଥ ସହିତ ଜଡ଼ିତ ଏବଂ ବହୁମୁଖୀ କ୍ଷେତ୍ର ସହିତ ସଂଯୋଜିତ, ସେଠାରେ ସରକାର ହାତବାନ୍ଧି ବସିପାରିବେ ନାହିଁ। ସମ୍ପ୍ରତି ଭାରତରେ ସରକାରୀ ବିମାନ ଚଳାଚଳ କରୁନାହିଁ କି ସରକାର ପ୍ରତ୍ୟକ୍ଷ ଭାବେ ବିମାନ ସେବା ସହିତ ସମ୍ପୃକ୍ତ ନାହାନ୍ତି। ଭାରତୀୟ ବିମାନ ସେବା ସମ୍ପୂର୍ଣ୍ଣ ରୂପେ ଘରୋଇ ହାତମୁଠାକୁ ଚାଲିଯାଇଛି। ଯଦି ସେମାନଙ୍କ ଇଚ୍ଛାରେ ବିମାନ ଚାଲିବ ତେବେ ଡିଜିସିଏ ପରି ବିଭାଗଟି ରହିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ଇଣ୍ଡିଗୋ ପରି ଘରୋଇ ସଂସ୍ଥାର କର୍ମସଂସ୍କୃତି, ନୀତି, ନିୟମ ତା'ର ନିଜସ୍ୱ। କିନ୍ତୁ ଦେଶର ୬୦% ବିମାନ ସେବାକୁ ନିଜ ଅଧୀନରେ ରଖିଥିବା ଏକ ସଂସ୍ଥା କର୍ମସଂସ୍କୃତିର ଏକଚାଟିଆ ସଂଶୋଧିତ ନିୟମ ପ୍ରଣୟନ କରିବା ପୂର୍ବରୁ ଡିଜିସିଏକୁ ଅବଗତ କରିଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦେଶର ସାମଗ୍ରିକ ଶ୍ରମ ଓ ମାନବ ସମ୍ବଳ ସମ୍ପର୍କିତ ନୀତି ନିର୍ଦ୍ଧାରଣ ଓ ସ୍ୱାର୍ଥ ରକ୍ଷା ଦାୟିତ୍ୱ ସରକାରଙ୍କର। ଯଦି ଇଣ୍ଡିଗୋ ସଂଶୋଧିତ ଶ୍ରମ ନୀତି ସମ୍ପର୍କରେ ଡିଜିସିଏ କିମ୍ବା ଶ୍ରମ ବିଭାଗକୁ ସୂଚିତ କରିଥିଲା ତେବେ ଉକ୍ତ ବିଭାଗ ନିଦାବିଷ୍ଟ ସାଜିଥିଲେ ଏବଂ ସମ୍ପୂର୍ଣ୍ଣ ଘଟଣା ପାଇଁ ବିଭାଗର ଅଦୂରଦର୍ଶିତା ହିଁ ଉତ୍ତରଦାୟୀ ବୋଲି କହିବାକୁ ହେବ।

ଏହା ଭିତରେ ଏକ ସ୍ପର୍ଶକାତର ପ୍ରସଙ୍ଗ ଲୁଚି ରହିଛି। ଇଣ୍ଡିଗୋ ବିଭ୍ରାଟ ଘଟଣାରୁ ପ୍ରମାଣିତ ହେଉଛି ଯେ ଜରୁରିକାଳୀନ ପରିସ୍ଥିତିରେ ବିକଳ୍ପ ବ୍ୟବସ୍ଥା କିମ୍ବା ତତ୍କାଳ ସ୍ଥିତି ସମ୍ଭାଳିବା ଦକ୍ଷତା ସରକାରଙ୍କ ପାଖରେ ନାହିଁ। ଗୋଟିଏ ସଂସ୍ଥାର ମନମୁଖି ପରିଚାଳନା ସମଗ୍ର ଦେଶର ବିମାନ ଯାତ୍ରାକୁ ବିବ୍ରତ ଓ ବିଭ୍ରାଟ କରିଦେଲା। ଏଥିରୁ ସରକାର ଶିକ୍ଷାଲାଭ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ଏଭଳି ସ୍ଥିତିର ମୁକାବିଲା ପାଇଁ ସଦାପ୍ରସ୍ତୁତ ଏକ ଟିମ୍ ଗଠନ କରିବା ଆବଶ୍ୟକ। ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱ ବଜାରରେ ପାଇଲଟ୍ ଅଭାବ ବିମାନ ସେବା ପ୍ରଦାନକାରୀ ସଂସ୍ଥାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଏହି ଆହ୍ୱାନର ମୁକାବିଲା ପାଇଁ ମଧ୍ୟ ମିଳିତ ଯୋଜନା ପ୍ରସ୍ତୁତ କରିବା ଅପରିହାର୍ଯ୍ୟ।

ଅଭିଯୋଗ ଆସିଛି ଯେ ଇଣ୍ଡିଗୋର ଏହି ବିଭ୍ରାଟ ପଛରେ କର୍ପୋରେଟ୍ ଲବିର ଏକ ବଡ଼ ଚକ୍ରାନ୍ତ ରହିଛି। ଭାରତର ୬୦ ପ୍ରତିଶତ ବିମାନ ସେବା ଅଂଶଧାରୀ ଇଣ୍ଡିଗୋର ଅଂଶଧନ ମୂଲ୍ୟ ପ୍ରତିଭୂତି ବଜାରରେ ହ୍ରାସ କରିବା ପାଇଁ ଏଭଳି ଷଡ଼ଯନ୍ତ୍ର ରଚନା କରାଯାଇଛି। ଏହି ଅଭିଯୋଗ ପଛର ଭିତ୍ତି ସନ୍ଦେହାସ୍ପଦ। କିନ୍ତୁ ଏହାକୁ ଅଣଦେଖା ମଧ୍ୟ କରାଯାଇପାରିବ ନାହିଁ। ସେହିଭଳି ଖାଉଟି ସୁରକ୍ଷା ଆଇନ ୨୦୧୯ କୁ ବିମାନ ଯାତ୍ରା କ୍ଷେତ୍ରରେ ସକ୍ରିୟ ପ୍ରୟୋଗ କରିବାର ଦାବି ଜୋରଦାର ହେବା ଆବଶ୍ୟକ। ଯାତ୍ରୀମାନେ କ୍ଷତିଭରଣା ବାବଦ ଅର୍ଥରାଶି ପାଇବେ ନିଶ୍ଚୟ। କିନ୍ତୁ ତାହା ତାଙ୍କ ଜୀବନର ଅସଲ କ୍ଷତି ଭରଣା କରିବାରେ ସମର୍ଥ ହେବ ନାହିଁ। ସରକାରୀ ଅବହେଳା ହେଉ କିମ୍ବା ଇଣ୍ଡିଗୋର ଅପରିଣାମଦର୍ଶିତା, ଏଥିରେ ଜରୁରିକାଳୀନ ସ୍ଥିତିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଜୀବନ ଯନ୍ତ୍ରଣା ଜନିତ କ୍ଷତିଭରଣା କରିବ କିଏ?

## ବିପନ୍ନ ଗୋପନୀୟତା

ସମ୍ପ୍ରତି ମୋବାଇଲ୍ ଫୋନ୍‌ର କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନ, ବିକ୍ରି ଓ ବ୍ୟବହାର ସହିତ ଅବାଞ୍ଛିତ କଲ ଓ ମେସେଜ୍, ସାଇବର ଅପରାଧ, ହ୍ୟାଣ୍ଡସେଟ୍ ଚୋରି ଆଦି ଅଘଟଣା ମଧ୍ୟ ବଢ଼ିଚାଲିଛି। ଏଥିସହିତ ଏତଲା ଓ ମାମଲା ବୋଝ ମଧ୍ୟ ବଢ଼ୁଛି। ସ୍ମାର୍ଟଫୋନ୍ ବ୍ୟବହାରକାରୀ ବା ଗ୍ରାହକମାନଙ୍କୁ ଏହିସବୁ ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେବା ପାଇଁ 'ସଞ୍ଚାରସାଥୀ' ନାମକ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତ୍ୟକ୍ଷ ସରକାରୀ ପୃଷ୍ଠପୋଷକତାରେ ବିକଶିତ ଏକ ସୁରକ୍ଷା 'ଆପ୍'କୁ ସ୍ମାର୍ଟଫୋନ୍‌ରେ ରଖିବା(ଇନଷ୍ଟଲ୍) ଲାଗି କେନ୍ଦ୍ର ସରକାର ଉତ୍ସାହିତ, ସୂଚନା ଓ ପରାମର୍ଶ ଦେଇ ଆସୁଛନ୍ତି।

ଉପରୋକ୍ତ ମହତ୍ ଉଦ୍ଦେଶ୍ୟରେ ବିକଶିତ ତଥା ଉପଭୋକ୍ତା ଅନୁକୂଳ ଭାବେ ସାଧାରଣରେ ଦୃଷ୍ଟିଗୋଚର ହେଉଥିବା ଏହି 'ଆପ୍'ଟି ବିବାଦ ଓ ବିତର୍କ ଘେରକୁ ଆସି ନଥା'ନ୍ତା ଯଦି ନିର୍ମାତାମାନଙ୍କୁ ସ୍ମାର୍ଟଫୋନ୍ ବିକାଶ ସମୟରେ ହିଁ ଅବିଚ୍ଛେଦ୍ୟ ଭାବେ 'ସଞ୍ଚାରସାଥୀ' ରଖିବା ବାଧ୍ୟତାମୂଳକ ବୋଲି ଟେଲିଯୋଗାଯୋଗ ବିଭାଗ ଗୁପ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ି ନଥା'ନ୍ତା। ଏହାର ଅର୍ଥ ସ୍ମାର୍ଟଫୋନ୍‌ଟିଏ କିଣିବା ବେଳେ ସେଥିରେ କମ୍ପାନୀ ପ୍ରଦତ୍ତ କେତେକ 'ଆଜନ୍ମ ଆପ୍' ପରି 'ସଞ୍ଚାରସାଥୀ'ର ଉପସ୍ଥିତି ମଧ୍ୟ ଅନିବାର୍ଯ୍ୟ ହେବ, ଯାହାକୁ ଡିଲିଟ୍ ବା ହଟାଇ ଦେବା ଗ୍ରାହକ/ବ୍ୟବହାରକାରୀ ପକ୍ଷରେ ସମ୍ଭବ ହେବ ନାହିଁ। ଯେଉଁମାନେ ପୂର୍ବରୁ ସ୍ମାର୍ଟଫୋନ୍ କିଣିସାରିଛନ୍ତି ସେମାନଙ୍କ ପାଇଁ ସଫ୍ଟୱେର ଅପଡେଟ୍ କରିବା ସମୟରେ ଯେଉଁଭଳି ଆପେ ଆପେ 'ସଞ୍ଚାରସାଥୀ' 'ଆପ୍'ଟି ଇନ୍‌ଷ୍ଟଲ୍ ହୋଇଯିବ ସେଭଳି ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

'ସଞ୍ଚାରସାଥୀ' ସାଇବର ଅପରାଧୀ ଓ ଫୋନ୍ ଚୋରଙ୍କୁ ଠାବ କରିବାରେ ଯେତିକି ସତର୍କ, ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯାଞ୍ଚରେ ତା'ଠାରୁ ଅଧିକ ଚତୁର ଓ ଦକ୍ଷ। ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ କଥାବାର୍ତ୍ତା, ଯୋଗାଯୋଗ ନମ୍ବର, ଭୌଗୋଳିକ ଉପସ୍ଥିତି, କ୍ୟାମେରା, ଟର୍ଚ୍ଚ ଆଦିକୁ ମଧ୍ୟ 'ସଞ୍ଚାରସାଥୀ' ତନଖି କରିପାରିବା ଓ ସତର୍କ ଦୃଷ୍ଟି ରଖି କରିପାରିବାର କ୍ଷମତାଧାରୀ ଓ ଅନୁମତିପ୍ରାପ୍ତ। ସରଳ ଭାଷାରେ କହିଲେ କୌଣସି ବ୍ୟାଙ୍କ ପାଇଁ ନିଯୁକ୍ତ ସୁରକ୍ଷାକର୍ମୀ ବାହ୍ୟ ସୁରକ୍ଷା ସହିତ ସମ୍ପୃକ୍ତ ବ୍ୟାଙ୍କର ଲକର, ଆଇରନ୍ ଚେଷ୍ଟର ଚାବି ଓ କମ୍ପ୍ୟୁଟରର ପାସ୍‌ୱାର୍ଡ ଆଦି ତା' ଜିମା ଦେବାକୁ ସର୍ତ୍ତ ରଖିବା ପରି 'ସଞ୍ଚାରସାଥୀ' ସମ୍ପୃକ୍ତ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସମସ୍ତ ଗୋପନୀୟ ଓ ବ୍ୟକ୍ତିଗତ କ୍ଷେତ୍ରରେ ପ୍ରବେଶ କରିବାର ଅଧିକାର ରଖେ। ତେଣୁ ଏହି 'ଆପ୍' ପଛର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସନ୍ଦେହଘେରକୁ ଆସିବା ସ୍ୱାଭାବିକ।

ସମ୍ବାଦ ସରବରାହ ସଂସ୍ଥା 'ରଏଟର'ରେ ସରକାରଙ୍କ ଏ ଗୁପ୍ତ ନିର୍ଦ୍ଦେଶ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିରୋଧାଭାସ ଓ ରାଜନୈତିକ ଝଡ଼ ସୃଷ୍ଟି ହେଲା। 'ସଞ୍ଚାରସାଥୀ' 'ଆପ୍' ମାଧ୍ୟମରେ ଜନତାଙ୍କ ହାବଭାବ, କଥାବାର୍ତ୍ତା ଓ ଚିନ୍ତା ଚେତନା ଉପରେ କେନ୍ଦ୍ର ସରକାର ଗୁଇନ୍ଦାଗିରି କରିବାର ଦୁରଭିସନ୍ଧି ରଖିଥିବା ଅଭିଯୋଗ ଉଠିଲା। ଆପଲ୍, ସାମସଙ୍ଗ ପରି କେତେକ ଆଗଧାଡ଼ିର ସ୍ମାର୍ଟଫୋନ୍ ନିର୍ମାତା ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ମାନିବା ପାଇଁ ରୋକ୍‌ଠୋକ୍ ମନା କରିବା ପରେ 'ସଞ୍ଚାରସାଥୀ'ର ଭୂମିକା ଆହୁରି ବିବାଦୀୟ ହୋଇପଡ଼ିଲା। ସଂସଦର ଚଳିତ ଶୀତ ଅଧିବେଶନରେ ଏ ସମ୍ପର୍କରେ ତୁମୁଳ ହଟ୍ଟଗୋଳ ହେବା ପରେ ଶେଷରେ ସରକାର ବାଧ୍ୟ ହୋଇ ଉପରୋକ୍ତ ନିର୍ଦ୍ଦେଶନାମାକୁ ସଂଶୋଧନ କରି 'ବାଧ୍ୟତାମୂଳକ' ବଦଳରେ 'ଇଚ୍ଛାଧୀନ' କରିଛନ୍ତି। କିନ୍ତୁ ଗତ ଜାନୁଆରୀମାସରୁ ପ୍ରାୟ ୫୦ ଲକ୍ଷ ମୋବାଇଲ୍ ଫୋନ୍‌ରେ ଡାଉନ୍‌ଲୋଡ୍ ଓ ଇନଷ୍ଟଲ୍ ହୋଇସାରିଥିବା ଏହି 'ଆପ୍' ଜରିଆରେ କେତେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଛି ଏବଂ ଗୋପନୀୟତାର କେତେ ଉଲ୍ଲଙ୍ଘନ ହୋଇଛି ତାହା ଆଉ ଏକ ଜଟିଳ ନୈତିକ ପ୍ରଶ୍ନ ଉପସ୍ଥାପନ କରିଛି।

ଏହାପୂର୍ବରୁ ୨୦୧୯ରେ ସମାନ ବିରୋଧାଭାସ ସୃଷ୍ଟି ହୋଇଥିଲା ଇସ୍ରାଏଲ୍ କମ୍ପାନୀ ଏନ୍‌ଏସ୍‌ଓ ନିର୍ମିତ 'ପେଗାସସ'(ସ୍ମାର୍ଟଫୋନ୍‌କୁ ଏକ କଲ୍ ଆସିବା ସହିତ ଏହି ଆପ୍ ଆପେ ଆପେ ଇନ୍‌ଷ୍ଟଲ୍ ହୋଇଯିବ) ପ୍ରସଙ୍ଗରେ। ରାଜନୈତିକ ନେତା, ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବିରୋଧୀ ରାଜନୈତିକ ଦଳ, ସାମ୍ବାଦିକ, ଆନ୍ଦୋଳନକାରୀ, ନୀତି ନିର୍ଦ୍ଧାରକ, ବିଚାରପତି, ପୁଲିସ୍, ବୁଦ୍ଧିଜୀବୀ, ପ୍ରଶାସକ ଓ ଶିଳ୍ପପତି ସମେତ ସାଧାରଣ ନାଗରିକଙ୍କ ଫୋନ୍ ବାର୍ତ୍ତାଳାପ ଓ ସୂଚନା ବିନିମୟକୁ ବେଆଇନ୍ ଭାବେ 'ପେଗାସସ୍' ମାଧ୍ୟମରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ରେକର୍ଡିଂ କରାଯାଉଛି ବୋଲି ଅଭିଯୋଗ ଉଠିଥିଲା। ଏହାକୁ ନେଇ ସଂସଦରେ ଅଚଳାବସ୍ଥା ସୃଷ୍ଟି ହେଲା। ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଗଲା। ସରକାର ନିଜ ପକ୍ଷ ରଖିବା ବେଳେ ଦେଶର ସୁରକ୍ଷା ଆଳରେ ବନ୍ଦ ଲଫାଫାରେ ସତ୍ୟପାଠ ଦାଖଲ କରିବାରୁ ସରକାରଙ୍କ ଆଭିମୁଖ୍ୟ ଆହୁରି ବିବାଦୀୟ ହୋଇପଡ଼ିଲା। ଗଣମାଧ୍ୟମ ରିପୋର୍ଟ, ବିବାଦାସ୍ପଦ ବିବୃତ୍ତି ଓ ଆରୋପ-ପ୍ରତ୍ୟାରୋପର କଳରବ ଭିତରେ 'ପେଗାସସ୍' ପ୍ରସଙ୍ଗ ଜନମାନସକୁ କିଛିମାସ ମୁଖରିତ କରିବା ପରେ ଏବେ ଏକପ୍ରକାର ନିରୁଦ୍ଦିଷ୍ଟ ହୋଇଯାଇଛି। ଇତିମଧ୍ୟରେ 'ପେଗାସସ୍' ଜରିଆରେ ଗୋପନୀୟ ଓ ବ୍ୟକ୍ତିଗତ ତଥ୍ୟ ଉଲ୍ଲଙ୍ଘନ ହୋଇଛି କି ନାହିଁ ତାହାର କୌଣସି ନିର୍ଭରଯୋଗ୍ୟ ସୂଚନା ନାହିଁ। 'ପେଗାସସ୍' ବିବାଦ ପୂର୍ବରୁ ଟିଭି ସେଟ୍‌ଅପ୍ ବକ୍ସରେ ଏକ ମାଇକ୍ରୋଚିପ୍ ଖଞ୍ଜିବା ପାଇଁ ସରକାରଙ୍କ ଯୋଜନା ମଧ୍ୟ ବିବାଦ ସୃଷ୍ଟି କରିଥିଲା। ଲୋକଙ୍କ ପସନ୍ଦ/ନାପସନ୍ଦ, ସମର୍ଥନ/ବିରୋଧ, କ୍ରିୟା/ପ୍ରତିକ୍ରିୟା, ମତାମତ ଆଦିର ପ୍ରତ୍ୟକ୍ଷ ଓ ବାସ୍ତବ ସୂଚନା ସଂଗ୍ରହ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ଟ୍ରାଇ'କୁ ଏହି ଚିପ୍ ଯୋଜନା ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହା ବିବାଦୀୟ ହେବା ପରେ ପ୍ରତ୍ୟାହାର କରି ନିଆଯାଇଥିଲା।

ଗୋପନ ତଥ୍ୟ ସଂଗ୍ରହ ଶାସନର ଏକ ଆବଶ୍ୟକତା, ଏହା ଅନସ୍ୱୀକାର୍ଯ୍ୟ। ଏକଚ୍ଛତ୍ରବାଦରୁ ଗଣତନ୍ତ୍ର ପର୍ଯ୍ୟନ୍ତ ବିଶ୍ୱର ପ୍ରାୟ ସମସ୍ତ ଶାସନ ବ୍ୟବସ୍ଥାରେ ଏହା ପରିବ୍ୟାପ୍ତ। କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କ ଗୋପନ ତଥ୍ୟ ସଂଗ୍ରହ କିମ୍ବା ଗୁଇନ୍ଦାଗିରିର ଗନ୍ଧ ମିଳିଲେ ତାହା ଅଧିକ ବିବାଦୀୟ ହୁଏ। ଶାସନତନ୍ତ୍ର ନିନ୍ଦିତ ହୁଏ; ନିରପେକ୍ଷତା, ବିଶ୍ୱସନୀୟତା ଓ ଉତ୍ତରଦାୟିତ୍ୱ ଉପରେ ଆପେ ଆପେ ପ୍ରଶ୍ନଚିହ୍ନ ଲାଗିଯାଏ। ବିରୋଧୀ ଦଳ, ସମାଲୋଚକ ଓ ବୁଦ୍ଧିଜୀବୀଙ୍କ ସମାଲୋଚନା ଶକ୍ତି ଏବଂ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହୁଏ। ଗଣମାଧ୍ୟମର କଣ୍ଠରୋଧ ଜରିଆରେ ଭିନ୍ନମତ, ପ୍ରତିବାଦର ସ୍ୱର ସଂକୋଚନ କରିଦିଆଯାଏ।

ଦେଶର ପ୍ରତିରକ୍ଷା, ଅଖଣ୍ଡତା, ସାର୍ବଭୌମତା ଓ ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ସରକାରଙ୍କ ଦ୍ୱାରା ଗୋପନୀୟ ତଥ୍ୟ ସଂଗ୍ରହ ଦୋଷାବହ ନୁହେଁ। ଅଧିକନ୍ତୁ ତଥ୍ୟ ହିଁ ବିକାଶର ଇନ୍ଧନ। ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳର ବିକାଶ କେବଳ ସେଥିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଏବଂ ଏକ ନୂତନ ପ୍ରୟୋଗ ଆଣିଛି। କିନ୍ତୁ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଗୋପନୀୟ ନିର୍ଦ୍ଦେଶ ଆଧାରିତ ହେଲେ ସ୍ୱତଃ ସନ୍ଦେହ ସୃଷ୍ଟି ହୁଏ ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ। ନିଷ୍ଠୁର ସତ୍ୟ ଏହା ଯେ ଆମ ଗଣତାନ୍ତ୍ରିକ ସରକାରମାନେ ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ନିଜର ଓ ଦଳର ସ୍ୱାର୍ଥ ପାଇଁ ଗୁଇନ୍ଦାଗିରି କରିବାକୁ ଅଧିକ ପସନ୍ଦ କରନ୍ତି। ତେଣୁ ଭାରତରେ ଆପ୍ ମାଧ୍ୟରେ ଗୁଇନ୍ଦାଗିରିର ଅଭିଯୋଗ ଉଠିବା ମାତ୍ରେ ତାହା ଅଧିକ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରେ।

ପୂର୍ବରୁ 'ଆଧାର' ପ୍ରସଙ୍ଗରେ ଯେଉଁଭଳି ବ୍ୟକ୍ତିଗତ ତଥ୍ୟ ଚୋରି ଓ ଗୋପନୀୟତାର ପ୍ରଘଟ ଆଶଙ୍କା କରାଯାଉଥିଲା, ତାହା ଏବେ ସ୍ମାର୍ଟଫୋନ୍ କ୍ଷେତ୍ରକୁ ସଞ୍ଚରିତ ହୋଇଛି। ବିଭିନ୍ନ ସ୍ମାର୍ଟଫୋନ୍ କମ୍ପାନୀ ଓ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାମାନେ ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ତାହାକୁ ଭବିଷ୍ୟତରେ ବିଭିନ୍ନ କାମରେ ଲଗାଇବାକୁ ସଂରକ୍ଷିତ କରି ରଖନ୍ତି; ଆବଶ୍ୟକ ହେଲେ ଅନ୍ୟ ସଂସ୍ଥା ଏପରିକି ବିଦେଶୀ ସଂସ୍ଥାଙ୍କୁ ମୋଟା ଅର୍ଥରାଶି ପ୍ରତିବଦଳରେ ବିକ୍ରି କରନ୍ତି। ଏବେ ନାଗରିକଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟତା ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟର ଭିତରେ ବନ୍ଦୀ। ତେଣୁ ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନୁଶୀଳନ କଲେ ଏବେ ଇଣ୍ଟରନେଟ୍ ଆମ ପାଇଁ ଅଭିଶାପ ଏବଂ ସାଇବର ଅପରାଧୀଙ୍କ ପାଇଁ ଅବାଧ ଚରାଭୂଇଁ ହୋଇଛି।

ଦେଶର ସୁରକ୍ଷା, ଶାସନର ଗତିବିଧି ନିୟନ୍ତ୍ରଣ ସମ୍ପର୍କରେ ଗୁଇନ୍ଦା ତଥ୍ୟର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ; କିନ୍ତୁ ବ୍ୟକ୍ତିଗତ ଜୀବନ ଓ ଗଣତାନ୍ତ୍ରିକ କ୍ଷେତ୍ରରେ ଏହାର ପ୍ରବେଶ ନିଶ୍ଚୟ ଉଦ୍‌ବେଗଜନକ। ଯେକୌଣସି 'ଆପ୍' ମାଧ୍ୟମରେ ଗୁଇନ୍ଦାଗିରିର ଅଭିଯୋଗ ଆହୁରି ଗୁରୁତର। ଏହି ସମ୍ବେଦନଶୀଳ ରାଷ୍ଟ୍ରୀୟ ସମସ୍ୟାକୁ ନେଇ ଯେଉଁ ସନ୍ଦେହ ସାଧାରଣରେ ସୃଷ୍ଟି ହୋଇଛି, ତାହାକୁ ଅବିଳମ୍ବେ ଦୂର କରାଯାଉ। ଆବଶ୍ୟକ ହେଲେ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ଜାରି କରି ନାଗରିକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ବିଶ୍ୱସନୀୟତାକୁ ପୁନଃସ୍ଥାପନ କରନ୍ତୁ।

(ସକାଳ ମିଡିଆ ସର୍ଭିସ୍)

## ପୋଷାକର ସାଂସ୍କୃତିକ ଯୁଦ୍ଧ

ଅନନ୍ୟା ପ୍ରଧାନ

ଭାରତ ଏକ ସହସ୍ରାବ୍ଦୀ ପୁରାତନ ସଂସ୍କୃତିର ଭୂମି, ଯାହା ବିବିଧତାରେ ପରିପୂର୍ଣ୍ଣ ଏବଂ ସମୃଦ୍ଧ ଇତିହାସର ବାହକ। ଏହି ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ପାରମ୍ପରିକ ପୋଷାକ। ଶାଢ଼ି, ଧୋତି, କୁର୍ତ୍ତା, ଲେହଙ୍ଗା ଆଦି ପୋଷାକ କେବଳ ପରିଧାନ ନୁହେଁ, ବରଂ ଏଗୁଡ଼ିକ ଆମର ଆଞ୍ଚଳିକତା, ଧାର୍ମିକ ବିଶ୍ୱାସ, ସାମାଜିକ ମର୍ଯ୍ୟାଦା ଏବଂ ଋତୁ ଅନୁସାରେ ଜୀବନଚର୍ଯ୍ୟାର ପ୍ରତୀକ। ପାରମ୍ପରିକ ପୋଷାକ କେବଳ କପଡ଼ା ନୁହେଁ, ଏଗୁଡ଼ିକ ଜୀବନ୍ତ ଇତିହାସ। ପଶ୍ଚିମବଙ୍ଗର ତନ୍ତ ବସ୍ତ୍ର, ଗୁଜରାଟର ବାନ୍ଧନୀ, ଓଡ଼ିଶାର ଇକତ, ମଧ୍ୟପ୍ରଦେଶର ଚନ୍ଦେରୀ କିମ୍ବା ତାମିଲନାଡୁର କାଞ୍ଚୀପୁରମ ରେଶମ ଇତ୍ୟାଦି ପ୍ରତ୍ୟେକ ପୋଷାକ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳର କଳା, କୌଶଳ ଓ ପରମ୍ପରାକୁ ପ୍ରତିଫଳିତ କରେ। ଏହି ପୋଷାକଗୁଡ଼ିକ ପରିଧାନ କରିବା ପ୍ରକୃଷ୍ଟ ରୂପେ ସେହି ଅଞ୍ଚଳର ସଂସ୍କୃତି ପ୍ରତି ଆସ୍ଥା ଓ ସ୍ୱାଭିମାନର ପ୍ରତୀକ। ପୂର୍ବରୁ ଉତ୍ସବ, ପର୍ବପର୍ବାଣି, ବିବାହ ଓ ଧାର୍ମିକ ଅନୁଷ୍ଠାନରେ ନିର୍ଦ୍ଦିଷ୍ଟ ପୋଷାକର ପ୍ରଚଳନ ଥିଲା, ଯାହା ସାମାଜିକ ଏକତା ଓ ସାଂସ୍କୃତିକ ଅନୁଭୂତିକୁ ଦୃଢ଼ କରୁଥିଲା।

ବିଗତ କିଛିଦଶକ ଧରି ଭାରତୀୟ ସମାଜ ଉପରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଅତ୍ୟନ୍ତ ତୀବ୍ର ହୋଇଛି ଏବଂ ପୋଷାକ କ୍ଷେତ୍ରରେ ଏହାର ପ୍ରଭାବ ସବୁଠାରୁ ଅଧିକ ଦୃଷ୍ଟିଗୋଚର ହୋଇଛି। ଏହି ପରିବର୍ତ୍ତନ ଆପାତତଃ ଆଧୁନିକତାର ପରିଚାୟକ ଭାବେ ଦେଖାଗଲେ ମଧ୍ୟ ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ ବୋଲି କୁହାଯାଇପାରେ। ସାମାଜିକ ଗଣମାଧ୍ୟ ଓ ଶିକ୍ଷା ପ୍ରଣାଳୀରେ ପାଶ୍ଚାତ୍ୟ ଦେଶମାନଙ୍କର ପ୍ରଭାବ ଯୋଗୁଁ ଭାରତୀୟ ଯୁବସମାଜ ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଆକୃଷ୍ଟ ହେବାରେ ଲାଗିଛନ୍ତି। ହଲିଉଡ୍, ବ୍ରିଟିଶ୍ ଫେସନ୍ ହାଉସ୍ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ଯୁବପିଢ଼ିଙ୍କ ମନୋବୃତ୍ତି ଉପରେ ଗଭୀର ଛାପ ସୃଷ୍ଟି କରୁଛି। ଜିନ୍ସ, ଟି-ସାର୍ଟ, ମିନିସ୍କର୍ଟ, ସ୍କର୍ଟସ୍, କକ୍‌ଟେଲ୍ ଡ୍ରେସ୍ ଇତ୍ୟାଦି ପାଶ୍ଚାତ୍ୟ ପୋଷାକ ଆଧୁନିକତା, ଉନ୍ମୁକ୍ତତା ଓ ବିଦ୍ରୋହର ପ୍ରତୀକ ରୂପେ ପରିଚିତ। ନଗରୀକରଣ ଓ ବଦଳୁଥିବା ଜୀବନଶୈଳୀ ଯୋଗୁଁ ଏହି ପୋଷାକଗୁଡ଼ିକ ଅଧିକ ଆରାମଦାୟକ ଓ କାର୍ଯ୍ୟକ୍ଷମ ଭାବେ ସ୍ୱୀକୃତ। ଫଳସ୍ୱରୂପ, ଭାରତୀୟ ପାରମ୍ପରିକ ପୋଷାକ ଧୀରେ ଧୀରେ ଦୈନନ୍ଦିନ ଜୀବନରୁ ହଟିଗଲା ଏବଂ କେବଳ ବିଶେଷ ଅବସରରେ ସୀମିତ ରହିଲା।



ପାରମ୍ପରିକ ବସ୍ତ୍ରର ହ୍ରାସ ସହିତ ସେଥିରେ ନିହିତ ଶିଳ୍ପ, କଳା, ପରମ୍ପରା ଓ ମୌଳିକତା ମଧ୍ୟ ବିଲୋପ ହେବାର ସଙ୍କଟ ସୃଷ୍ଟି ହୋଇଛି। ଯେତେବେଳେ ଜଣେ ଭାରତୀୟ ଯୁବକ ନିଜ ପାରମ୍ପରିକ ପୋଷାକ ପରିବର୍ତ୍ତେ ଜିନ୍ସ ଓ ଟି-ସାର୍ଟକୁ ଗ୍ରହଣ କରେ, ସେତେବେଳେ ସେ ନିଜର ସାଂସ୍କୃତିକ ମୂଲ୍ୟବୋଧରୁ କ୍ରମଶଃ ଦୂରେଇ ଯାଏ। ପାଶ୍ଚାତ୍ୟ ପୋଷାକର ବଢ଼ୁଥିବା ଚାହିଦା ଦେଶଜ ହସ୍ତଶିଳ୍ପ ଓ ବସ୍ତ୍ର ଶିଳ୍ପ ପାଇଁ ଏକ ବଡ଼ ଧକ୍କା। ପାରମ୍ପରିକ ବୁଣାକାର, ଦରଜୀ ଓ ଶିଳ୍ପୀମାନେ ଆଜିକାଲି ରୋଜଗାର ହାନିର ସମ୍ମୁଖୀନ ହେଉଛନ୍ତି। କାରଣ ସେମାନଙ୍କ ଉତ୍ପାଦନଗୁଡ଼ିକର ଚାହିଦା ହ୍ରାସ ପାଇଛି। ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ଏକ ପ୍ରକାରର ସାଂସ୍କୃତିକ ଦରିଦ୍ରତା ମଧ୍ୟ।

ଫାଷ୍ଟ ଫେସନ୍ ବଜାର ବଢ଼ିବା ଫଳରେ ପାରିବେଶିକ ପ୍ରଦୂଷଣ ମଧ୍ୟ ବଢ଼ିଛି। ପାଶ୍ଚାତ୍ୟ ପୋଷାକ ଉତ୍ପାଦନରେ ସିନ୍ଥେଟିକ୍ କପଡ଼ା, ରାସାୟନିକ ରଙ୍ଗ ଇତ୍ୟାଦିର ବ୍ୟବହାର ଅଧିକ ହୁଏ, ଯାହା ପରିବେଶ ପାଇଁ କ୍ଷତିକାରକ। ଅପରପକ୍ଷେ, ଭାରତୀୟ ପାରମ୍ପରିକ ବସ୍ତ୍ର ସାଧାରଣତଃ ପ୍ରାକୃତିକ ସୂତା, ରେଶମ ଓ ରଙ୍ଗରେ ତିଆରି ହୁଏ, ଯାହା ପରିବେଶ ଅନୁକୂଳ। ପୋଷାକ ସାମାଜିକ ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ପାରମ୍ପରିକ ପୋଷାକରେ ଲଜ୍ଜା, ସମ୍ମାନ ଓ ସାଂସ୍କୃତିକ ମର୍ଯ୍ୟାଦା ଭାବନା ଜଡ଼ିତ ଥିଲା। ପାଶ୍ଚାତ୍ୟ ପୋଷାକ ସହିତ ଆସୁଥିବା ଉନ୍ମୁକ୍ତତା କେତେକ କ୍ଷେତ୍ରରେ ପୁରୁଣା ପିଢ଼ି ଓ ରକ୍ଷଣଶୀଳ ସମାଜ ସହିତ ମତାନ୍ତର ସୃଷ୍ଟି କରୁଛି, ଯାହା ସାମାଜିକ ବିଭେଦକୁ ଜନ୍ମ ଦେଉଛି।

ଆଧୁନିକ ହେବା ଆବଶ୍ୟକ, କିନ୍ତୁ ତା'ସହିତ ପରମ୍ପରାକୁ ବଞ୍ଚାଇ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ପାଶ୍ଚାତ୍ୟ ପୋଷାକକୁ ଅନ୍ଧ ଅନୁକରଣ କରିବା ଫଳରେ ଭାରତୀୟ ଯୁବସମାଜ ନିଜର ସଂସ୍କୃତି ପ୍ରତି ହତାଦର ଭାବ ଦେଖାଉଛନ୍ତି, ଯାହା ଦୀର୍ଘକାଳୀନ ଭାବେ ଚିନ୍ତାର ବିଷୟ। ନିଃସନ୍ଦେହରେ, ପାଶ୍ଚାତ୍ୟ ପୋଷାକର ଆଗମନ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର, ଆରାମଦାୟକ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ। କିନ୍ତୁ ଏହାର ଅନ୍ଧ ଅନୁକରଣ ଓ ପାରମ୍ପରିକ ପୋଷାକକୁ ଉପେକ୍ଷା କରିବା ଭାରତୀୟ ସଂସ୍କୃତି ପାଇଁ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି।

ଆବଶ୍ୟକତା ହେଉଛି ଏକ ସନ୍ତୁଳିତ ଦୃଷ୍ଟିକୋଣର। ଫେସନ୍ ଡିଜାଇନରମାନେ ଯେପରି ପାରମ୍ପରିକ ବସ୍ତ୍ରକୁ ନୂତନ ରୂପ ଦେଉଛନ୍ତି, ସେହିପରି ସାଧାରଣ ଜନତାଙ୍କୁ ମଧ୍ୟ ନିଜ ସଂସ୍କୃତି ପ୍ରତି ସଚେତନ ହେବା ଆବଶ୍ୟକ। ପୋଷାକର ଏହି ସାଂସ୍କୃତିକ ଯୁଦ୍ଧରେ ଜୟଲାଭ କେବଳ ତା' ପକ୍ଷେ ହିଁ ସମ୍ଭବ, ଯିଏ ଆଧୁନିକତା ଓ ପରମ୍ପରାର ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ପ୍ରତିଷ୍ଠା କରିପାରିବ। ଆମର ପରିଧେୟ ବସ୍ତ୍ର ହେଉ ଆମର ଅତୀତର ଗୌରବମୟ ଇତିହାସ ଏବଂ ଭବିଷ୍ୟତର ଆଶାର ପ୍ରତୀକ। ଆଧୁନିକ ଯୁଗ ହିସାବରେ ଚାଲିବା ଖରାପ ନୁହେଁ। ଯେମିତି ଯୁଗକୁ ସେମିତି ହେବା ଦରକାର; କିନ୍ତୁ ଆଧୁନିକ ଯୁଗକୁ ଆପଣାଇ ନେଇ ନିଜ ସଂସ୍କୃତିକୁ ଭୁଲିଯିବା ବି ଠିକ୍ କଥା ନୁହେଁ।

କୁଚିଣ୍ଡା(ସମ୍ବଲପୁର)

## ଆମ ବୃକ୍ଷଲତା ଆମ ଜୀବନ

### ଅଙ୍କରାନ୍ତି

(Thorny Nightshade Plant -Solanum virginianum)

ସୌଭାଗ୍ୟସୁନ୍ଦର

ଅଙ୍କରାନ୍ତି ପ୍ରାୟ ୨-୩ ମିଟର ଉଚ୍ଚତା ବିଶିଷ୍ଟ ଏକ କଣ୍ଟାଯୁକ୍ତ କ୍ଷୁପ, ଯାହା ସାରା ଭାରତରେ ଶୁଷ୍କ ଅନାବାଦି ଜମି ଏବଂ ରାସ୍ତା ପାର୍ଶ୍ୱରେ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ସାଧାରଣ ଭାବରେ ଦେଖାଯାଏ। ଏହା ପ୍ରଚୁର ପରିମାଣରେ ଦୃଢ଼, ଛୁଞ୍ଚି ପରି କଣ୍ଟାଯୁକ୍ତ। କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଗାଢ଼ ସବୁଜ, ମସୃଣ ଏବଂ ନୂତନ ଶାଖାଗୁଡ଼ିକ ଘନ ତାରକା କୃତି ଲୋମ ସହିତ ଆଚ୍ଛାଦିତ। ପତ୍ରଗୁଡ଼ିକ କଣ୍ଟକିତ କେଶ ଯୁକ୍ତ, ସରଳ, ଗଣ୍ଠିରେ ବିକଳ୍ପ ଭାବରେ ଅବସ୍ଥାପିତ, ଅଣ୍ଡାକାର, ୧-୨ ସେମି ବ୍ୟାସ, ଡେଙ୍ଗ ଯୁକ୍ତ, ଏକ୍ସଟିପୁଲେଟ୍ ବା ଅସପର୍ଣ୍ଣିକା। ଫୁଲ କଣ୍ଟକିତ କେଶରେ ଆଚ୍ଛାଦିତ, ଧଳା କିମ୍ବା ନୀଳ ବାଇଗଣୀ କିମ୍ବା ବାଇଗଣୀ ରଙ୍ଗର। ପାଞ୍ଚଟି ସଂଯୁକ୍ତ ପାଖୁଡ଼ା ଘଣ୍ଟି ଆକୃତିର, ବାହାରକୁ ତୀବ୍ର କେଶଯୁକ୍ତ, ଧଳା। ଫଳ ଗୋଲାକାର, ଛୋଟ ବେଳେ ସବୁଜ ଓ ପାଚିଲେ ଲାଲ।

ଅଙ୍କରାନ୍ତି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧୀୟ ଉଦ୍ଭିଦ। ଚରକ ସଂହିତା ଏବଂ ସୁଶ୍ରୁତ ସଂହିତା ଏହା ବିଷୟରେ ଉଲ୍ଲେଖ କରିଛନ୍ତି। ସମ୍ପୂର୍ଣ୍ଣ ଉଦ୍ଭିଦ ଏବଂ ଏହାର ବିଭିନ୍ନ ଅଂଶ ବିଭିନ୍ନ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମୂଳ। ମୁଖ୍ୟତଃ ଶ୍ୱାସ ରୋଗ, ପାଚନ ସମସ୍ୟା ଚିକିତ୍ସାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ ଭାବରେ ସ୍ୱୀକୃତିପ୍ରାପ୍ତ। ଆୟୁର୍ବେଦରେ ଦଶମୂଳାରିଷ୍ଟ ବା ଦଶମୂଳର ଏକ ସର୍ବସମ୍ମତ ଔଷଧି ମଧ୍ୟରୁ ଗୋଟିଏ ହେଉଛି ଅଙ୍କରାନ୍ତି। ଏଥିସହିତ ଥଣ୍ଡା, କାଶ, ବିଭିନ୍ନ ଶ୍ୱାସକ୍ରିୟାଜନିତ ରୋଗ, ମ୍ୟାଲେରିଆ, ଅଲସର ବା ଘା, ସଂକ୍ରମିତ ଯୌନ ବ୍ୟାଧି, ମଳକଣ୍ଟକ, ଅର୍ଶ, ଲାରିଞ୍ଜାଇଟିସ୍ ବା ସ୍ୱରକ ପ୍ରଦାହ ଫୁଲା, କର୍କଶ ସ୍ୱର, ଛାତି ଯନ୍ତ୍ରଣା, ଚିନ୍ତା, ଅନିଦ୍ରା, କୋଲେଷ୍ଟ୍ରଲ୍, ରକ୍ତସ୍ରାବ ସମସ୍ୟା, ଯନ୍ତ୍ରଣାଦାୟକ ପ୍ରସବର ଉପଶମ ......ଆଦିର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟ ଏହି ଗଛର ଫଳକୁ କାଢ଼ା ସହିତ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରିଛନ୍ତି। ଫଳଗୁଡ଼ିକ ଖାଦ୍ୟଯୋଗ୍ୟ। ଏହା ତ୍ରିଦୋଷ, ଅର୍ଥାତ୍ ବାତ, ପିତ୍ତ ଓ କଫକୁ ସନ୍ତୁଳିତ କରିବାରେ ପ୍ରଭାବଶାଳୀ ଅଟେ।

### ପ୍ରକୃତି-ପରିବେଶ

ଅଙ୍କରାନ୍ତିରେ ସୋଲାସୋଡିନ୍, ସୋଲାମାର୍ଜିନ୍ ଭଳି ଆଲକାଲଏଡ୍ ଅଛି, ଯାହା ସମ୍ଭାବ୍ୟ କର୍କଟ-ବିରୋଧୀ ଗୁଣ ଏବଂ ପ୍ରତିରକ୍ଷା କାର୍ଯ୍ୟକୁ ସମର୍ଥନ କରିବାର କ୍ଷମତା ରଖେ। ଏହା ମଧ୍ୟ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି, ସଂକ୍ରମଣ ନିରୋଧୀ ଶକ୍ତି ଓ ପୁଷ୍ଟିକୁ ଉନ୍ନତ କରେ। ବୀର୍ଯ୍ୟପାତ (ଶୁକ୍ର ରେଚନା) ଏବଂ ପ୍ରଜନନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ପାଇଁ ଅଙ୍କରାନ୍ତି ପ୍ରସିଦ୍ଧ। ଏହାର ବ୍ୟବହାର ଯୌନ ଜୀବନଶକ୍ତି ଏବଂ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିପାରିବା ଶକ୍ତି ଅଛି। ପାରମ୍ପରିକ ଭାବରେ ଅଙ୍କରାନ୍ତିର ଉତ୍ପନ୍ନ ଔଷଧ ଭୋକ ସୃଷ୍ଟି ଓ ହଜମରେ ସହାୟତା କରେ। ଏହାକୁ ସାଧାରଣତଃ ପାଉଡର, କାଢ଼ା ଓ ପେଷ୍ଟ ଭାବରେ ବ୍ୟବହାର କରାଯାଏ। ଏହି ଉଦ୍ଭିଦରେ ଥିବା ପ୍ରମୁଖ ରାସାୟନିକ ଉପାଦାନଗୁଡ଼ିକ ହେଉଛି ବି-କ୍ୟାରୋଟିନ୍, ଡିସଜେନିନ୍, କାର୍ପେଷ୍ଟେରୋଲ୍, ସୋଲାସୋଡିନ୍, ସୋଲାମାର୍ଜିନ୍, ବି- ସୋଲାମାର୍ଜିନ୍, ସୋଲାନାଇନ୍, ସୋଲାସାଡିନୋ-ଏଲ-ରାମନୋସି-ବି-ଡି-ଗ୍ଲୁକୋସାଇଡ୍ (ସୋଲାସୁରିନ୍), ସୋଲାନୋକାର୍ପାଇନ୍ (ସୋଲାନାଇନ୍-ଏସ୍), ଟୋମାଟିଡିଏନଲ୍, ପଲିଫେନୋଲ୍ସ, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍, ଆଲକାଲଏଡ୍ସ ଇତ୍ୟାଦି।

କେତେକ ସଂସ୍କୃତିରେ ଅଙ୍କରାନ୍ତିକୁ ପୂଜାର୍ଚ୍ଚନା ଓ ପାରମ୍ପରିକ ସମାରୋହରେ ବ୍ୟବହାର କରାଯାଏ, ଯାହା ଆଧ୍ୟାତ୍ମିକ ଓ ଚିକିତ୍ସା ପ୍ରଣାଳୀରେ ଏହାର ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହା ବିଭିନ୍ନ ପରିବେଶରେ ବଢ଼ିଥାଏ। ପ୍ରାୟତଃ ଶୁଷ୍କ ଅଞ୍ଚଳରେ ମିଳିଥାଏ ଏବଂ ଏହାର ଚିକିତ୍ସାଗତ ଲାଭ ପାଇଁ ସାଧାରଣତଃ ଉଦ୍ୟାନରେ ଚାଷ କରାଯାଏ। ଏହି ଔଷଧୀୟ କ୍ଷୁପ ଶୀଘ୍ର ବ୍ୟାପି ଭୂମିକୁ ଆଚ୍ଛାଦିତ କରେ, ଯାହା ମାଟିକୁ ସ୍ଥିର କରିବାରେ ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିପାରେ। ପରିବେଶଗତ ସନ୍ତୁଳନରେ ମଧ୍ୟ ଏହାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହା ବିଭିନ୍ନ ପରିସ୍ଥିତିରେ ବଢ଼ୁଥିବାରୁ ଚାଷ ଓ ପ୍ରାକୃତିକ ବାସସ୍ଥାନ ଉଭୟ ପାଇଁ ଏକ ସ୍ଥିର ଉଦ୍ଭିଦ। ଏହାକୁ ଔଷଧୀୟ ଉଦ୍ଦେଶ୍ୟରେ ହିମାଳୟ, ଦକ୍ଷିଣ-ପୂର୍ବ ମାଲେସିଆ, ଅଷ୍ଟ୍ରେଲିଆ ଓ ହାୱାଇ ସମେତ ଅନ୍ୟାନ୍ୟ ପଲିନେସୀୟ ଦ୍ୱୀପପୁଞ୍ଜରେ ଚାଷ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ତୃତୀୟ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

# ଖରାରେ ଗର୍ଜିଲେ; ସନ୍ଧ୍ୟାରେ ପ୍ରାର୍ଥନା



ଭୁବନେଶ୍ୱର, ୭ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ରବିବାର ତୃତୀୟ ଦିନରେ ପହଞ୍ଚିଛି। ଶୀତ କାକରକୁ ଖାତିର ନ କରି ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ରବିବାର ଛୁଟି ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କ ଆନ୍ଦୋଳନ ଥମିନାହିଁ। ଅଭିନବ ଢଙ୍ଗରେ ଶିକ୍ଷକ ଶିକ୍ଷୟତ୍ରୀମାନେ ସେମାନଙ୍କ ଦାବି ପୂରଣ କରିବାକୁ ସ୍ୱର ଉତ୍ତୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବିକୁ ଦୃଷ୍ଟି ଦେବା ପାଇଁ ଧାରଣାସ୍ଥଳରେ ମୋବାଇଲ୍ ଫ୍ଲାସ୍ ଲାଇଟ୍ ଜଳାଇ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ଗାନ୍ଧୀ ମାର୍ଗରେ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ସହ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର' ଶ୍ଳୋକ ଗାଇଛନ୍ତି। ଏହାସହ ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଶିକ୍ଷକମାନେ ସ୍ପଷ୍ଟ କରିଛନ୍ତି।

**ଆଜିଠୁ ଆହୁରି ବ୍ୟାପକ ହେବ ଆନ୍ଦୋଳନ**

ଶନିବାର ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ନିର୍ଦ୍ଦେଶକଙ୍କ ସହ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ମୂଳ ପଦକୁ ଅପଗ୍ରେଡ୍, ୪୨ଶହ ଗ୍ରେଡ୍‌ପେ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବିକୁ ପୂରଣ ସଂକ୍ରାନ୍ତରେ ରକାର ଘୋଷଣା ନ କରିବା ବା ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି 'ପ୍ରାଥମିକ ଶିକ୍ଷକ ମହାସଂଘ' ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦୁଇଦିନ ଧରି ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାବେଳେ ଆସନ୍ତାକାଲି ଠାରୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ଶିକ୍ଷାଦାନ ବଦଳରେ ଶିକ୍ଷକ ରାସ୍ତାରେ ବସିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଭବିଷ୍ୟତ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇଛନ୍ତି। ଏଣୁ ସରକାର ତୁରନ୍ତ ଶିକ୍ଷକଙ୍କ ଦାବି ପୂରଣ କରିବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

### ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ୧୦ରେ ଆନ୍ଦୋଳନ କରିବ ସମନ୍ୱୟ ସମିତି

# 'ସରକାର ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଦୁର୍ଭାଗ୍ୟଜନକ'




ଭୁବନେଶ୍ୱର, ୭ ।୧୨(ସମିସ): ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ ବୋଲି ସମିତିର ଆବାହକ ରଞ୍ଜନ କୁମାର ଦାସ ରବିବାର ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନାହାନ୍ତି। ସେମାନଙ୍କ ଦାବି ସମ୍ପର୍କରେ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଆଲୋଚନା ମଧ୍ୟ ସରିଛି। ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରି ୬ ମାସ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ସରକାର କାଳକ୍ଷେପଣ ନୀତି ଆପଣେଇ କେବଳ ବିଳମ୍ବ କରିବା ଲକ୍ଷ୍ୟରେ କମିଟି ଗଠନ କରିଥିବା ସମନ୍ୱୟ କମିଟି ଅଭିଯୋଗ କରିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି ସାଧାରଣରେ ମନ୍ତବ୍ୟ ଦେଇଥିଲେ। ତାହାଲେ ସେସବୁକୁ ପୂରଣ କରିବାରେ କାହିଁକି ବିଳମ୍ବ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନିରେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ମଧୁସୂଦନ ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ବାରବାଟୀ ଟି-୨୦

## ଟିକେଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଆସନ୍ତା ଡିସେମ୍ବର ୯ ତାରିଖରେ ବାରବାଟୀରେ ହେବାକୁ ଥିବା ଆର୍ନ୍ତଜାତିକ ଟି-୨୦ ମ୍ୟାଚ ପାଇଁ ଟକଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ। ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇ ଉଲ୍ଲେଖ କହିଛନ୍ତି ଯେ, ଗତ ଫେବୃଆରୀ ମାସରେ ଖେଳ ସମୟରେ ଲାଇଟ୍ ବିଭ୍ରାଟ ଘଟିଲା। ସେଥିପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଥିଲା। ରାଜ୍ୟ ସରକାର ଏବଂ ଓସିଏ କର୍ତ୍ତୃପକ୍ଷ ଉକ୍ତ ଖେଳର ବିଭ୍ରାଟ ପାଇଁ କେଉଁମାନେ ଦାୟୀ ତାହା ସାର୍ବଜନୀନ କଲେ ନାହିଁ। ଓସିଏକୁ ଏକ ନିର୍ଦ୍ଦିଷ୍ଟ ପରିବାର ଦୀର୍ଘଦିନ ହେବ ପରିଚାଳନା କରୁଛନ୍ତି ଏବଂ ତାହା ତାଙ୍କର ପୈତୃକ ସମ୍ପତ୍ତି ଭଳି ବ୍ୟବହାର ମଧ୍ୟ କରୁଛନ୍ତି। କାହା ଛତ୍ରଛାୟ ତଳେ ରହି ସେ ଏଭଳି କ୍ଷମତାର ଦୁରୁପଯୋଗ କରୁଛନ୍ତି ବୋଲି ଶ୍ରୀ ସାମଲ୍ ପ୍ରଶ୍ନ କରିଛନ୍ତି।

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 05.12.2025, I Baikuntha Pal resident of Refugee Colony, Po- Budheswari Colony, Laxmisagar, Near Govt Municipality School, Bhubaneswar,Khurdha, PIN-751006, declare that I have changed the name of my Son from Shuvashis Pala to Subhasis Pal. Henceforth, He shall be known as **SUBHASIS PAL** for all purposes.
(**Baikuntha Pal**)

**AFFIDAVIT**

By virtue of an affidavit Sl. No.470, dtd. 30.08.2025 before the Executive Magistrate, Paralakhemundi, Gajapati, Odisha, I, Datla Tulasi have changed my maiden surname from Kota Tulasi to Datla Tulasi after my marriege to Ajay Kumar Raju Datla. Henceforth I shall be know as Datla Tulasi instead of Kota Tulasi for all purposes.
**Sd/- Datla Tulasi**

**AFFIDAVIT**

By virtue of an affidavit before The Executive Magistrate, BBSR, Vide CF No-54/06.12.2025, I LOPAMUDRA NANDA, W/O- Dillip Kumar Pati, R/O- At- Plot No-385/386, Brahmeswar Bank Colony, Palasuni, Canal Road, Near Sadangi Colony, P.S - Mancheswar, Bhubaneswar, Dist-Khordha, Odisha -751025, Currently residing At-Ramachandi Sahi, Dolamandap Sahi, Puri , Dist - Puri, Odisha-752001 have changed my name from Lopamudra Pati to Lopamudra Nanda. Henceforth I shall be known as Lopamudra Nanda, W/O- Dillip Kumar Pati for all purposes.

### ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

# ଏସ୍‌ଏସ୍‌ବି ଯବାନଙ୍କ ସମେତ ୨ଗିରଫ

ଭୁବନେଶ୍ୱର,୭।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ରବିବାର ୨ଜଣ ଅଭିଯୁକ୍ତ ଏସ୍‌ଏସ୍‌ବି ଯବାନ ଅର୍ଜୁନ ନାୟକ ଓ ମଧ୍ୟସ୍ଥ ନିମାଇଁ ଚରଣ ସାହୁଙ୍କୁ ଗିରଫ କରିଛି ସିବିଆଇ। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ମଧ୍ୟସ୍ଥ ଧରାପଡ଼ିବା ପରେ ରାଜ୍ୟ ବାହାର ଲିଙ୍କ ସାମ୍ନାକୁ ଆସିବାରେ ଲାଗିଛି। ରବିବାର ବିହାରରୁ ଜଣେ ଅଭିଯୁକ୍ତଙ୍କୁ ସିବିଆଇ ଅଟକ ରଖି ପଚରାଉଚରା କରୁଛି। ସେ ଏସ୍‌ଆଇ ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡ।

ଦୁଇ ଦିନ ଧରି ମାରାଥନ ଜେରା ପରେ ଏସ୍‌ଏସ୍‌ବି ଜବାନ ଅର୍ଜୁନଙ୍କୁ ସିବିଆଇ ଗିରଫ କରିଛି। ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ତାଙ୍କର ସିଧାସଳଖ ଭାବେ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏସ୍‌ଆଇ ସ୍କାମ୍‌ରେ ଗିରଫ ହୋଇଥିବା ଏସ୍‌ଏସ୍‌ବି ଜବାନ ବିଶ୍ୱରଞ୍ଜନ ବେହେରାଙ୍କ ସହ ତାଙ୍କର ଘନିଷ୍ଠତା ରହିଥିଲା। ଉଭୟ କ୍ରାଇମ୍ ସିଣ୍ଡିକେଟ୍‌କୁ ସୁରକ୍ଷା ଦେବା ସହ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଦେଉଥିଲେ। ଏହା ବ୍ୟତିତ ଏମାନେ ଟଙ୍କା ଦେଇ ଚାକିରି ପାଇବାକୁ ଇଚ୍ଛୁକ ଆଶୟୀ ପରୀକ୍ଷାର୍ଥୀଙ୍କୁ ଚୟନ କରୁଥିଲେ। ସେମାନଙ୍କ ପାଖରୁ ଟଙ୍କା କିମ୍ବା ଚେକ୍ ଆଣିବା ଠାରୁ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରିବା ପର୍ଯ୍ୟନ୍ତ ସବୁକିଛି କାମ ସମ୍ଭାଳୁ ଥିଲେ। ସେହିପରି ଏହି ମାମଲାରେ ସିବିଆଇ ଏମାନଙ୍କ ଠାରୁ ୪ଜଣ ଓପିଆର୍‌ବି ଅଧିକାରୀଙ୍କ ସମ୍ପର୍କରେ ଜାଣିବାକୁ ପାଇଛି। ଏହି ୪ଜଣଙ୍କୁ ପଚରାଉଚରା ପାଇଁ ଖୁବ୍‌ଶୀଘ୍ର ସିବିଆଇ କାର୍ଯ୍ୟାଳୟକୁ ଡକାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ କ୍ରାଇମ୍‌ବ୍ରାଞ୍ଚ ଜଣେ ଏସ୍‌ଏସ୍‌ବି ଜବାନଙ୍କୁ ଗିରଫ କରିଥିଲା ବେଳେ ସିବିଆଇ ଆଉ ଜଣଙ୍କୁ ଗିରଫ କରିଛି।

- ସିବିଆଇ ପଞ୍ଜାରେ ବିହାରୀ ଅଭିଯୁକ୍ତ
- ଏସ୍‌ଏସ୍‌ବି ଯବାନ ଦେଉଥିଲେ ସୁରକ୍ଷା
- ଓପିଆର୍‌ବି ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

ସେମଧ୍ୟସ୍ଥ ନିମାଇଁ ଚରଣ ସାହୁ ହେଉଛନ୍ତି ସିବିଆଇ ଦ୍ୱାରା ଗିରଫ ହୋଇ ଦୁଇ ଦିନିଆ ରିମାଣ୍ଡରେ ଥିବା ବିରଞ୍ଚି ନାୟକଙ୍କ ବରିଷ୍ଠ ସହଯୋଗୀ। ମଧ୍ୟସ୍ଥ ନେଟ୍‌ୱାର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ଇସାରାରେ ଏମାନେ ଦୀଘା ମଡ୍ୟୁଲକୁ ଅପରେଟ୍ କରୁଥିଲେ। ପିଲା ଚୟନ ଠାରୁ ଆରମ୍ଭ କରି ଦୀଘାରେ ପ୍ରଶିକ୍ଷଣ ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଥିଲେ।

ଅନ୍ୟପକ୍ଷରେ ସିବିଆଇର ଏକ ଟିମ୍ ବିହାରରୁ ଶଙ୍କର ପୃଷ୍ଟିଙ୍କ ଜଣେ ସହଯୋଗୀ କୁହାଯାଉଥିବା ଏସ୍‌ଆଇ ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡକୁ ଅଟକ ରଖିଛି। ଏହି ବ୍ୟକ୍ତି ଜଣଙ୍କ ଶଙ୍କରଙ୍କ ରାଜ୍ୟ ବାହାର ପାଟ୍‌ନର ବୋଲି କୁହାଯାଉଛି। ତାଙ୍କର ରାଜ୍ୟ ବାହାରରେ ହୋଇଥିବା ଏକ ପରୀକ୍ଷା କେଲେଙ୍କାରୀରେ ମଧ୍ୟ ସମ୍ପୃକ୍ତି ରହିଥିବା ସିବିଆଇକୁ ପ୍ରମାଣ ମିଳିଛି। ତେବେ ଏସ୍‌ଆଇ ସ୍କାମ୍‌ରେ ସମ୍ପୃକ୍ତି ନେଇ ବଳିଷ୍ଠ ପ୍ରମାଣ ମିଳିବା ପରେ ହିଁ ତାଙ୍କୁ ଗିରଫ କରାଯିବ। ଏହା ବ୍ୟତିତ ଶଙ୍କରଙ୍କ ଟଙ୍କାରେ ସେ ରାଜ୍ୟ ବାହାରେ ଦାମି କାର୍ ଏବଂ ବିଭିନ୍ନ ସମ୍ପତ୍ତି କିଣିଥିବା ସୂତ୍ରରୁ ଖବର ମିଳିଛି। ସେହିପରି ସିବିଆଇ ରିମାଣ୍ଡରେ ଥିବା ଅଭିଯୁକ୍ତ ବିରଞ୍ଚି ଏସଆଇ କେଲେଙ୍କାରୀର ଗୁମର ଖୋଲିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ବଡ଼ମୁଣ୍ଡଙ୍କ ନାମକୁ ସିବିଆଇ ସାମ୍ନାକୁ ଆଣିବାରେ ଲାଗିଛି। ସୋମବାର ବିରଞ୍ଚିର ରିମାଣ୍ଡ ଅବଧି ଶେଷ ହେବ। ଯଦି ଆବଶ୍ୟକ ପଡେ ତେବେ ବିରଞ୍ଚିଙ୍କ ରିମାଣ୍ଡ ଅବଧି ବୃଦ୍ଧି କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି।

### ପୁଲିସବାବୁଙ୍କ ଗଞ୍ଜେଇ ବେପାର

# ଖୋଲୁଛି କରିତ୍‌କର୍ମା ଏସ୍‌ଆଇଙ୍କ ଗୁମର

ଭୁବନେଶ୍ୱର, ୭ ।୧୨ (ସମିସ): ଜବତ ହେଲା ସାତ କ୍ୱିଣ୍ଟାଲ ଗଞ୍ଜେଇ; ହେଲେ କାଗଜପତ୍ରରେ ମାତ୍ର ଦେଢ଼ କ୍ୱିଣ୍ଟାଲ। ବାଟରେ ବାଏଁ ବାଏଁ ସାଢ଼େ ଚାରି କ୍ୱିଣ୍ଟାଏ ଗଞ୍ଜେଇ ଉଡ଼େଇ ନେଲେ ପୁଲିସ ବାବୁ। କଥା ପ୍ରଘଟ ହେବା ପରେ ଫୁଲବାଣୀ ସଦର ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ନିଲମ୍ବନ ହେଲେ ଓ ଜଣେ ଏସ୍‌ଆଇଙ୍କୁ ଅନ୍ୟ ଥାନାକୁ ବଦଳି କରାଗଲା। ମାତ୍ର ଏହି ଗୋଟିଏ ଘଟଣା ନୁହେଁ, ପୁଲିସ ମାର୍ଫତରେ ବା ପୁଲିସ ବାବୁଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ଗଞ୍ଜେଇ କାରବାର ଚାଲିଥିବା ପୂର୍ବରୁ ଘଟିଥିଲେ ବି ବିଭାଗର କୋହଳ ନୀତି ଯୋଗୁଁ ଏହି ମାମଲା ବଢ଼ି ଚାଲିଛି। ପୂର୍ବରୁ ଦୁଇଟି ଗଞ୍ଜେଇ ଚାଲାଣ ମାମଲାରେ ମଧ୍ୟ ପୁଲିସ ବାବୁମାନଙ୍କର ସମ୍ପୃକ୍ତି ଅଭିଯୋଗ ହୋଇଛି ଏବଂ ଜଣେ ଢାବା ମାଲିକଙ୍କ ଗାଡ଼ିରୁ ଗଞ୍ଜେଇ ଜବତ କରି କମ୍ ପରିମାଣର ଦର୍ଶାଇବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି।

- ପୂର୍ବରୁ ରିଜର୍ଭକୁ ବଦଳି ହୋଇଥିଲେ ଦୁଇ ହୋମଗାର୍ଡ
- ଫିରିଙ୍ଗିଆରୁ ସଦର ଯାଏଁ ରହିଛି କାରନାମାର ତାଲିକା

ଅଭିଯୋଗ ଅନୁସାରେ ଗତ ଜୁନ୍ ମାସରେ କନ୍ଧମାଳ ଜିଲ୍ଲାର ଜଣେ ଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ ଏହାର ପରିମାଣ କାଗଜପତ୍ରରେ ୫ କ୍ୱିଣ୍ଟାଲ ଦର୍ଶାଇଥିଲେ। ବାକି ଗଞ୍ଜେଇରୁ କିଛି ବିକ୍ରି କରାଯାଇଥିଲା ଓ ଆଉ କିଛି ଥାନା ମାଲଖାନାରେ ରଖିଥିଲେ। ସଂପୃକ୍ତ ମାମଲାରେ ଏନଡିପିଏସ୍ ଆକ୍ଟ ଅନୁସାରେ ଆର୍ଥିକ ଖୋଳତାଡ଼ ମଧ୍ୟ କରାଯାଇ ନ ଥିଲା। ସବୁଠାରୁ ସାଂଘାତିକ କଥାଟି ହେଉଛି ଗଞ୍ଜେଇ ଜବତ ହୋଇଥିବା ଗାଡ଼ିର ମାଲିକଙ୍କ ନାମରେ ଆରମ୍ଭରୁ ମାମଲା ରୁଜୁ ହୋଇ ନ ଥିଲା। ଏ ନେଇ ଉପରିସ୍ଥ ଅଧିକାରୀ ତାଗିଦ୍ କରିବା ପରେ ଢାବା ମାଲିକଙ୍କୁ ଗିରଫ କରିବାକୁ ବାଧ ହୋଇଥିଲେ। କୌତୂହଳର କଥା ହେଉଛି ଯେଉଁ ଦୁଇଟି ଗଞ୍ଜେଇ ମାମଲାରେ ତତ୍କାଳୀନ ଥାନା ଅଧିକାରୀ ଓ ସବ୍ ଇନ୍‌ସପେକ୍ଟରଙ୍କ ସଂପୃକ୍ତି ଥିବା ଅଭିଯୋଗ ହେଉଛି, ଉଭୟ ମାମଲାର ଅଭିଯୋଗକାରୀ ଓ ତଦନ୍ତକାରୀ ଅଧିକାରୀ ହେଉଛନ୍ତି ଜଣେ।

ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଫୁଲବାଣୀ ସଦର ଥାନା ଅଞ୍ଚଳର ଗଞ୍ଜେଇ ଚାଷୀଙ୍କ ଠାରବେଆଇନ ଭାବେ ଟଙ୍କା ଆଦାୟ ପାଇଁ ଦୁଇ ଗୃହରକ୍ଷୀଙ୍କୁ ସମ୍ପୃକ୍ତ ଏସ୍‌ଆଇ ଦାୟିତ୍ୱ ଦେଇଥିବା ଅଭିଯୋଗ ହେବା ପରେ ଏସ୍‌ପି ଗୃହରକ୍ଷୀଙ୍କୁ ଡକାଇ ପଚରାଉଚରା କରିଥିଲେ। ଦୁଇ ଗୃହରକ୍ଷୀ ଜଣେ ଏସ୍‌ଆଇଙ୍କ ନିର୍ଦ୍ଦେଶରେ ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ କାରଣଦର୍ଶାଅ ନୋଟିସ ଦିଆଯାଇଥିଲା। ଏହାପରେ ଦୁଇ ଜଣ ଗୃହରକ୍ଷୀଙ୍କୁ ରିଜର୍ଭକୁ ବଦଳି କରାଯାଇଥିଲା ଓ ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ହେଲେ ଜିଲ୍ଲା ପୁଲିସର ଦୁଇ ଅଧିକାରୀଙ୍କ ନିକଟତମ ହୋଇଥିବାରୁ ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏବେ କେବଳ ତାଙ୍କ ନାମରେ ବିଭାଗୀୟ ତଦନ୍ତ (ପ୍ରୋସିଡିଂ) ଆରମ୍ଭ ହୋଇଛି ଓ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି।

ସେପଟେ ଅନ୍ୟ ଏକ ମାମଲାରେ ଥାନାର ସ୍କୋର୍ପିଓ ଡ୍ରାଇଭର ଘରୁ ବେଆଇନ ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ନ କରିବା ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତତ୍କାଳୀନ ଥାନା ଅଧିକାରୀଙ୍କୁ ନିଲମ୍ବନ କରି ଘଟଣା ଉପରୁ ନଜର ହଟାଇବା ପାଇଁ ଚେଷ୍ଟା କରାଯାଇଛି। ତେବେ ପୁଲିସର ଛବି ଅଧିକ ମଳିନ ହେବା ଆଶଙ୍କା କରି ଏସ୍‌ଆଇଙ୍କୁ କେବଳ ବଦଳି କରାଯାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି।

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପହଞ୍ଚିଲେ ଖେଳାଳି...

ଦଳ ଦିନ ୧.୩୦ରେ ବାରବାଟୀରେ ପହଞ୍ଚିବ। ପ୍ରାୟ ୩ଘଣ୍ଟା ଧରି ତଥା ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳର ଅଭ୍ୟାସ ଦେଖିବାକୁ ମିଳିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡଲାଇଟରେ ଦକ୍ଷିଣଆଫ୍ରିକା ଦଳ ଅଭ୍ୟାସକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟମ୍ୟାପ୍ ପ୍ରସ୍ତୁତ ହୋଇଛି। ତେବେ ଦର୍ଶକମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖି ପାରିବେ। ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ-୬ ଏବଂ ୭ ଖୋଲା ରହିବ। ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ-୧ ଏବଂ ୨ ମଧ୍ୟ ଦର୍ଶକଙ୍କ ନିମନ୍ତେ ଖୋଲି ଦିଆଯିବ। ଦକ୍ଷିଣଆଫ୍ରିକା ୩ୟଥର ବାରବାଟୀରେ ଟି-୨୦ ଖେଳିବାକୁ ଯାଉଛି। ଏପରିକି ବିଗତ ଦୁଇ ମ୍ୟାଚ୍‌ରେ ଦଳ ଅପରାଜେୟ ରହିଥିବା ବେଳେ ଭାରତ ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିବ।

### ନାଇଟ୍ କ୍ଲବରେ...

ଲାଗି ଯାଇଥିଲା। ଏଠାରେ ପ୍ରାୟ ଶହେ ଜଣ ଉପସ୍ଥିତ ଥିଲେ। ଏହି ସମୟରେ ଅଚାନକ କ୍ଲବ୍‌ର ଛାତରୁ କାଚ ଖଣ୍ଡ ଖସି ଆସିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ଦେଖିବାକୁ ମିଳିଥିଲା। ଏହା ଦେଖି ଲୋକେ ଭୟରେ ଥରହର ହୋଇଥିଲେ। ମହିଳା ନୃତ୍ୟଶିଳ୍ପୀ ନାଚ ବନ୍ଦ କରି ଅନ୍ୟମାନଙ୍କ ସହ ଜୀବନ ବିକଳରେ ଦୌଡ଼ିବାକୁ ବସିଥିଲେ। ସମସ୍ତେ ଯାଇ ରୋଷେଇ ଘରେ ପହଞ୍ଚିଥିଲେ। ଏଠାରେ ପୂର୍ବରୁ କର୍ମଚାରୀ ଥିବାରୁ ସେମାନେ ଫସି ଯାଇଥିଲେ। କାରଣ ରାସ୍ତା ଅତି ସଂକୀର୍ଣ୍ଣ ଥିଲା। କିଛି କ୍ଷଣ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ତାଳ ପତ୍ରରେ ସଜା ଯାଇଥିବା ଯୋଗୁଁ ଏହା ଦ୍ରୁତଗତିରେ ବ୍ୟାପି ଚାଲିଥିଲା।

ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ।।ଯେ ନିଆଁ ଲାଗିବା ପରେ ଲୋକେ ବାହାରକୁ ଆସି ନପାରିବାରୁ ଶ୍ୱାସରୁଦ୍ଧ ହୋଇ ଅନେକଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଡିଜିପି ଆଲୋକ କୁମାର କହିଛନ୍ତି ଯେ ପ୍ରଥମ ମହଲାରେ ଥିବା ରୋଷେଇ ଘରୁ ନିଆଁ ଆରମ୍ଭ ହୋଇଥିଲା। ଏହା କିଛି ମିନିଟ ମଧ୍ୟରେ ଭୟଙ୍କର ରୂପ ଧାରଣ କରି କ୍ଲବ୍‌ର ଅନ୍ୟ ଭାଗକୁ ମାଡ଼ି ଯାଇଥିଲା। ଏଥିପାଇଁ ରୋଷେଇ ଘର ପରିସରରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି। ଦୌଡ଼ି ପଳାଇବାକୁ ପ୍ରୟାସ କରୁଥିବା ସମୟରେ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଥିଲେ। ପାହାଚରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଏହି କ୍ଲବରେ ଅଗ୍ନି ନିର୍ବାପକ ନିୟମ ପାଳନ କରାଯାଇ ନ ଥିଲା। ସବୁ ନିୟମ ଉଲ୍ଲଙ୍ଘନ କରାଯାଇଥିଲା। କ୍ଲବ୍‌ରୁ ପ୍ରବେଶ ଏବଂ ବାହାରିବା ପାଇଁ ପର୍ଯ୍ୟାପ୍ତ ରାସ୍ତା ମଧ୍ୟ ନ ଥିଲା। ତେଣୁ ଦମକଳ ବାହିନୀ ମଧ୍ୟ ଠିକ୍ ସମୟରେ ପଶି ପାରି ନ ଥିଲା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଫରେନସିକ ଟିମ୍ ଏବଂ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଜାରି ରଖିଛନ୍ତି।

ଏବେ ଘଟଣାର ତଦନ୍ତ ଜାରି ରହିଛି। କିଛି ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସରକାର ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ପ୍ରମୁଖ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

### ରାସନ କାର୍ଡ...

୯୮ ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୮୭ ହଜାର ୫୪୭ ହିତାଧିକାରୀଙ୍କୁ ରେସନ ଯୋଗାଇ ଦିଆଯାଉଛି। ଏହି ତାଲିକାକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଯୋଜନା ଅର୍ଥାତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ପାଇଁ ରହିଥିବା ହିତାଧିକାରୀ କୋଟା ୩ କୋଟି ୨୬ ଲକ୍ଷ ପୂରା ହୋଇ ଯାଇଛି। ଅଥଚ ରାଜ୍ୟ ସରକାରଙ୍କ ହାତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଦେବା ପାଇଁ ପର୍ଯ୍ୟାପ୍ତ କ୍ଷମତା ଓ ବ୍ୟବସ୍ଥା ଥିବା ସତ୍ତ୍ୱେ ସରକାର ୪ ଲକ୍ଷ ୭୨ ହଜାର ୪୭୮ ଆବେଦନକୁ ପକାଇ ରଖିଛନ୍ତି। ଏହି ଆବେଦନ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୫୭ ହଜାର ୩୨୧ ଆବେଦନ ପଡ଼ି ରହିଥିବା ବେଳେ ଖୋର୍ଦ୍ଧାରୁ ୩୬ ହଜାର ୪୫୯, ଭଦ୍ରକରୁ ୩୫ ହଜାରରୁ ଊର୍ଦ୍ଧ୍ୱ, ବାଲେଶ୍ୱରରୁ ୨୯ ହଜାରରୁ ଊର୍ଦ୍ଧ୍ୱ ଓ ପୁରୀରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ଥିବା କୁହାଯାଉଛି।

ରାଜ୍ୟ ସରକାର ବର୍ତ୍ତମାନ ରାସନକାର୍ଡରୁ ନାଁ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ଡିସେମ୍ବର ଶେଷ ପର୍ଯ୍ୟନ୍ତ ଇ-କେୱାଇସି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହଜାର ୯୯୫ ଜଣ ମୃତକଙ୍କ ନାଁ କାର୍ଡରୁ କଟିଛି। ସେହିପରି ଯାଞ୍ଚ ପ୍ରକ୍ରିୟା ମଧ୍ୟରେ ୩୩ ହଜାର ୧୨୮ ଟି ଅଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ କଟାଯାଇଥିବା ରାଜ୍ୟ ସରକାର ଦାବି କରିଛନ୍ତି। ଅନ୍ୟପକ୍ଷରେ ୧୪ ଲକ୍ଷ ୩୫ ହଜାର ୫୭୮ ଜଣ ଲୋକ ଇ-କେୱାଇସି କରି ନ ଥିବାରୁ ସରକାରଙ୍କ ପାଇଁ ମଧ୍ୟ ଅଡୁଆ ବଢ଼ିଛି। ଏହି ହିତାଧିକାରୀଙ୍କ ମଧ୍ୟରେ ଅନେକ ଲୋକଙ୍କ ଫିଙ୍ଗର ପ୍ରିଣ୍ଟ କାମ କରୁ ନ ଥିବା ଓ ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଇ-କେୱାଇସି ହୋଇପାରୁ ନ ଥିବା ଅଭିଯୋଗ ଆସୁଛି। ଏମିତି କି ଏଭଳି ଘଟଣା ପାଇଁ ଯାଜପୁରରେ ରିସା ମାଙ୍କିଡ଼ିଆଙ୍କର ଅନାହାରରେ ମୃତ୍ୟୁର ମଧ୍ୟ ସରକାର ବଦନାମ ମୁଣ୍ଡାଇଛନ୍ତି। ଏପରି ପରିସ୍ଥିତିରେ ସରକାର କିପରି ପୁରୁଣା କାର୍ଡକୁ କାଟି ନୂତନ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିବେ ତାହା ଏବେ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

### ଶୀତରେ ଥରୁଛି...

ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକ୍ରୁଲି ବ୍ଲକ ଅଞ୍ଚଳରେ ଘନ କୁହୁଡି ସାଙ୍ଗକୁ ଶୀତର ଲହରୀ ଜାରି ରହିଛି। ରବିବାର ସକାଳ ସମୟରେ ଶିମିଳିପାଳ କୋର ଅଞ୍ଚଳ ଉପର ବାରାକାମୁଡା ରେଞ୍ଜ ଅନ୍ତର୍ଗତ ମୋଟୁଘ ଠାରେ ଥିବା ଘାସ ପଡ଼ିଆରେ ସମ୍ପୂର୍ଣ୍ଣ ଭାବେ ତୁହିନ ଆସ୍ତରଣ ପରିଲକ୍ଷିତ ହୋଇଛି। ଯାହାକି ବରଫାଚ୍ଛନ୍ନ ହେବାର ଭ୍ରମ ସୃଷ୍ଟି କରିଛି।

ଏ ବର୍ଷ ଶିମିଳିପାଳ ଅଭୟାରଣ୍ୟରେ ପ୍ରଥମଥର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଶିମିଳିପାଳ ଅଭୟାରଣ୍ୟର ଉପର ବାରାକାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀକୁ ଛୁଇଁଛି। ଆଗକୁ ତାହା ଆହୁରି ନିମ୍ନଗାମୀ ହେବା ସମ୍ଭାବନା ରହିଛି। ସେହିପରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟର ଚହଲା ୪ ଡିଗ୍ରୀ, ନଓଣା ୫ ଡିଗ୍ରୀ, ବରେହିପାଣି ୭ ଡିଗ୍ରୀ, ରାମତୀର୍ଥ ୧୨ ଡିଗ୍ରୀ, ଗୁଡୁଗୁଡିଆ ୬ ଡିଗ୍ରୀ, ସାତକୋଶିଆରେ ୧୩ ଡିଗ୍ରୀ ଓ କିଆଝରିରେ ୧୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ପର୍ବତମାଳାର ଅନେକ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛଲତା ଉପରେ ପଡିଥିବା କାକର ବିନ୍ଦୁ ଜମାଟ ବାନ୍ଧି ତୁହିନର ଆସ୍ତରଣରେ ପରିଣତ ହୋଇଥିବାବେଳେ ତୁଷାର ପାତର ଭ୍ରମ ସୃଷ୍ଟି କରିଛି। ଆଭ୍ୟନ୍ତରୀଣ ଶିମିଳିପାଳର ଅନ୍ୟାନ୍ୟ ମୁଖ୍ୟ ସ୍ଥାନ ଦେବସ୍ଥଳୀ, ଜେନାବିଲ, କୁମାରୀ ଓ ତାରାଣୀବିଲା ଆଦିରେ ମଧ୍ୟ ପ୍ରବଳ ମାତ୍ରରେ ଶୀତ ଅନୁଭୂତ ହେଉଛି। ତେବେ ବିଗତ ବର୍ଷମାନଙ୍କରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସର୍ବନିମ୍ନ ଶୂନ୍ୟ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ବର୍ତ୍ତମାନ ପିକନିକ ଋତୁରେ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଶୀତ କୁହୁଡି ମଧ୍ୟରେ ଶିମିଳିପାଳର ପ୍ରାକୃତିକ ପରିବେଶର ମଜା ନେବାର ସୁଯୋଗକୁ କେହି ବି ପର୍ଯ୍ୟଟକ ହାତଛଡା କରିବାକୁ ଚାହିଁନାହାଁନ୍ତି। ପାହାଡ ଓ ପ୍ରକୃତିମାଳାରେ ଘେରି ରହିଥିବା ଶିମିଳିପାଳରେ ତୁଷାରପାତ ପରେ ଓଡ଼ିଶାର କାଶ୍ମୀର ପରି ଭୂସ୍ୱର୍ଗ ପାଲଟିଯାଇଛି। ଯାହା ପର୍ଯ୍ୟଟକଙ୍କ ପାଇଁ ଖୁବ ମଜାର କାରଣ ସାଜିଛି।

'ସକାଳ' ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ
**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା
**ଶ୍ରୀ କାର୍ତ୍ତିକେଶ୍ୱର ପରିଡା**
ସଭାପତି
**ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା**
ସଂପାଦକ

## ବିଦ୍ୟାପୀଠରେ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ସୋର, ୭।୧୨(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରସ୍ଥିତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୱାଇଫାଇ ଇଣ୍ଟରନେଟ ମାଧ୍ୟମରେ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଭିଡିଓ କନଫରେନ୍ସ ମାଧ୍ୟମରେ ବହୁ ଦୂରଦୂରାନ୍ତରୁ ଯୋଗାଯୋଗ କରାଯାଇଥିଲା। ସାଂସ୍କୃତିକ ଏବଂ ଅତିଥି ଯୋଗାଯୋଗ ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକ ରେ ଉପସଭାପତି ମଧୁସୂଦନ ବେହେରା, ନାରାୟଣ ପଣ୍ଡା, ଶ୍ରୀଧର ସାହୁ, ସମ୍ପାଦକ ମୁରଲୀଧର ପାଢ଼ୀ ଉପସ୍ଥିତ ରହି ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ।

ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ସମସ୍ତ ନୂତନ ଏବଂ ପୁରାତନ ଛାତ୍ରଛାତ୍ରୀ ହିରକ ଜୟନ୍ତୀରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।ଶ୍ରୀଧର ବେହେରା, ସତ୍ୟାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ମହେନ୍ଦ୍ର ପ୍ରସାଦ ସାହୁ, ସୁଦାମ ଚରଣ ବେହେରା, ସୁନୀଲ ରଞ୍ଜନ ବିଶ୍ୱାଳ, ଜୟନ୍ତ ରାଉତ, ଗୟାଧର ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣା ଘରେ ରଙ୍ଗବୋଳି ନେଇଗଲେ ଟଙ୍କା !

ଜଳେଶ୍ୱର ବ୍ଲକ, ୭।୧୨ (ସମିସ)



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକରେ ଦିନକୁ ଦିନ ପିସି କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଗ୍ରାମ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଅତି ନିମ୍ନ ମାନର ଚାଲିଛି, ଯାହାକୁ ନେଇ ବିଭିନ୍ନ ସମୟରେ କାର୍ଯ୍ୟକୁ ନେଇ ଅଭିଯୋଗ ଆସିଲେ ମଧ୍ୟ ପିସି ପାଇଁ କର୍ଣ୍ଣପାତ କରିଲୁନାହାନ୍ତି ପ୍ରଶାସନିକ ଅଧିକାରୀ। ଏଭଳି ଏକ ଅଭିଯୋଗ ଆସିଛି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆର୍ଡ ଗ୍ରାମ ପଞ୍ଚାୟତରୁ ।୨୦୦୭ ମସିହାରେ ବିଧାୟକ ହାତପାଣ୍ଠିରୁ ଖୁଆଡ ଆରଆଇ ଅଫିସ ନିକଟରେ ଏକ କମ୍ୟୁନିଟି ସେଣ୍ଟର୍ ନିର୍ମାଣ କାର୍ଯ୍ୟ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ଏବଂ ଠିକାଦାର ମଧ୍ୟ ୭୦ ପ୍ରତିଶତ କାର୍ଯ୍ୟ ସମାପନ କରିଥିଲେ ମଧ୍ୟ ଉକ୍ତ ଖାତା ନମ୍ବର -୧୧୦୦ ପ୍ଲଟ ନମ୍ବର -୩୩୫୦ , ସ୍ଥାନଟି ଏକ ଗ୍ରାମ୍ୟ ଜଙ୍ଗଲ କିସମର ହୋଇ ଥିବାରୁ ଅଭିଯୋଗ ପରେ କାର୍ଯ୍ୟ ଆଗକୁ ହୋଇ ପାରି ନ ଥିଲା କି ଠିକାଦାର ମଧ୍ୟ ଖର୍ଚ୍ଚ କରିଥିବା ଅର୍ଥ ଅଧିକାରୀ ମାନଙ୍କୁ ପାଖରେ ଗୁହାରି କରିଥିଲେ ମଧ୍ୟ ପାଇ ପାରି ନ ଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସାହିବାସୀଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ ହୋଇ ଥିଲା। କିନ୍ତୁ ଜଳେଶ୍ୱର ବ୍ଲକର କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର କୁମାର ପ୍ରଧାନ ଉକ୍ତ କମ୍ୟୁନିଟି ସେଣ୍ଟରରେ ପୁରୁଣା ଘରେ କେବଳ ରଙ୍ଗ ବୋଳି ୨୦୨୪-୨୫ ଆର୍ଥିକ ବର୍ଷରେ ବିଧାୟକ ହାତ ପାଣ୍ଠିରୁ ସେହି ଗ୍ରାମ୍ୟ ଜଙ୍ଗଲ କିସମର ଜାଗାରେ ୧ ଲକ୍ଷ ଟଙ୍କାର ଫଳକ ଲଗାଇ ବିଲ ଉଠାଇ ନେଇଥିବାର ଚର୍ଚ୍ଚା ହେଉଛି।

ଏ ବାବଦରେ ଗ୍ରାମର କିଛି ବ୍ୟକ୍ତି ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଏବଂ ଜିଲ୍ଲାପାଳ ମିଳିତ ଅଭିଯୋଗ ଜନ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ତଦନ୍ତ ନ କରି ବିଲ୍ ପୈଠ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ବାବଦରେ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ଏ ଭଳି କାର୍ଯ୍ୟ ନ କରି ଫଲ୍ସ ବିଲ କରୁଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗକୁ ଏହି ପରି ବିଭିନ୍ନ ସ୍ଥାନରେ ବେଆଇନ କାର୍ଯ୍ୟ ବୃଦ୍ଧି ପାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ୧୭ ରୁ ନୀଳଗିରି କ୍ରିକେଟ ଲିଗ୍ ସିଜିନ୍-୫




ନୀଳଗିରି, ୭।୧୨ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହେବାକୁଥିବା ନୀଳଗିରି କ୍ରିକେଟ ଲିଗ୍ (ଏନସିଏଲ) ସିଜିନ -୫ର ଆଗାମୀ ସଂସ୍କରଣ ଡିସେମ୍ବର ୧୭ ତାରିଖରୁ ଅନୁଷ୍ଠିତ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଚଳିତମାସ ୧୦ତାରିଖ ମହାବୀର ୟୁନାଇଟେଡ, ହରପ୍ରିୟା ଚେଲେଞ୍ଜର, ବାବା ସର୍ବେଶ୍ୱର ଫାଇଟରସ, ମୁକ୍ତି ଇଲେଭେନ୍, ୫ଏସ ଫାଇଟର୍ସ, ଓମସାଇ ଷ୍ଟାରପାୱାର ଆଦି ୬ଟି ଫ୍ରାଞ୍ଚାଇଜକୁ ନେଇ ଖେଳାଳୀ ନିଲାମି (ବିଡିଂ) ହେବ। ନୀଳଗିରି, ବାଲେଶ୍ୱର, ସୋର ଏବଂ ରେମୁଣା ନିର୍ବାଚନମଣ୍ଡଳୀରୁ ୧୫୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳୀ ନାମ ପଞ୍ଜୀକରଣ କରିଥିବା ଆଜି ନୀଳଗିରି ହାଟଛକ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ଆୟୋଜକ "ମାହି ସ୍ପୋର୍ଟସ" ଆନୁକୂଲ୍ୟରେ ନୀଳଗିରି କ୍ରିକେଟ ଲିଗ୍ ସଭାପତି ସୁମନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ନୀଳଗିରି ଅଞ୍ଚଳ ଏବଂ ଆଖପାଖ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମାନଙ୍କର ପ୍ରତିଭା ଖେଳାଳିମାନେ ନିଜର ଖେଳପ୍ରଦର୍ଶନ କରି କ୍ରୀଡାକ୍ଷେତ୍ରରେ ଆଗକୁଯାଇ ନିଜର ତଥା ଅଞ୍ଚଳର ଗୌରବଅର୍ଜନ କରିବାର ପ୍ଲାଟଫର୍ମ ଦେଇଛି ନୀଳଗିରି କ୍ରିକେଟଲିଗ୍ ବୋଲି ଅନ୍ୟ ମଞ୍ଚାସିନ କର୍ମକର୍ତ୍ତା ମତ ରଖିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୨ଓଭର ବିଶିଷ୍ଟ ହେବାକୁ ଥିବାବେଳେ ବିଜୟୀଦଳକୁ ୧ଲକ୍ଷ ୧୧ହଜାର ୧ଶହ ୧୧ଟଙ୍କା ଏବଂ ଉପବିଜେତା ଦଳକୁ ୭୭ହଜାର ୭ଶହ ୭୭ଟଙ୍କା ଅର୍ଥରାଶି ପୁରସ୍କାରରେ ପୁରସ୍କୃତ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁମନ ଦାସଙ୍କ ସହିତ ଜିତେନ୍ଦ୍ର ରାଉତ, ବିବେକ ସାହୁ, ଅଶ୍ୱିନୀ ପାତ୍ର, ଆଦର୍ଶ ଗୌରବ ଦାସ, ଗୟାଧର ବେହେରା, ନିଗମ ମହାପାତ୍ର, ସନ୍ତୋଷ ସାହୁ, ସୁଧାରଞ୍ଜନ ମହାପାତ୍ର, ଆନନ୍ଦ ମିଶ୍ରପ୍ରମୁଖ ସଦସ୍ୟଙ୍କ ସହିତ ସୁନୀଲ ମଢ଼େଇ, ଉମାଶଙ୍କର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ୧୪ରେ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ମହୋତ୍ସବ

ଜଳେଶ୍ୱର, ୭।୧୨(ସମିସ): ବର୍ଦ୍ଧନାସ୍ଥିତ ଶ୍ରୀଅରବିନ୍ଦ ଭବନ ପରିସରରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ମହା ମହୋତ୍ସବ ଆସନ୍ତା ୧୪ତାରିଖରେ ହେବ ବୋଲି ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ (ଦେହାଂଶ) ପଣ୍ଡିଚେରୀ ଆଶ୍ରମରୁ ଅଣାଯାଇ ମାଣିତ୍ରୀ ଆଶ୍ରମ ପରେ ଭେଲୋରାସ୍ଥିତ ଯୋଗ ମନ୍ଦିରରେ ରଖାଯାଇ ଉକ୍ତ ଦିନ ବନ୍ଦେ ମାତରମ ଗାନ କରି ଏକ ବାଇକ୍ ଶୋଭାଯାତ୍ରାରେ ବର୍ଦ୍ଧନା ପର୍ଯ୍ୟନ୍ତ ଅଣାଯିବ। ସାମ୍ବାଦିକ ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସନ୍ଦିପ ସାମଲ, ଆନନ୍ଦମୟୀ ପାଠଚକ୍ର ଟ୍ରଷ୍ଟର ସଂପାଦକ ଅର୍ଚ୍ଚନା ସାମଲ, ସଦସ୍ୟ ବୈଦ୍ୟନାଥ ବେହେରା, ନରେନ୍ଦ୍ର ବାରିକ ଉପସ୍ଥିତ ଥିଲେ।

## ୩ ପ୍ରମୁଖ ରାସ୍ତାର ଶିଳାନ୍ୟାସ

ଖଇରା, ୭।୧୨ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ମୁଖ୍ୟମନ୍ତ୍ରୀ ସଡକ ଯୋଜାନରେ ଅନ୍ତର୍ଭୁକ୍ତ ହୋଇଥିବା ୩ ପ୍ରମୁଖ ସଡକ ପଥର ଶିଳାନ୍ୟାସ ରବିବାର ଦିନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ୨କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଧୋବାଗଡିଆ ତାରିଣୀ ଛକ ଠାରୁ ଭାୟା କୁମ୍ଭକା ଦେଇ ନହଙ୍ଗଛକ ପର୍ଯ୍ୟନ୍ତ ସାଢେ ୩କିମି ରାସ୍ତାର ଭୂମି ପୂଜନ କରାଯାଇଥିଲା। ବ୍ରଜ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ରବିନ୍ଦ୍ର ନାୟକ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ସମିତି ସଭ୍ୟ ଅଜିତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁ, କନିଷ୍ଠ ଯନ୍ତ୍ରୀ ମନୋଜ ସାମନ୍ତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ୨କୋଟି ୪୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନଟାପଡା ଆରଡି ରାସ୍ତାରୁ ଜିଆଣିପଦା କଣ୍ଟିଗଡିଆ ଦେଇ ଫତେପୁର ପର୍ଯ୍ୟନ୍ତ ଲମ୍ବିଥିବା ୩କିମି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ବିଧାୟକ, ଅଧ୍ୟକ୍ଷାଙ୍କ ସମେତ ଜିଆଣିପଦା ଗ୍ରାମର କ୍ୟାପଟେନ ରଘୁନାଥ ପାତ୍ର, ପ୍ରହଲ୍ଲାଦ ଗାହଣ ପ୍ରମୁଖ ଆୟୋଜିତ ସଭାରେ ଉପସ୍ଥିତ ଥିଲେ। ସେହିଭଳି ୪କୋଟି ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଔପଦା ପୂର୍ତ୍ତ ବିଭାଗ ରାସ୍ତାରୁ ଭାୟା ଜୟୀପୁର ଦେଇ ଶ୍ରୀରାମପୁର ପର୍ଯ୍ୟନ୍ତ ୪କିମି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବା ପରେ ଆଇନଜୀବୀ ଉପେନ୍ଦ୍ର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସୁଦର୍ଶନ ମହାରଥା, ମନୋଜ ପାତ୍ର, ସୌମ୍ୟରଞ୍ଜନ ନାୟକ, ଶିତିକଣ୍ଠ ପଣ୍ଡା ପ୍ରମୁଖ ଉକ୍ତ ଶିଳାନ୍ୟାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା:** ଜିଆଣିପଦା ଓ ଶ୍ରୀରାମପୁର ରାସ୍ତା ପାଇଁ ଲଗାଯାଇଥିବା ଫଳକରେ ସରପଞ୍ଚ ଓ ସମିତି ସଭ୍ୟାଙ୍କ ନାମ ରଖାନଯିବା କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡି ସରକାର ସମୟରେ ରାସ୍ତା ଚିଠା ଯାଇଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା କରାଯିବା ଦୁର୍ଭାଗ୍ୟର ବିଷୟ ବୋଲି ଖଇରା ସରପଞ୍ଚ ମାଳତୀ ଲତା ସେଠୀ ପ୍ରତିକ୍ରିୟାରେ କହିଛନ୍ତି।

## ରାଇବଣିଆ ମଣ୍ଡଳସ୍ତରୀୟ ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର ବ୍ଲକ୍, ୭।୧୨ (ସମିସ): ରବିବାର ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସୁବର୍ଣ୍ଣରେଖା ମଣ୍ଡଳ ସ୍ତରୀୟ ବିଜେପିର ସାଙ୍ଗଠନିକ ବୈଠକ ରାଇବଣିଆ ସ୍ଥିତ ଗହିରାଖାଲ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇ ଯାଇଛି। ଯୁବନେତା କାଳିଚରଣ ଦାସଙ୍କ ପରିଚାଳନାରେ ଜିଲ୍ଲା ସାଙ୍ଗଠନିକ ସଭାପତି ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ଜିଲ୍ଲା ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ସୁମତି ଦେ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଭୂପତି ଚରଣ ମିର୍ଦ୍ଧା, ରାସ ବିହାରୀ ରଣା, ଶିବ ନାରାୟଣ ମହାପାତ୍ର, ଉଦୟ ନାଥ ମୁର୍ମୁ, ଗଣେଶ ସୋରେନ, ଶ୍ରୀକଣ୍ଠ ମହାନ୍ତି, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ସିଙ୍ଗଲା ସରପଞ୍ଚ ବିପିନ ବିଶ୍ୱାଳ, ତ୍ରିଲୋଚନ ଦାସପ୍ରମୁଖଙ୍କ ସହ ରାଇବଣିଆ ଅଞ୍ଚଳର ବହୁ କର୍ମୀ ଉପସ୍ଥିତ ଥିଲେ।

## ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ



ସୋର, ୭।୧୨(ସମିସ): ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଅଧିକାରୀ ଡା. କାଶୀନାଥ ପଣ୍ଡା, ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଅଧିକାରୀ ଡା. ଲକ୍ଷ୍ମୀପ୍ରସାଦ ରାଉତ ଚଳିତ ମାସରୁ ବାଗୁଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି ମାନଙ୍କର ପ୍ରସବ ଆରମ୍ଭ ହେବାକୁ ଯାଉଥିବା ବେଳେ ଆବଶ୍ୟକିୟ ଷ୍ଟାଫ, ହାଉସକିପର, ସିକ୍ୟୁରିଟି, ନର୍ସିଂ ଅଫିସର ଆଦି ଆବଶ୍ୟକତା ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା। ଲେବର ରୁମ, ଡ୍ରେନେଜ ସିଷ୍ଟମ ସମସ୍ୟା, ଡାକ୍ତରଖାନାର ମୁଖ୍ୟ ଗେଟ, ଡାକ୍ତର ଏବଂ ଫାର୍ମାସିଷ୍ଟମାନଙ୍କ ପାଇଁ କ୍ୱାଟରର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ସମିତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର, ସିଙ୍ଗାଖୁଣ୍ଟା ସରପଞ୍ଚ ଅନାଦିଚରଣ ସାମଲ, ଏନ. ଏଚ. ଏମ ଜେଏଇ ଭାନୁମତି ମହାଳିକ, ବିଶ୍ୱନାଥ ପାତ୍ର, ସ୍ନେହପ୍ରଭା ପାତ୍ର, ଅନୁପ କୁମାର ନାୟକ, ଶକୁନ୍ତଳା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜପଥରେ ବସ୍ତା ପୁଲିସର କଡ଼ାକଡ଼ି ଯାଞ୍ଚ

ରାଜଘାଟ, ୭।୧୨ (ସମିସ): ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ଥାନାଧିକାରୀ ରଂଜିତ କୁମାର ସାହୁଙ୍କ ତତ୍ୱାବଧାନରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର ଭେଲୋରା ଠାରେ ବସ୍ତା ପୋଲିସ ପକ୍ଷରୁ ଦୁଇ ଚକିଆ, ଚାରି ଚକିଆ ଯାନ ସହିତ ବିଭିନ୍ନ ଗାଡ଼ି ମଟର କଡାକଡି ଚେକିଂ କରା ଯାଇଛି। ୬୦ ନଂ ଜାତୀୟ ରାଜପଥର ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ଠାରୁ ହଳଦୀ ପଦା ପର୍ଯ୍ୟନ୍ତ ଲୁଟେରା ମାନେ ଲୁଟତରାଜ ଚଳାଇଛନ୍ତି, କେତେବେଳେ ନିଜକୁ ଏମଭିଆଇ ପରିଚୟ ଦେଇ ଗାଡ଼ି ମଟର ଅଟକାଇ ଲୁଟ କରୁଛନ୍ତି ତ କେତେବେଳେ ପୁଲିସ ଆରଟିଓ କହି ଚାନ୍ଦା ଆଦାୟ କରୁଛନ୍ତି। ପୁଣି କେତେବେଳେ ବନ୍ଧୁକ, ଭୁଜାଲିରେ ମରଣାନ୍ତକ ଆକ୍ରମଣ କରି ଲୁଟ୍ କରୁଛନ୍ତି।ସ୍ଥାନୀୟ ଲୋକଙ୍କ ପକ୍ଷରୁ ପୁଲିସ ପାଟ୍ରୋଲିଂ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ଗତକାଲି ବିଳମ୍ବିତ ରାତିରେ ପୋଲିସ ପେଟ୍ରୋଲିଂ କଡାକଡି କରିଛି, ଏଭଳି ପ୍ରତ୍ୟେକ ଦିନ କରିବା ପାଇଁ ଅଞ୍ଚଳ ବାସି ଦାବୀ କରିଛନ୍ତି।ଏହି ଅବସରରେ ଏସଆଇ ସନ୍ଦୀପ କୁମାର କୁଜୁରଙ୍କ ସମେତ ଥାନା ର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୀଳଗିରି, ୭।୧୨ (ସମିସ): ନୀଳଗିରି ମହାବୀର କ୍ଲବ ପକ୍ଷରୁ ଆୟୋଜିତ ୨୦୨୫/୨୬ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡା ଏବଂ ମୁଖ୍ୟବକ୍ତା ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଉପସ୍ଥିତ ଥିଲେ। କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଖେଳାଳି ଆସୁଛନ୍ତି ବୋଲି ସଭାପତି ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ୱର୍ଗତ କୌଶିକ ରାୟଙ୍କ ସ୍ମୃତିରେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଭାସ୍କର ବିଶ୍ୱାଳ। ଏହି ଟୁର୍ଣ୍ଣାମେଣ୍ଟ ଆଠ ଦିନ ଧରି ଚାଲିବ ବୋଲି ସମ୍ପାଦକ ପ୍ରକାଶ କରିଥିବା ବେଳେ ଏହି ଅବସରରେ ନୀଳଗିରି ଅଞ୍ଚଳର ବିଭିନ୍ନକ୍ରୀଡା କ୍ଷେତ୍ରରେ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଉନ୍ନତଖେଳ ପ୍ରଦର୍ଶନ କରିଥିବା ଖେଳାଳୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟଦେଇ ପୁରସ୍କୃତ କରାଯାଇଥିଲା।

## ସମାଜସେବୀଙ୍କ ଦେହାନ୍ତ

ବାଲିଆପାଳ, ୭।୧୨ (ସମିସ): ବିଶିଷ୍ଟ ସମାଜସେବୀ ମୁରଲୀ ମୋହନ ଜେନାଙ୍କ ଶନିବାର ବିଳମ୍ବିତ ରାତିରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଛି। ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ବାଲେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶ୍ରୀ ଜେନା ଏକାଧାରରେ ଜଣେ ଉତ୍ତମ ବ୍ୟବସାୟୀ, ରାଜନୈତିକ, ସାମାଜିକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବା ସହିତ ପୁରାତନ ବାଲିଆପାଳ ବଣିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ବାଲିଆପାଳରେ ଶୋକର ଛାୟା ଖେଳିଯାଇଛି। ରବିବାର ପୂର୍ବାହ୍ନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି। ବହୁ ସମାଜସେବୀ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ବଡ଼ ପୁତ୍ର ମନୋଜ କୁମାର ଜେନା ମୁଖାଗ୍ନି ଦେଇଥିଲେ। ସାନପୁଅ ଦିନୋଜ, ଝିଅ ମମତା, ଜ୍ୱାଇଁ ଯୋଗେଶ୍ୱର, ନାତି ସୈମ୍ୟ ସିଦ୍ଧାର୍ଥ, ସୌମ୍ୟସ୍ୱରୂପ, ଅଙ୍କିତ ଅମନ ଉପସ୍ଥିତ ଥିଲେ।

## ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ, ୭।୧୨ (ସମିସ): ଏହି ବ୍ଲକ୍ ଅନ୍ତର୍ଗତ ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀ ବାଡ଼ିଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ସୁଧୀର କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ଏବିଇଓ ନମିତାପ୍ରଭା ସାମଲ, ପୂର୍ବତନ ସିଆରସିସି ଅଶୋକ କୁମାର ଗିରି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ତ୍ରିପାଠୀ, ଲମ୍ବୋଦରମାହାନା, ସିଆରସିସି ଯଶୋବନ୍ତ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମକୃଷ୍ଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ସୁଶାନ୍ତ କୁମାର କର ଏବଂ ବିଦ୍ୟାଳୟ ପାଇଁ ଗୌରବ ଆଣି ଥିବା ଛାତ୍ର ଅଂଶୁମାନ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନିତାଇ ଚରଣ ରାଉଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଭରତ ଚନ୍ଦ୍ର ଜେନା , ମଞ୍ଜୁବାଳା ମହାନ୍ତି, ସନ୍ଦୀପା ଜେନା, ପୂଜାରାଣୀ ଦେ, ସୁଶୀଲ କୁମାର ଜେନା ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କାଳିମାତା ଯୁବକ ସଂଘ ତରଫରୁ ହରିନାମ ସଂକୀର୍ତ୍ତନ

ଚନ୍ଦନେଶ୍ୱର, ୭।୧୨ (ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଗମ୍ଭାରିଆ କାଳିମାତା ଯୁବକ ସଂଘ ତରଫରୁ ଅଷ୍ଟମପ୍ରହରବ୍ୟାପୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାର ହଜାର ଲୋକେ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ଦାସ, ବଂକିମ ଚନ୍ଦ୍ର ଜେନା, ସୁକୁମାର ଜେନା, ସୁବାସ ବାରିକ, ସପନ ଜେନା, ବିଜୟ ଜେନା, ତପନ ଜେନା, ସୁବାସ ଜେନା, ଝାଡେଶ୍ୱରୀ ଦାସ, ବିଜୟ ଦାସ, ରାଜେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜଳିଗଲା ଘର

ଭୋଗରାଇ, ୭।୧୨ (ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ପଳାସିଆ ଗ୍ରାମର ନାରାୟଣ ଜେନାଙ୍କ ନଡ଼ା ଛପର ଘରେ ନିଆଁ ଲାଗିଯାଇଥିଲା। ସଂଗେ ସଂଗେ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚିଲା ବେଳେକୁ ଘରଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡିଛି।

## ଆମ୍ବେଦକରଙ୍କ ତିରୋଧାନ ଦିବସ



ଭୋଗରାଇ, ୭।୧୨ (ସମିସ) : ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡ. ଭି ଆର ଆମ୍ବେଦକରଙ୍କ ମହା ପରିନିର୍ବାଣ ଦିବସ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୀର୍ତ୍ତନିଆ ଗ୍ରାମ ବାତ୍ୟାଶ୍ରୟସ୍ଥଳୀରେ ଆମ୍ବେଦକର ବିକାଶ ପରିଷଦ, ତଫସିଲ ଭୁକ୍ତ ଯୁବକ ସଂଘ ଓ ଟେଙ୍ଗରାମାରୀ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ହୋଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସଙ୍କ ସଭାପତିରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ ଆନ୍ଦୋଳନର ନେତା ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଶିକ୍ଷକ ଗୌତମ କୁମାର ପାତ୍ର, ରାଧାମୋହନ ବର୍ମନ, ରାମଚନ୍ଦ୍ର ଆଧେକ, ଛାତ୍ରୀ ପୂର୍ଣ୍ଣିମା ବେହେରା, ଛାତ୍ର ସାହେବ ଜେନା ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ନିମନ୍ତେ ଶୁଭବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଅନ୍ୟ ଏକ ସ୍ୱାଧୀନତା ପାଇଁ ଗଣ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଧନ୍ୟବାଦ ଦେଇଥିଲେ ବନମାଳୀ ଘଡ଼ାଇ। ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନାଟକ ଓ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

# ୟୁଏନ୍ କଲେଜ ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ କର୍ମଶାଳା

ସୋର, ୭।୧୨(ସମିସ)




ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ 'ଆଡଭାନ୍ସ ନାନୋ ମେଟେରିଆଲ ଆଣ୍ଡ ନାନୋଟେକ୍ନୋଲେଜି ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଏହି ଉତ୍ସବକୁ କଲେଜ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ସଭାପତିତ୍ୱ କରିଥିବା ବେଳେ ପାଟନା ଆଇଆଇଟିର ପ୍ରଫେସର ଡ. ମନୋରଂଜନ କର ଏବଂ ମୁଖ୍ୟବକ୍ତା ଭାବେ ଆନନ୍ଦପୁର କଲେଜ ପ୍ରାଧ୍ୟାପକ ଡ. ଉତ୍ତମ କୁମାର ପାଣିଗ୍ରାହୀ ଯୋଗଦେଇ ବିଷୟ ଶୀର୍ଷକ ଆଲୋଚନା କରିଥିଲେ। ଏହି ଅବସରରେ "ଫ୍ୟୁଚର ଲେନ୍ସ' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଦିନରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଆଇଆଇଟି ଗବେଷକ ମାନଙ୍କ ଦ୍ୱାରା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟାପକ ବିଶ୍ୱନାଥ ମାସନ୍ତ ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ରଣା, ମାନସ କୁମାର ଖଟୁଆ, ଏବଂ ସୁଦୀପ୍ତା ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗୀୟ କର୍ମଚାରୀ ମଣ୍ଟୁ ଚରଣ ବେହେରା ଏବଂ ନରେନ୍ଦ୍ର କୁମାର ମହାଳିକ ସହଯୋଗ କରିଥିଲେ।

**ମୟୂରଭଞ୍ଜ ମହୋତ୍ସବର ସପ୍ତମ ସନ୍ଧ୍ୟା**

# ଆସାମର ବିହୁ ନୃତ୍ୟ ମନମୋହିଲା





ବାରିପଦା, ୭।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ସପ୍ତମ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ତଥା ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାଦବ ହାଁସଦା, ମହୋତ୍ସବ କମିଟି ସଭାପତି କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ,

- ଇରା ମହାନ୍ତି, କୁମାର ବାପି ଝୁମାଇଲେ
- ପପୁପମପମ୍ ଓ ସ୍ୱରାଜ କଲେ ବିଭୋର

ତରୁଣ ମହାନ୍ତି ଓ ଅମିତାଭ ସାହୁ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ପ୍ରାରମ୍ଭରେ ଜିଲ୍ଲାର ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ କଳାକାର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତତସହିତ ଆସାମର ବିହୁ ନୃତ୍ୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା। ସେହିପରି ମୁଖ୍ୟ ଆକର୍ଷଣ ଇରା ମହାନ୍ତି ଓ କୁମାର ବାପିଙ୍କ ଗୀତରେ ସମସ୍ତେ ଝୁମିଥିବାବେଳେ ମାଟିର ପୁଅ ପପୁ ପମପମ୍ ଓ ସ୍ୱରାଜ ବାରିକଙ୍କ ଯଥାକ୍ରମେ କମେଡି ଓ ଅଭିନୟ ସହିତ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଅନ୍ୟ ଦିନ ଅପେକ୍ଷା ରବିବାର ଭରପୂର ଦର୍ଶକଙ୍କ ସମାଗମ ହୋଇଥିଲା। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ୮ମ ସନ୍ଧ୍ୟାରେ ସ୍ୱନାମଧନ୍ୟ କୁଡମାଲୀ କଳାକାର ଗୌତମ ଓ ପମି ଝୁମର ପରିବେଷଣ କରିବେ।

## ବୈଶିଙ୍ଗା ଅଞ୍ଚଳରେ ସଜାଗ ରହିବାକୁ ପୁଲିସ ପ୍ରଶାସନକୁ ଜିଲ୍ଲାପାଳଙ୍କ ପରାମର୍ଶ

ବୈଶିଙ୍ଗା, ୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାୟ ବୈଶିଙ୍ଗା ଥାନା ପରିଦର୍ଶନରେ ଆସି ଥାନା ପରିସରରେ ଥିବା ମାଲଖାନା ସହିତ ମହିଳା, ଶିଶୁ ଡେସ୍କ ଓ ଅନ୍ୟାନ୍ୟ କୋଠରୀ ବୁଲି ଦେଖିଥିଲେ। ଥାନା ଅଧିକାରୀ ବାରିଣୀ ଦାସଙ୍କ ଅନୁପସ୍ଥିତିରେ ଥାନାର ବିଭିନ୍ନ ମାମଲା ତଥା ଥାନାର ଥିବା ସୁବିଧା ଅସୁବିଧା ସମ୍ପର୍କରେ ସବଇନ୍ସପେକ୍ଟର ସରୋଜ ଜେନାଙ୍କୁ ପଚାରି ବୁଝିଥିଲେ। ସେହିପରି ସମଗ୍ର ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତ ସଂକ୍ରାନ୍ତରେ ମଧ୍ୟ ସମୀକ୍ଷା କରିଥିଲେ। ରାଜନୈତିକ ଦୃଷ୍ଟିକୋଣରୁ



ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୈଶିଙ୍ଗା ଅଞ୍ଚଳ ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ପୁଲିସ ଏଠାରେ ସଜାଗ ରହିବା ସହିତ ନିରପେକ୍ଷତା ଅବଲମ୍ବନ କରିବା ଓ ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ଶ୍ରୀ ସାୟ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ବୈଶିଙ୍ଗା ଥାନାର ଏସଆଇ ଶୁଭ୍ରାଂଶୁ ରାଉଳ, ସୁକାନ୍ତ ନାୟକ, ପ୍ରଦୀପ ଦେଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟରେ ଏବିସି ଆଇଡି ସମ୍ପର୍କିତ କର୍ମଶାଳା



ବାରିପଦା, ୭।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନଏଡି ସେଲ୍ ଦ୍ୱାରା 'ଏବିସି ଆଇଡିର ବ୍ୟବହାର ଓ ଉପଯୋଗିତା' ସମ୍ପର୍କିତ ତିନିଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ପି.ଏମ୍ ଉଷା ପ୍ରାୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଶତପଥୀ ଏଭଳି କାର୍ଯ୍ୟକ୍ରମରୁ ଛାତ୍ରଛାତ୍ରୀ ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍‌ର ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ସେମାନଙ୍କ ସମସ୍ତ ସୂଚନା ସହ ଆବଶ୍ୟକ ସହାୟତାକୁ କିପରି ଉଚ୍ଚଶିକ୍ଷାରେ ବିନିଯୋଗ କରିପାରିବେ, ସେ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଡିଜିଟାଲ ଇଣ୍ଡିଆ କର୍ପୋରେସନର ଆଞ୍ଚଳିକ ସଂଯୋଜକ ରବି ପାଣ୍ଡେ ଏହି ଆଇଡି ବ୍ୟବହାରର ଗୁଣବତ୍ତା ଓ ଡିଜିଟାଲ ସୁବିଧା ସୁଯୋଗ ସଂପର୍କରେ ତାଙ୍କର ବକ୍ତବ୍ୟ ରଖିଥିବାବେଳେ ସମ୍ମାନିତ ଅତିଥି ଭାବେ ଡିଜିଟାଲ ଇଣ୍ଡିଆ କର୍ପୋରେସନର ଓଡ଼ିଶା ରାଜ୍ୟ ସଂଯୋଜକ ଲୋପାମୁଦ୍ରା ନାୟକ ଉଚ୍ଚଶିକ୍ଷାରେ ବିଶେଷକରି ଛାତ୍ରଛାତ୍ରୀ ନିଜର ଶିକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂପର୍କରେ ଅବହିତ ହୋଇ ଉକ୍ତ ପ୍ଲାଟଫର୍ମରୁ ସମସ୍ତ ସୁବିଧା ସୁଯୋଗ ପାଇପାରିବେ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଏବିସି ଆଇଡିର ବାସ୍ତବ ରୂପାୟନ ପାଇଁ ଆହ୍ୱାନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ କାର୍ଯ୍ୟକ୍ରମର ସଫଳତା ସଂପର୍କରେ ଅଭିମତ ରଖିଥିବାବେଳେ ଏନ୍‌ଏଡି ସେଲ୍‌ର ନୋଡାଲ ଅଧିକାରୀ ଡକ୍ଟର ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମ୍ପାଦକ ତଥା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସୁବ୍ରତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଆଲୋଚକମାନେ ଯୋଗଦାନ କରିବା ସହିତ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ନୋଡାଲ ଅଧିକାରୀ ଡକ୍ଟର ନାୟକ ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟ ପୁସ୍ତକ ମେଳାରେ ସାନ୍ତାଳୀ ଷ୍ଟଲ୍ ଉଦ୍‌ଘାଟିତ




ବାରିପଦା, ୭।୧୨(ସମିସ): ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ସରକାରଙ୍କ ଆୟୋଜନାରେ ଆରମ୍ଭ ହୋଇଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାରେ ଏ ବର୍ଷ ସାନ୍ତାଳୀ ଭାଷାର ଏକମାତ୍ର ଷ୍ଟଲକୁ "ସାନ୍ତାଳୀ ସାଓଁହେଦ ଆଖଡ଼ା' ପକ୍ଷରୁ ଉଦଘାଟନ କରାଯାଇଛି। ଏହି ଷ୍ଟଲର ଉଦଘାଟନ ବରିଷ୍ଠ ସାନ୍ତାଳୀ ସାହିତ୍ୟିକ ରାମ୍ବାଇ ହେମ୍ବ୍ରମ କରିଥିଲେ। ଉଦ୍‌ଘାଟନୀ ଅବସରରେ ଆଖଡ଼ାର ସମ୍ପାଦକ କୈଳାସ ଚନ୍ଦ୍ର ବାସ୍କେ, ସୁରୁକୁନୀ ମୁର୍ମୁ, ମିନତୀ ହାଁସଦା, ସୁନାରାମ ମୁର୍ମୁ, ମାଙ୍ଗାତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ୧୨ ଦିନ ଧରି ଚାଲିବାକୁ ଥିବା ଏହି ପୁସ୍ତକ ମହୋତ୍ସବରେ "ସାନ୍ତାଳୀ ସାଓଁହେଦ ଆଖଡ଼ା' ଷ୍ଟଲରେ ସାନ୍ତାଳୀ ଭାଷାର ପତ୍ରପତ୍ରିକା, ପାଠ୍ୟପୁସ୍ତକ, ଆଧାର ପୁସ୍ତକ, ଅଲଚିକି ଶିକ୍ଷା ସମ୍ବନ୍ଧୀୟ ବହି ଓ ବିଭିନ୍ନ ପ୍ରକାଶନ ରଖାଯାଇଛି। ପ୍ରଯୋଜକ ଜନସାଧାରଣଙ୍କୁ ଷ୍ଟଲକୁ ପରିଦର୍ଶନ କରି ସାନ୍ତାଳୀ ପୁସ୍ତକ ଓ ପତ୍ରିକା କ୍ରୟ କରିବାକୁ ଆହ୍ୱାନ କରିଛନ୍ତି।

## 'ବାଲ୍ୟ ବିବାହକୁ ନାଁ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା

କପ୍ତିପଦା, ୭।୧୨(ସମିସ): ଦେବଳା ପଞ୍ଚାୟତ ଅନ୍ତର୍ଗତ ବଡ଼ଝାଡ଼ ଉନ୍ନୀତ ଉଚ୍ଚବିଦ୍ୟାଳୟରେ "ବାଲ୍ୟ ବିବହକୁ ନାଁ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବାଲ୍ୟ ବିବାହ ଆମ ସମାଜର ଏକ ରୋଗ। ଏହାଦ୍ୱାରା ସମାଜରେ ଅନେକ କ୍ଷତି ହୋଇଥାଏ। ସୁସ୍ଥ ସମାଜ ପାଇଁ ସୁସ୍ଥ ମାଆଙ୍କ ଆବଶ୍ୟକତା ରହିଛି। ତେଣୁ କୈଶୋର ବୟସରେ ଏକଥା ପିଲାଙ୍କ ମନରେ ରହିଲେ ବାଲ୍ୟ ବିବାହକୁ ରୋକାଯାଇପାରିବ। ମାନସିକ, ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି ଝିଅକୁ ୧୮ ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ବାଲ୍ୟ ବିବାହକୁ ନାଁ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାର ପୁରସ୍କୃତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ସାହୁ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିରେ ଦୀପ୍ତି ନାଏକ, ଗୋବିନ୍ଦ ସିଂ, ଶ୍ୟାମସୁନ୍ଦର ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଆଲୋଚକ ଭାବେ ଶିକ୍ଷୟିତ୍ରୀ ସରସ୍ୱତୀ ହାଁସଦା, ନମିତା ସେଠୀ, ଦେବକୀ ପରିଡ଼ା, ଶିଖାସ୍ୱରୁପା ଗିରି, ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ, କମଳଲୋଚନ ବେହେରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରମେଶ ହେମ୍ବ୍ରମ ସହଯୋଗ କରିଥିଲେ।

## ଓଲଟିଲା ବ୍ୟାଟେରୀ ବୋଝେଇ ଟ୍ରକ୍, ଚାଳକ ଆହତ



କୁଳିଅଣା, ୭।୧୨ (ସମିସ): ୧୮ ନମ୍ବର ଜାତୀୟ ରାଜପଥର ସୌରି ନିକଟରେ ବ୍ୟାଟେରୀ ବୋଝେଇ ଟ୍ରକ୍ ଓଲଟି ଚାଳକ ଆହତ ହୋଇଛନ୍ତି। ରବିବାର ଭୋର ସମୟରେ ଦୁର୍ଘଟଣା ଘଟିଛି। ବ୍ୟାଟେରୀ ବୋଝେଇ ଟ୍ରକ୍ କୁଳିଅଣା ଥାନା ଅନ୍ତର୍ଗତ ସୌରି ନିକଟରେ ଭାରସ୍ୟାମ ହରାଇ ଡିଭାଇଡ଼ରକୁ ଧକ୍କା ଦେଇ ଓଲଟିପଡିଥିବା ସୂଚନା ମିଳିଛି। ଏଥିରେ ଟ୍ରକ୍ ଡ୍ରାଇଭର ଆହତ ହୋଇଥିବାବେଳେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଦେଶୀମଦ ଓ ବାଇକ୍ ଜବତ, ୨ ଗିରଫ

ବାରିପଦା, ୭।୧୨(ସମିସ): ଅବକାରୀ ବିଭାଗ ପକ୍ଷରୁ ଦେଶୀମଦ ଓ ବାଇକ ଜବତ କରାଯାଇଥିବାବେଳେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସିରିଷବଣି ଅଞ୍ଚଳର ରାମ ବେଶ୍ରା (୫୯) ଓ ଜଗନ୍ନାଥପୁର ଅଞ୍ଚଳର ବନସୟ ସିଂ(୫୫)। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସଦର ଅବକାରୀ ଥାନା ଟିମ୍ ବାରିପଦା ସଦର ଅନ୍ତର୍ଗତ ଧନପୁର ଅଞ୍ଚଳରେ ଚଢ଼ଉ କରିଥିଲେ। ୭୫ ଲିଟର ଦେଶୀମଦ ଓ ୨ଟି ବାଇକ ଜବତ କରାଯାଇଛି। ଉକ୍ତ ଚଢ଼ଉରେ ସଦର ଅବକାରୀ ଥାନା ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ବିଶ୍ୱାଳ, ହେମନ୍ତ ପାତ୍ର, ଦେବରାଜ ସାହୁ, ସବିତା ମହାନ୍ତ ସାମିଲ ଥିଲେ। ଏ ନେଇ ବାରିପଦା ସଦର ଅବକାରୀ ଥାନାରେ ପୃଥକ ଭାବେ ମାମଲା ରୁଜୁ କରାଯାଇଛି।

## ପାଞ୍ଚପୀର ଜିଲ୍ଲା ଗଠନ ଦାବିରେ ବିରାଟ ସମାବେଶ




କରଞ୍ଜିଆ, ୭।୧୨(ସମିସ): ଆଜି କରଞ୍ଜିଆ କଚେରୀ ପରିସରରେ ଉପଖଣ୍ଡର ବିକାଶ ସକାଶେ ପାଞ୍ଚପୀରକୁ ଜିଲ୍ଲା ମାନ୍ୟତା ଦେବା ଉଦ୍ଦେଶ୍ୟରେ ବିରାଟ ସମାବେଶ ଆୟୋଜିତ ହୋଇଛି। ପ୍ରସ୍ତାବିତ ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟି ସଂଯୋଜନାରେ ଆବାହକ ତଥା ଓକିଲ ସଂଘର ପୂର୍ବତନ ସଭାପତି ବାଞ୍ଛାନିଧି ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାବେଶକୁ କରଞ୍ଜିଆ ନଗର ସମେତ ଉପଖଣ୍ଡର ୫ଟି ବ୍ଲକ୍‌ରୁ ଶତାଧିକ ସମର୍ଥକ, ପ୍ରତିନିଧି, ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ। ଉକ୍ତ ସମାବେଶରେ ମେଜର ଡି.ଏନ. ଦାସ, ପଦ୍ମଲୋଚନ ନନ୍ଦ, ଭାସ୍କର ବାଗସିଂ, ଭୁବନ ସାହୁ, ଦିଲ୍ଲୀପ ସାହୁ, ନଗରପାଳିକାର ପପି ପୃଷ୍ଟି, ପୂର୍ବତନ ବିଧାୟକ ବିଜୟ ନାୟକ, ବିଶ୍ୱଜିତ ଚୌଧୁରୀଙ୍କ ସମେତ ବହୁ ଅନୁଷ୍ଠାନର ପ୍ରତିନିଧି, ଓକିଲ, ସାମ୍ବାଦିକ, ବ୍ୟବସାୟୀ, କର୍ମଚାରୀ ଯୋଗଦେଇ ପାଞ୍ଚପୀର ଜିଲ୍ଲା ଗଠନ ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଭୌଗୋଳିକ କାରଣରୁ ପାଞ୍ଚପୀରକୁ ପ୍ରଥମେ ଜିଲ୍ଲା ମାନ୍ୟତା ଦେବାର ଅନେକ ଭିତ୍ତିଭୂମି, କାରଣ ଓ ଯଥାର୍ଥତା ରହିଥିଲେ ମଧ୍ୟ ସରକାର ପାଞ୍ଚପୀରକୁ ବୈମାତୃକ ଭାବ ଦେଖାଇ ସବୁଥିରେ ଅବହେଳା କରୁଥିବାରୁ ସମାବେଶରେ କ୍ଷୋଭ ପ୍ରକାଶ ପାଇଥିଲା। କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କ୍ରୀଡ଼ା କ୍ଷେତ୍ରରେ ଏହାର ସ୍ୱତନ୍ତ୍ର ଐତିହ୍ୟ ରହିଥିବାବେଳେ ସରକାର ପାଞ୍ଚପୀରକୁ ଆଦୌ ଗୁରୁତ୍ୱ ନ ଦେବା ଓ ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳକୁ ବିକାଶରେ ସାମିଲ କରା ନ ଯିବାକୁ ନେଇ ଏହି ସମାବେଶରେ ସମୀକ୍ଷା କରାଯାଇ ଜିଲ୍ଲା ଗଠନ ଦାବିକୁ ସମର୍ଥ କରାଯାଇଥିଲା। ସମାବେଶରେ ତ୍ୱରିତ ପ୍ରଶାସନିକ ସେବା ଯୋଗାଇବା ପାଇଁ ଜିଲ୍ଲା ଗଠନର ଆବଶ୍ୟକତା ରହିଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଜିଲ୍ଲା ଗଠନ ପାଇଁ ସଂଗ୍ରାମ କରିବା ପାଇଁ ମତ ଦେଇଥିଲେ। ଜିଲ୍ଲା ଗଠନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିବାକୁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଦିବ୍ୟପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

**ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ**

## ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କଲେ ଅସନ୍ତୁଷ୍ଟ ପ୍ରାର୍ଥୀ

ବେତନଟୀ,୭।୧୨(ସମିସ): ଶିଶୁ ସେବିକା ପଦବୀରେ ମନମୁଖୀ ଚୟନରେ ଅସନ୍ତୁଷ୍ଟ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପୁନଃଚୟନ ପାଇଁ ଲିଖିତ ଅଭିଯୋଗ କଲେ ଅସନ୍ତୁଷ୍ଟ ପ୍ରାର୍ଥୀ। ବେତନଟୀ ବ୍ଲକ ଅଧିନ ଗଡଦେଉଳିଆ ପଞ୍ଚାୟତର ପୋଖରିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ପଦବୀରେ ଅସ୍ଥାୟୀ ନିଯୁକ୍ତି ନିମନ୍ତେ ଏକ ବିଜ୍ଞାପନ ବାହାରିଥିଲା। ଏହି ବିଜ୍ଞାପନ ଦେଖି ଏକାଧିକ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ। ମାତ୍ର ଏହି ପଦବୀ ପାଇଁ ଶିଶୁ ସେବିକା ଶୁକ୍ରବାର ଦିନ ଚୟନ କରାଯାଇଥିବାବେଳେ ଆବେଦନକାରୀଙ୍କୁ ଏ ବିଷୟରେ ଜଣାଯାଇ ନ ଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ମନମୁଖୀ ଚୟନ କରିବେ, ତେବେ ବିଜ୍ଞାପନ କାହିଁକି ଛପାଯାଇଥିଲା। ଏପଟେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ପଚାରିବାରୁ ନିୟମ ଅନୁସାରେ ଚୟନ କରିଦେଇଥିବା ପ୍ରକାଶ କରିଛନ୍ତି। ତେବେ ଚୟନକୁ ବିରୋଧ କରି ଅସନ୍ତୁଷ୍ଟ ଆଶାୟୀ ଶନିବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପୁନଃ ଚୟନ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଘୁଞ୍ଚିଲା

ବାରିପଦା, ୭।୧୨(ସମିସ): ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମରେ ଆଗାମୀ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବା ନେଇ ପୂର୍ବରୁ ଘୋଷଣା କରାଯାଇଥିଲା। ତେବେ ଏହି ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆସନ୍ତା ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ଯେଉଁ ଖେଳାଳିମାନେ ପୂର୍ବରୁ ଅନଲାଇନରେ ନାମ ପଞ୍ଜୀକରଣ କରିନାହାନ୍ତି, ଏବେ ସେମାନେ ନାମ ପଞ୍ଜୀକରଣ କରିବାକୁ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

## ଅତ୍ୟାଧୁନିକ କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ ଉଦ୍‌ଘାଟିତ

ବାରିପଦା/ବେତନଟୀ, ୭।୧୨(ସମିସ): ରାଜ୍ୟର ପ୍ରଥମ ଅତ୍ୟାଧୁନିକ କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ ଉଦ୍‌ଘାଟନ କରାଯାଇଛି। ପ୍ରଥମ କରି ରାଜ୍ୟର ଏକ ନିପଟ ମଫସଲ ଅଞ୍ଚଳରେ ୨୫ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ କୁଞ୍ଚିଶୋଳ ଗ୍ରାମରେ ଉଦଘାଟିତ ହୋଇଛି ଭୁବନେଶ୍ୱରର କିମ୍ସ ଓ ଗୁଜରାଟର ଶୁଭ୍ରା ଫାଉଣ୍ଡେସନ୍ ପକ୍ଷରୁ କିମ୍-ଶୁଭ୍ରା ରୁରାଲ୍ ହସ୍‌ପିଟାଲ୍। ପୂର୍ବଚନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁ ଓ କିସ୍, କିଟ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଡ. ଗିରିଶ ମୁର୍ମୁଙ୍କ ମାଆ ପାର୍ବତୀ ମୁର୍ମୁ ଏହି ଚିକିତ୍ସାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କିମ୍ସ ମେଡିକାଲର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଏହି ରୁରାଲ ହସ୍‌ପିଟାଲ୍ ପାଇଁ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ ପକ୍ଷରୁ ସମସ୍ତ ଭିତ୍ତିଭୂମି ଯୋଗାଇ ଦିଆଯାଇଥିବାବେଳେ କିମ୍ସ ହସ୍ପିଟାଲ୍‌ର କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ, ଅପରେସନ୍ ଓ ସମସ୍ତ ପ୍ରଶାସନିକ ଦାୟିତ୍ୱ ବହନ କରୁଛି। ସମସ୍ତ ଅତ୍ୟାଧୁନିକ ମେସିନ ସହ ପରୀକ୍ଷା ବ୍ୟବସ୍ଥା କିମ୍ସ ପକ୍ଷରୁ ଏହି ଚିକିତ୍ସାଳୟରେ ଯୋଗାଇ ଦିଆଯାଉଛି। ଆମ୍ବୁଲାନ୍ସ ସେବା ମଧ୍ୟ ଏହି ଚିକିତ୍ସାଳୟରେ ଉପଲବ୍ଧ। କିମ୍ ଓ ଶୁଭ୍ରା ହସ୍ପିଟାଲ୍ ଦ୍ୱାରା ବେତନଟୀ ତଥା ସ୍ଥାନୀୟ ଅଞ୍ଚଳର ଜନଜାତି ଓ ବହୁ ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଛନ୍ତି ପୂର୍ବତନ ସିଏଜି ଡ. ଗିରିଶ ଚନ୍ଦ୍ର ମୁର୍ମୁ।



ଏଭଳି ଏକ ଚିକିତ୍ସାଳୟ ପାଇଁ ବହୁ ସମସ୍ୟା ମଧ୍ୟ ଦେଇ ଗତି କରିଥିବାବେଳେ ଡ. ସାମନ୍ତଙ୍କ ପାଇଁ ଆଜି ତାଙ୍କ ସ୍ୱପ୍ନ ସାକାର ହୋଇପାରିଛି ବୋଲି କହିଛନ୍ତି ଡ. ଗିରିଶ ମୁର୍ମୁ। ନିଜ ଜୀବନ ସମାଜସେବାରେ ଉତ୍ସର୍ଗ କରିଥିବା ଡ. ସାମନ୍ତ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପାଇଁ ଆଗକୁ ଆହୁରି ଅନେକ ସେବା ଯୋଗାଇ ଦେବେ ବୋଲି କହିଛନ୍ତି ଡ. ଗିରିଶ ମୁର୍ମୁ। ବେତନଟୀର କୁଞ୍ଚିଶୋଳ ଗ୍ରାମ ହେଉଛି ଓଡ଼ିଶା ତଥା ଭାରତର ଗର୍ବ ଓ ଗୌରବ ଜମ୍ମୁ କାଶ୍ମୀରର ପ୍ରଥମ ଏଲ୍‌ଜି ତଥା ଭାରତର ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଜନ୍ମିତ ଗ୍ରାମ। ଆଜିର ସ୍ୱାସ୍ଥ୍ୟ ଶିବିରରେ ପ୍ରଥମ ରୋଗୀ ଭାବେ ଡ. ଗିରିଶ ମୁର୍ମୁଙ୍କ ମାଆ ପାର୍ବତୀ ମୁର୍ମୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଶିବିରରେ ଗ୍ରାମର ବିଭିନ୍ନ ଲୋକଙ୍କ ଚିକିତ୍ସା କରାଯାଇଛି। କିମ୍ସ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ହରିଶ ଚୌଧୁରୀ ମଞ୍ଚ ପରିଚାଳନା କରିଥିବାବେଳେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, କିମ୍ସ ସୁପରିଣ୍ଟେଣ୍ଡେଣ୍ଟ ଡ଼ା ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆବର୍ଷ ଓ ମକର ପୂର୍ବରୁ ଆରମ୍ଭ ହେଲାଣି କୁକୁଡ଼ା ଲଢ଼େଇ

ରାଇରଙ୍ଗପୁର, ୭।୧୨(ସମିସ): ଆଦିବାସି ବହୁଳ ବାମନଘାଟି ଉପଖଣ୍ଡରେ ନବବର୍ଷ ଓ ଗଣପର୍ବ ମକର ସଂକ୍ରାନ୍ତିକୁ ନେଇ କୁକୁଡ଼ା ପାଲା ଚଳଚଞ୍ଚଳ

- ଗ୍ରାମାଞ୍ଚଳ ହାଟରେ ଚାଲିଛି ଲଢ଼େଇ
- ଖେଳରେ ସାମିଲ ହେଉଛନ୍ତି ସମ୍ଭ୍ରାନ୍ତ ଘରର ଲୋକେ
- କୁକୁଡ଼ା ଖେଳ ହାରଜିତକୁ ନେଇ ଭିଆଉଛନ୍ତି ଅପରାଧିକ କାର୍ଯ୍ୟକଳାପ

ହୋଇଉଠିଲାଣି। କୁକୁଡ଼ା ମଧ୍ୟରେ ଲଢେଇ ଖେଳ କ୍ରୁରତା ଓ ଜୀବେଦୟା ନୀତି ପାଇଁ ବେଆଇନ ଘୋଷଣା କରି କଟକଣା ଲଗାଯାଇଛି। କିନ୍ତୁ ପୁଲିସ ନାକତଳେ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳ ହାଟ ଓ ଅନ୍ୟାନ୍ୟ ସ୍ଥାନରେ ସକ୍ରିୟ ଭାବେ କୁକୁଡ଼ା ଖେଳ ଜାରି ରହିଛି। ବର୍ଷ ତମାମ ଖେଳ ହେଉଥିବାବେଳେ ନବବର୍ଷ ଓ ମକର ସଂକ୍ରାନ୍ତି ଆସିଲେ କୁକୁଡ଼ା ଖେଳ ଅଧିକ ମାତ୍ରାରେ ହୋଇଥାଏ। ଗାଁଠାରୁ ସହରର ବିଭିନ୍ନ ସ୍ଥାନରେ ପୁଲିସର ନାକ ତଳେ ଖେଳ ଜାରି ରହିଛି। ସବୁ ଜାଣି ମଧ୍ୟ ପୁଲିସ ପ୍ରଶାସନ ନିଦାବିଷ୍ଟ ସାଜି ଚୁପ ହୋଇରହୁଛି। କୁକୁଡ଼ା ଲଢେଇରେ ଲକ୍ଷ ଲକ୍ଷ ଟଙ୍କାର ବାଜି ଲାଗୁଛି। ଯେଉଁଥିରେ କି ଜିଲ୍ଲା ତଥା



ପଡୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳରୁ ସମ୍ଭ୍ରାନ୍ତ ଘର ଲୋକେ ମଧ୍ୟ ଖେଳରେ ସାମିଲ ହେଉଛନ୍ତି। ଖେଳ ପର ହାରଜିତକୁ ନେଇ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ହେଉଛି।

ଦୁଇ କୁକୁଡା ଗୋଡ଼ରେ ଧାରୁଆ ଛୁରି ବନ୍ଧାଯାଇ ଲଢେଇ କରାଯାଇଥାଏ। ପଡ଼ିଆକୁ ଛଡ଼ା ଯାଇଥାଏ ଦୁଇ କୁକୁଡ଼ା ଆକ୍ରମଣ ଓ ପ୍ରତି ଆକ୍ରମଣରେ ରକ୍ତାକ୍ତ ହୋଇ ମୃତ କିମ୍ବା ଗୁରୁତର ଆହତ ହୋଇଥା'ନ୍ତି। ହାର୍‌ଜିତକୁ ନେଇ ଲକ୍ଷ ଲକ୍ଷ ଟଙ୍କା କିମ୍ବା ସାମଗ୍ରୀ ଜୁଆ ଲାଗିଥାଏ। ହାରିଯାଉଥିବା ବ୍ୟକ୍ତି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିବାବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଘଟିଥିବା ନଜିର ରହିଛି। ଆଗରୁ ଏହା ଆଦିବାସୀ ସମ୍ପ୍ରଦାୟର ଖେଳରେ ସୀମିତ ଥିଲା। ବର୍ତ୍ତମାନ ଏହା ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ବେପାର ସହ ଲୁଟ୍‌ର ମାଧ୍ୟମ ପାଲଟିଛି। ଅତି କ୍ରୁରତାର ସହ ଜୀବହତ୍ୟା ହେଉଥିବାରୁ ପଶୁପକ୍ଷୀ ସୁରକ୍ଷା ଅଭିଯାନରେ କଟକଣା ଲଗାଯାଇଛି। କଟକଣା ପରେ ମଧ୍ୟ ଖୁଲମଖୁଲା ଭାବେ ଖେଳ ଚାଲୁଛି। ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି କଟଣୀ ଗ୍ରାମ ନିକଟସ୍ଥ ପଡିଆ, ବାଦାମପାହାଡ ଭାଲୁପାହାଡି ଓ ଖେରେଣା ଅଞ୍ଚଳରେ କୁକୁଡା ପାଲା ସମେତ ଓ ଜୁଆ ଖେଳ ହେଉଛି। ସେହିପରି ବୁଧବାର ଓ ଗୁରୁବାର ବଳଭଦ୍ରପୁର ଗ୍ରାମ ନିକଟସ୍ଥ ପଡିଆ, ହାଟବାଦଡା ଓ ଗୋପାଳପୁର, ଶୁକ୍ରବାର କୁସୁମୀ ଅଞ୍ଚଳର ସାତପୌଟିଆ, ଶନିବାର ଓ ରବିବାର ଚମ୍ପାଉଦା ଗ୍ରାମ ନିକଟସ୍ଥ ପଡିଆ ଓ ବିଜାତଳା ବ୍ଲକ ଅନ୍ତର୍ଗତ ବାଘିଆ ନିକଟସ୍ଥ ଏକ ସ୍ଥାନରେ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ହେଉଛି। ବିଶୋଇ, ରାଇରଙ୍ଗପୁର, ତିରିଂ, କରଞ୍ଜିଆ, ଯଶିପୁର ଆଦି ବିଭିନ୍ନ ଥାନା ଅଞ୍ଚଳରେ ଖେଳ ଜାରି ରହିଛି। ଏଥିସହିତ ଗ୍ରାମୀଣ କ୍ରୀଡା ପ୍ରତିଯୋଗିତା ସମୟରେ ମଧ୍ୟ କୁକୁଡ଼ା ଲଢ଼େଇ ଓ ଜୁଆ ଆଡ୍ଡା ସକ୍ରିୟ ଭାବେ ଚାଲୁଥିବା ଅଭିଯୋଗ ରହିଛି। ବର୍ତ୍ତମାନ ଏହା ବୃଦ୍ଧି ପାଉଥିବାରୁ ପୁଲିସ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଅବଧି ସରିଲାନି; ସରିନି ନିର୍ମାଣ କାର୍ଯ୍ୟ

## ଠିକାସଂସ୍ଥା କଥା ଶୁଣୁନି: ବିଭାଗୀୟ ଅଧିକାରୀ



ବାଲିବନ୍ଧ, ୭।୧୨ (ସମିସ): ଉନ୍ନୟନ କାର୍ଯ୍ୟରେ ଠିକାସଂସ୍ଥାର ମନମାନୀ ଦେଖିବାକୁ ମିଳିଛି। ସରକାରୀ ନୀତିନିୟମକୁ ବେଖାତିର କରି ନିଜ ମର୍ଜିରେ ନିର୍ମାଣ କାର୍ଯ୍ୟ ହେଉଛି। ଅବଧି ପୁରିବାର ୧ ବର୍ଷ ପରେ ମଧ ସରୁନାହିଁ ନିର୍ମାଣ କାର୍ଯ୍ୟ। ବିଭାଗୀୟ ଅଧିକାରୀ କହୁଛନ୍ତି, ଠିକାସଂସ୍ଥା କଥା ଶୁଣୁନାହିଁ। ବିଭାଗୀୟ ଅଧିକାରୀଙ୍କ ଅସହାୟତା ପଦାରେ ପଡ଼ିଛି। ଝୁମ୍ପୁରା ବ୍ଲକ ମୁଖ୍ୟାଳୟରେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ମୁଖ୍ୟାଳୟ ଝୁମ୍ପୁରାଠାରେ ଜିଲ୍ଲା ଖଣିଜ ପାଣ୍ଠିରୁ ୨୦୨୨-୨୩ ଆର୍ଥିକ ବର୍ଷର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ବ୍ଲକ୍ ପାଠାଗାର ଏବଂ କ୍ୟାରିଅର କାଉନ୍ସେଲିଂ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଅମନ ଇନଫ୍ରା ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକସନ ପକ୍ଷରୁ ଚାଲିଥିବା ବେଳେ ତଦାରଖକାରୀ ସଂସ୍ଥା କେନ୍ଦୁଝର ରାସ୍ତା ଓ ଗୃହ ବିଭାଜନ ରହିଛି। ପ୍ରକଳ୍ପର ବ୍ୟୟ ଆକଳନ ମୂଲ୍ୟ ୩ କୋଟି ୫୭ ଲକ୍ଷ ୫୪ ହଜାର ୮୧୮ ଟଙ୍କା ରହିଛି। ଚୁକ୍ତିନାମା ମୂଲ୍ୟ ୩କୋଟି ୨୧ଲକ୍ଷ ୮୨ହଜାର ୯୧୨ଟଙ୍କା ରହିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୧୫.୦୩.୨୦୨୪ରେ ଆରମ୍ଭ ଏବଂ ଶେଷ ତାରିଖ ୧୪. ୧୨. ୨୦୨୪ ବୋଲି ସୂଚନାଫଳକରେ ଉଲ୍ଲେଖ ରହିଛି। ଏପରିକି ଉକ୍ତ ଠିକାସଂସ୍ଥା ଲୋକଙ୍କ ନଜର ଆଢୁଆଳରେ କାର୍ଯ୍ୟାଳୟ ଭିତରେ ଅସ୍ଥାୟୀ ଭାବେ ଗୋଟିଏ ଗଛରେ ଭରାଦେଇ ସୂଚନା ଫଳକକୁ ରଖିଛି। ମେରୀରାୟ ନୀତିରେ ପ୍ରକଳ୍ପ କାର୍ଯ୍ୟ କଚ୍ଛପ ଗତିରେ କରୁଥିବାରୁ ଅବଧି ପୂରିବାର ୧ବର୍ଷ ପରେ ମଧ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ପୁଣି କୋଉଠି ପେଭର ଦବି ଗଲାଣିତ କୋଉଠି ଫାଟି ଗଲାଣି। କାର୍ଯ୍ୟର ସ୍ଥାୟିତ୍ୱ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ମଧ ବାଟବଣା ହୋଇ ରହିଛି। ରାସ୍ତା ଓ ଗୃହ ବିଭାଜନ ଅଧିକାରୀ ବୁଦ୍ଧିଆ ମାର୍ଣ୍ଡି କହିଛନ୍ତି, ଠିକାଦାରଙ୍କୁ ତାଗିଦ କରାଯାଇଛି, ରଙ୍ଗ କାମ ଚାଲିଛି, ସରିବା ପରେ ହସ୍ତାନ୍ତର କରାଯିବ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ସିଡିଆର୍ ମେସିନ ଅଚଳ: ଗ୍ରାହକ ହନ୍ତସନ୍ତ

ଚମ୍ପୁଆ, ୭।୧୨(ସମିସ):



ଚମ୍ପୁଆ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିସରରେ ଥିବା ଟଙ୍କା ଜମା ଓ ଉଠାଣ (ସିଡିଆର) ମେସିନ ଅଧିକାଂଶ ସମୟ ଅଚଳ ହୋଇ ରହୁଛି। ଫଳରେ ଗ୍ରାହକ ହନ୍ତସନ୍ତ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ସୂଚନା ଅନୁସାରେ, ସରକାରୀ କାରବାର କରୁଥିବା ଏହି ବ୍ୟାଙ୍କ ଉପରେ ସ୍ଥାନୀୟ ଅଞ୍ଚଳର ଗ୍ରାହକଙ୍କ ସହ ପଡ଼ୋଶୀ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଜିଲ୍ଲାର ଲୋକମାନେ ନିର୍ଭର କରିଥାନ୍ତି। ଏହି ଶାଖାରେ ବର୍ଷସାରା ଭିଡ଼ ରହୁଥିବାରୁ ଲୋକମାନେ ଏହି ସିଡିଆର୍ ମେସିନ ଉପରେ ନିର୍ଭର କରିଥାନ୍ତି। ମାତ୍ର ମେସିନଟି ବାରମ୍ବାର ଅଚଳ ରହୁଛି। ଫଳରେ ଦୂରଦୁରାନ୍ତରୁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରୁଛନ୍ତି। କେତେବେଳେ ଏଟିଏମ ପାଖରେ ଛିଣ୍ଡା କାଗଜ ତ କେତେବେଳେ ପାନ ଛେପ ପଡ଼ି ଅପରିଷ୍କାର ହୋଇ ପଡିଥିବା ଦେଖିବାକୁ ମିଳୁଛି। ଧାନକଟା ସମୟରେ ସମୟ ଅଭାବରୁ ଲୋକମାନେ ବ୍ୟାଙ୍କ ଭିତରେ ଲମ୍ବା ଧାଡ଼ିରେ ୨-୩ ଘଣ୍ଟା ଛିଡ଼ା ହୋଇ ସମୟ ନଷ୍ଟ କରିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ମନେ କରନ୍ତି। ତେବେ ଏହି ସିଡିଆର୍ ମେସିନଟି ଅଧିକାଂଶ ସମୟ ଅଚଳ ହୋଇ ପଡି ରହୁଥିଲେ ସୁଦ୍ଧା ଶାଖା କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି। ଏଟିଏମ୍ କାର୍ଡ ବାବଦକୁ ବ୍ୟାଙ୍କ ଚାର୍ଜ କାଟି ନେଉଥିଲେ ହେଁ ଠିକ୍ ଭାବେ ସେବା ଯୋଗାଉ ନାହାନ୍ତି। ଫଳରେ ଗ୍ରାହକ ମାନଙ୍କ ମଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏନେଇ ଶାଖା ପରିଚାଳକ କହିଛନ୍ତି, ବ୍ୟାଙ୍କର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି; କିନ୍ତୁ ଆଜି ପର୍ଯ୍ୟନ୍ତ ଟେକ୍ନିକାଲ ଟିମକୁ ପଠାଉ ନାହାନ୍ତି। ତେବେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉଚ୍ଚ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ଏହି ମେସିନଟିକୁ ସଚଳ କରାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ୧୦ କେଜି ବାର୍‌ହା ମାଂସ ଜବତ; ୩ ଅଟକ



ଯୋଡ଼ା, ୭।୧୨(ସମିସ): ଯୋଡ଼ା ବ୍ଲକ ମୁଟୁଦା ଗ୍ରାମରେ ଚଢ଼ଉ କରି ୧୦ କେଜି ବାରହା ମାଂସ ଜବତ କରିବା ସହ ତିନି ଜଣକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଯୋଡ଼ା ବନପାଳ ତ୍ରିନାଥ କୁମାର ଜେନା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୂର୍ବାହ୍ନ ୧୧:୩୦ ସମୟରେ ମୁଟୁଦା ଗ୍ରାମରେ ଅତର୍କିତ ଚଢ଼ଉ କରିଥିଲେ। ତିନି ଜଣ ଯୁବକ ଏକ ବାରହା ଶିକାର କରି ମାଂସ କାଟୁଥିବା ବେଳେ ବନ ବିଭାଗ ସଦଳବଳେ ଘଟଣାସ୍ଥଳରୁ ୧୦ କେଜି ମାଂସ ସହ ବାରହା ଶିକାର ଓ ତାକୁ କାଟିବାରେ ବ୍ୟବହୃତ ହାତ-ହତିଆର ସବୁ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି ବନ ବିଭାଗ ଅଧିକ ତଦନ୍ତ ଚଳାଇଛି। ଅଟକ ରଖାଯାଇଥିବା ତିନି ଜଣ ଯୁବକ ହେଲେ ଗୁରୁଚରଣ ମୁଣ୍ଡା (୨୪), ସୁରେନ୍ଦ୍ର ମୁଣ୍ଡା (୩୧), ରାଜେନ୍ଦ୍ର ମୁଣ୍ଡା (୩୪)। ଏହି ଚଢ଼ଉରେ ବନପାଳ ତ୍ରିନାଥ ଜେନାଙ୍କ ସହ ଦେବାଶିଷ ମହାପାତ୍ର, ସୁରଜ କୁମାର ଦାସ ଉପସ୍ଥିତ ଥିଲେ।

# ୩ ଦିନ ହେଲା ଗାଁକୁ ଜଳଯୋଗାଣ ବନ୍ଦ

ତୁରୁମୁଙ୍ଗା, ୭।୧୨(ସମିସ): ଚମ୍ପୁଆ ବ୍ଲକ ମିରିଗିସିଙ୍ଗାଠାରୁ ବସୁଧା ଯୋଜନାରେ ବିଭିନ୍ନ ଗ୍ରାମର ଘରକୁ ଘର ପାଇପ୍ ଯୋଗେ ଜଳଯୋଗାଣ କରାଯାଉଥିବା ବେଳେ ୩ ଦିନ ହେବ ଜ୍ୟୋତିପୁର, ଜଜପଶି, ଷଡ଼ଙ୍ଗୀ, ଜାଳି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଫଳରେ ହଜାର ହଜାର ଲୋକ ପାଣି ପାଇବାରୁ ବଞ୍ଚିତ ହୋଇ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଘରକୁ ଘର ପାଇପ ଯୋଗେ ଜଳଯୋଗାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା ହେଲେ କିଛିଦିନ ହେବ ଜଳଯୋଗାଣ ବନ୍ଦ ରହିଥିବା ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଚମ୍ପୁଆ ବ୍ଲକ ପାନୀୟ ଓ ଜଳପରିମଳ ବିଭାଗର ଯନ୍ତ୍ରୀ କୋରନ୍ ସୋରେନ୍ କହିଛନ୍ତି, ଜଳଯୋଗାଣରେ ସମସ୍ୟା ରହିଥିବାରୁ କିଛି ଦିନ ହେବ ବନ୍ଦ ରହିଛି। ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ।

# ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ



କେନ୍ଦୁଝର, ୭।୧୨(ସମିସ): ଓଡ଼ିଶା ତାଇକ୍ୱୋଣ୍ଡୋ ଟ୍ରେନିଂ ସେଣ୍ଟର ଏବଂ ଓଡ଼ିଶା ତାଇକ୍ୱୋଣ୍ଡୋ ଆସୋସିଏସନ୍ ଆନୁକୂଲ୍ୟରେ ଜାତୀୟସ୍ତରୀୟ ପ୍ରତିଯୋଗିତା ପ୍ରତି ପାଇଁ ଖେଳାଳା ଚୟନ କେନ୍ଦୁଝର ଷ୍ଟାଡିୟମଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଜାତୀୟ ତାଇକ୍ୱୋଣ୍ଡୋ ଗ୍ରାଣ୍ଡମାଷ୍ଟର ତଥା ଓଡ଼ିଶା ଡିଶା ତାଇକ୍ୱୋଣ୍ଡୋ ଆସୋସିଏସନ୍ ସଂପାଦକ ସଂପାଦକ ଗୋପାଳଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚୟନ ଖେଳାଳିମାନେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଆଗାମୀ ଦିନରେ କଲିକତାଠାରେ ଓପନ୍ ଇଣ୍ଟରନ୍ୟାସନାଲ ଚାମ୍ପିଅନସିପରେ ଭାଗ ନେବେ ବୋଲି ସଂଘ ସମ୍ପାଦକ ସୂଚନା ଦେଇଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତମାନେ ହେଲେ ଜିତେନ୍ଦ୍ର ଓରାମ, ସ୍ମିତିପ୍ରଜ୍ଞା ଗିରି, ଶୁଭ୍ରଂଶ ସାହୁ, ଆୟୁଷ ନାଏକ, ଅମିତ ନାଏକ, ଆସ୍ଥାମଣୀ ମାଝୀ, ରିଧିମା ଲାୟକ, କ୍ରୀତିକାବ୍ୟା ଦାସ, ଶ୍ରେୟାଶ୍ରୀ ଦାସ, ପୁଷ୍ପିତା ବାରିକ, ଏଆର୍ ରୁଦ୍ରାଣି, ଉତ୍କଣ୍ଠା ଦାସ, ଅନିଶା ନାଏକ ଓ ତୃମୁକି ମହାରଣା। ଦ୍ୱିତୀୟ ସ୍ଥାନରେ ତନିଶ ପ୍ରଧାନ, ବିଷ୍ଣୁପ୍ରିୟା ଦତ୍ତ, ତୀର୍ଥବାସୀ ପ୍ରଧାନ, କୃଷ୍ଣପ୍ରଭା ଚାମ୍ପିଆ, ପ୍ରତ୍ୟୁଷ ପ୍ରିୟଦର୍ଶିନୀ ପ୍ରଧାନ, ଅର୍ପିତା ପ୍ରଧାନ, ଲିପୁନ ନାଏକ, ଗୁଞ୍ଜନ ପୃଷ୍ଟି, ସାକ୍ଷୀ ପ୍ରିୟଦର୍ଶିନୀ ପୃଷ୍ଟି, ଦେବସ୍ମିତା ମାହାନ୍ତ, କୌଶିକପ୍ରିୟା ଜେନା, ରିତିକ ପାଣିଗ୍ରାହୀ ଓ ଇପ୍ସିତା ପ୍ରିୟଦର୍ଶିନୀ ନାଏକ ରହିଛନ୍ତି। ସମସ୍ତଙ୍କୁ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସଂପାଦକ ସଂଗ୍ରାମ ପଟ୍ଟନାୟକ, ଜିଲ୍ଲା ଆମେଚ୍ୟୁର ତାଇକ୍ୱୋଣ୍ଡୋ ଆସୋସିଏସନ୍ ସଭାପତି ପ୍ରଦୀପ ମହାନ୍ତି ଓ ସଂପାଦକ ନିର୍ମଳଚନ୍ଦ୍ର ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ଟଙ୍କଧର ନାଏକ ଶିବିରକୁ ସଂଯୋଜନା କରିଥିବାବେଳେ କୋଚ ଦିଗବିଜୟ ବେହେରା, ପାର୍ଥସରଥୀ ସାହୁଙ୍କୁ ଓଟିଏ ପକ୍ଷରୁ ନିଯୁକ୍ତି କରାଯାଇଛି। ସ୍ମୃତିଲଷ୍ଣା ନାୟକ, ଦେବରାଜ ସାହୁ, ମନୋଜ ପାତ୍ର, ଅମୃତ ହାଁସଦା, ମାନସ ରଞ୍ଜନ ବାରିକ, ଏମ୍‌ଡି ସକିଲ ପ୍ରମୁଖ ସହଯୋଗ କରିଥିଲେ।

# ସଟର ଭାଙ୍ଗି ଦୋକାନରୁ ଚୋରି

କେନ୍ଦୁଝର, ୭।୧୨(ସମିସ): କେନ୍ଦୁଝର ଟାଉନ ଥାନା ୧୪ନଂ ୱାର୍ଡ ଅନ୍ତର୍ଗତ ମୋଚିବନ୍ଧ ଗଳିରେ ଅଜିତ ସାହୁଙ୍କ ଆଳୁ ପିଆଜ ଦୋକାନ ସଟର ଭାଙ୍ଗି ଚୋରି ହୋଇଛି। ଏନେଇ ଦୋକାନ ମାଲିକ ଏତଲା ଦେବା ପରେ ପୁଲିସ ଦୋକାନକୁ ଯାଇ ତଦନ୍ତ ଆରମ୍ଭ କରିଛି। ଗତକାଲି ବିଳମ୍ବିତ ରାତିରେ ସଟର ତାଡ଼ି ଦୋକାନ ଭିତରେ ଥିବା କାଠ ବାକ୍ସରୁ ଟଙ୍କା ଚୋରି ହୋଇଛି। ଦୋକାନ ଭିତରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଛି। ମୋଚିବନ୍ଧ ଗଳିରେ ବହୁ ଦୋକାନ, ଗୋଦାମ ଘର ଥିବାବେଳେ ଅଧିକାଂଶ ଦୋକାନୀଙ୍କ ସିସିଟିଭି ନଥିବା ଜଣାପଡିଛି। ଏହାର ସୁଯୋଗରେ ଚୋରମାନେ ଦୋକାନରୁ ଚୋରି କରୁଥିବା କୁହାଯାଉଛି। ପୁଲିସ ଉକ୍ତ ରାସ୍ତାରେ ପାଟ୍ରୋଲିଂ କରିବାକୁ ଦାବି ହୋଇଛି।

# ପଦ୍ମପୁର ମା' ମଙ୍ଗଳା ଯାତ୍ରା କମିଟିର ନୂଆ କର୍ମକର୍ତ୍ତା



ଆନନ୍ଦପୁର, ୭।୧୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ଗ୍ରାମର ଯୁବଗୋଷ୍ଠୀ ସଂଗଠିତ ହୋଇ ମା' ମଙ୍ଗଳା ଯାତ୍ରା କମିଟି ଗଠନ କରି ଆଗାମୀ ୨ ବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ କରିଛନ୍ତି। ପଦ୍ମପୁର ଗ୍ରାମର ମୁରବୀ ଶ୍ରେଣୀୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସଭାପତି ଅକ୍ଷୟ ସାମଲ, ସମ୍ପାଦକ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଗଙ୍ଗାଧର ବେହେରା, ଉପଦେଷ୍ଟା ନରହରି ବେହେରା, ନିରଞ୍ଜନ ସାହୁ, ତରୁଣ ସାହୁ, ସୁବାସଚନ୍ଦ୍ର ଖଟୁଆ ମନୋନୀତ ହୋଇଛନ୍ତି। ପଦ୍ମପୁର ସ୍କୁଲ ପଡ଼ିଆରେ ଯାତ୍ରା ସ୍ୱର୍ଣ୍ଣ ମହଲ ପକ୍ଷରୁ ଅପେରା ହେବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି।

# ୩ୟ ଥର ପାଇଁ ସୁନେଶ ଧୀର ଜିଲ୍ଲା ଯୁବ କଂଗ୍ରେସ ସଭାପତି



କେନ୍ଦୁଝର, ୭।୧୨(ସମିସ): ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ କମିଟି ସଭାପତି ତଥା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ପୁଣି କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି ଅନୁମୋଦନକ୍ରମେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନ ଚିବଙ୍କ ସୁପାରିସକ୍ରମେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ମହେଶ ଦେଶମୁଖ ଏହି ଜିଲ୍ଲା ଯୁବ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଶ୍ରୀ ଧୀର ତାଙ୍କ ନିଯୁକ୍ତିରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ତଥା କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସାଇଁକୁଳ ନେହରୁ ହାଇସ୍କୁଲ ସମସ୍ୟା ସୁଧୁରିବ କେବେ?




ଆନନ୍ଦପୁର, ୭।୧୨ (ସମିସ): ଘସିପୁରା ବ୍ଲକର ଅନ୍ୟତମ ଖ୍ୟାତିସମ୍ପନ୍ନ ତଥା ସାଇଁକୁଳ ଗ୍ରାମର ବହୁ ପୁରାତନ ନେହରୁ ହାଇସ୍କୁଲରେ ବିବିଧ ସମସ୍ୟା ଲାଗିରହିଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବହୁବାର ଅଭିଯୋଗ ହୋଇଥିଲେ ମଧ ଏହାର ଅବସ୍ଥାରେ ସୁଧାର ଆସିପାରୁନାହିଁ। ବିଦ୍ୟାଳୟକୁ ମିଳିଥିବା ୫ଟି ଅନୁଦାନରେ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ସ୍କୁଲର କାନ୍ଥ ଫାଟି ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହି ବିଦ୍ୟାଳୟରେ ପାଣି ସମସା ଅନେକ ଦିନ ହେବ ଲାଗି ରହିଛି। ଏହାର ପ୍ରତିକାର ପ୍ରତି ନଜର ନାହିଁ। ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମଧ୍ୟାହ୍ନ ଭୋଜନ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି। ଏପରିକି ମଧ।ହ୍ନ ଭୋଜନ ପରେ ଛାତ୍ରଛାତ୍ରୀମାନେ ଅଇଁଠା ହାତରେ ଏଣେତେଣେ ବୁଲୁଥିବାର ଦେଖାଯାଏ। ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ଖୁଣ୍ଟିଆଙ୍କ ସହାୟତାରେ ଏସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ସମସ୍ୟାର ସମାଧାନ ନହେଲେ ଅବିଭାବକମାନେ ଆଗାମୀ ଦିନରେ ବିଦ୍ୟାଳୟର ଗେଟ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବାକୁ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି।

# ଚମ୍ପୁଆ ଶିଶୁ ମନ୍ଦିରରେ ଜେଜେବାପା ଜେଜେମାଆ ସମ୍ମିଳନୀ



ଚମ୍ପୁଆ, ୭।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ସୁରେଶଚନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। ସମ୍ପାଦକ ଭୋଳାନାଥ ମିଶ୍ର, ବିଦ୍ୟାଳୟର ପୂର୍ବତନ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜେଜେବାପାଙ୍କୁ ନେଇ ସଂଗୀତ ପ୍ରତିଯୋଗୀତା, ଜେଜେବାପାମାନଙ୍କୁ ନେଇ ୧୦୦ ମିଟର ଚାଲି ଓ ପୌରାଣିକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ସମସ୍ତ ଜେଜେବାପା ଜେଜେମାଆଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

# କୁମଡ଼ରେ ପାଲା ଗାୟିକାଙ୍କ ସ୍ମୃତିସଭା



ଆନନ୍ଦପୁର, ୭।୧୨ ସମିସ): ଆନନ୍ଦପୁର ବ୍ଲକର କୁମଡ଼ ନିବାସୀ ତଥା ବିଶିଷ୍ଟ ପାଲା ଗାୟିକା ଗାୟତ୍ରୀ ମୁଦିଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପରିବାର ବର୍ଗଙ୍କ ସହଯୋଗରେ ପାଲା ଗାୟକ ସଙ୍ଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶ୍ରୀପାଳିଆ ଗୟାଧର ମାଝୀଙ୍କ ସଂଯୋଜନାରେ ଗାୟକ କୁମୁଦିନୀ ପଣ୍ଡା ସଂଜୀବନୀ ଗିରି ରମାକାନ୍ତ ପାତ୍ର ବିଦ୍ୟାଧର ନାୟକ ଦୁଷ୍ମନ୍ତ ମହାନ୍ତି ଧିରେନମହାନ୍ତି ସନାତନ ମହାରଣା ମଧୁସୂଦନ ପତି ସୁଶାନ୍ତ ନାଥ ନଳିନୀ ତ୍ରିପାଠୀ ଉପେନ୍ଦ୍ର ମିଶ୍ର ବିରଞ୍ଚି ବେହେରା ଗୟାଧର ନାଥ ହଳଧର ଜେନା ମାୟାଧର ଜେନା ନିତ୍ୟାନନ୍ଦ ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ମକାରଧ୍ୱଜ ମୁଦି ଯମୁନା ମୁଦି ରଂଜିତା ନାଇକ ଉଜ୍ଜଳ ନାଇକ ଚମ୍ପକ ନାଇକ ପ୍ରମୁଖ ସହଯୋଗ କରିଥିଲେ। ଗାୟିକା ରଂଜିତା ନାୟିକ ଓ ଗୋଲକ ପଲେଇ ପାଲା ପରିବେଷଣ କରିଥିଲେ।

# ମା'ଦିଣ୍ଡାପାଟ ଫୁଟ୍‌ବଲ: ଜଡ଼ିଚାତର ଚାମ୍ପିଅନ



ତୁରୁମୁଙ୍ଗା, ୭।୧୨(ସମିସ): ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଭୁଲୁଦା ଉଚ୍ଚବିଦ୍ୟାଳୟ ପଡ଼ିଆରେ କ୍ଲବ ଦି ୟୁନିଅନ ପକ୍ଷରୁ ଆୟୋଜିତ ୧୭ ତମ ମା' ଦିଣ୍ଡାପାଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନେହା ଏଫ୍‌ସି ଏବଂ ଜଡିଚାତାର ମଧ୍ୟରେ ହୋଇଥିଲା। ଜଡିଚାତର ପେନାଲଟି ମାଧ୍ୟମରେ ଚାମ୍ପିଅନ୍ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବରେ ବାଉଁଶୁଳି ସରପଞ୍ଚ ସୁଜାତା ସର୍ଦ୍ଦାର, ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ଘଣା ହସ୍ପିଟାଲ ମୁଖ୍ୟ ଡ ସଞ୍ଜୀବ ଘଣା, ସରୋଜିନୀ ନାୟକ, ସମାଜସେବୀ ରବିଚନ୍ଦ୍ର ନାୟକ, ଯୁବନେତା କମଳ ଲୋଚନ ମହନ୍ତ, ରଜନୀକାନ୍ତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ସୁକାନ୍ତି ନାୟକ ଯୋଗ ଦେଇଥିଲେ। ରେଫରୀ ସନ୍ତୋଷ ମହାକୁଡ଼, ଚକ୍ରଧର ଚାତାର, ଚନ୍ଦନ ସାହୁ, ଶଙ୍କର୍ଷଣ ନାୟକ ପରିଚାଳନା କରିଥିବା ବେଳେ କ୍ଲବ୍‌ର ଭୁଲୁଦା ସଭାପତି ଶିଶିର ନାୟକ, ସମ୍ପାଦକ ପିପୁନ ନାୟକ, ଉପସଭାପତି ବୁଦ୍ଧଦେବ ନାୟକ ସହଯୋଗ କରିଥିଲେ। ଅରୁଣ ମହନ୍ତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଓଷ୍ଟା ତେଲକୋଇ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ




ତେଲକୋଇ,୭।୧୨(ସମିସ): ଓଷ୍ଟା ତେଲକୋଇ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ-୨୦୨୫ ଦୋବଲାପାଳ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଖଗେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ତେଲକୋଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଠି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା ପୂର୍ବତନ ସଭାପତି ଧର୍ମିଳା ଦାସ, ସମ୍ମାନିତଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବାସୁଦେବ ମହାନ୍ତ, ଦୋବଲାପାଳ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ୍ ଓଷ୍ଟା ଉପସଭାପତି ଅକ୍ଷୟ ବାରିକ, ଉପସଭାପତି ଅନୁରାଧା ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ରମେଶଚନ୍ଦ୍ର ପ୍ରଧାନ, ଦୋବଲାପାଳ ସରପଞ୍ଚ ବିନୟ ନାୟକ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତେଲକୋଇ ବ୍ଲକ ଅଧକ୍ଷ ବିକ୍ରମ ନାୟକ, ମୁଖ୍ୟବକ୍ତା ଭାବେ ତେଲକୋଇ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ସମ୍ପାଦକ ରଞ୍ଜନ ଘଡ଼େଇ, ଉପସଭାପତି ବୈକୁଣ୍ଠନାଥ ମହାନ୍ତ, ପ୍ରାକ୍ତନ ରାଜ୍ୟ ସମ୍ପାଦକ କାହ୍ନୁଚରଣ ସାମଲ, ପ୍ରାକ୍ତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବର୍ତ୍ତମାନ ଉପଦେଷ୍ଟା ଭିକାରୀ ଚରଣ ସାହୁ, ଆନନ୍ଦପୁର ବ୍ଲକ ସମ୍ପାଦକ ପ୍ରଦୀପ ହଜାରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ପ୍ରଧାନ, ଭୀମକାଣ୍ଡ ସମିତିସଭ୍ୟ ବିରଞ୍ଚି ବେହେରାଯୋଗ ଦେଇଥିଲେ। ୧୦ଟି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଗତ ବର୍ଷ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ୩ ଜଣ ଛାତ୍ରୀଙ୍କୁ ପ୍ରାକ୍ତନ ସଭାପତି ଧର୍ମିଳା ଦାସ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉପସଭାପତି ଅନୁରାଧା ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ପାଇଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ। ୨୦୨୫ ବାର୍ଷିକ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷାରେ କୃତକାର୍ଯ୍ୟ ଶିକେଶ୍ୱର ଉଚ୍ଚବିଦ୍ୟାଳୟର ଛାତ୍ର ରାଜା ରାଉତ ଏବଂ ଓଷ୍ଟାର ଦୁଇଜଣ କାର୍ଯ୍ୟକାରୀ ସଦସ୍ୟ ବିଜୟ ପ୍ରଧାନ ଏବଂ ରମେଶଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍‌ର ୨୩ଟି ଉଚ୍ଚବିଦ୍ୟାଳୟରୁ ୧୫୩ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଦୋବଲାପାଳ ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସଂଗଠନ ସଦସ୍ୟ କୀର୍ତ୍ତନ ବିହାରୀ ପ୍ରଧାନ ସଭା ପରିଚଳନା କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ପାରିବାରିକ ମାହୋଲ ସୁଖଦ ଓ ଶାନ୍ତିପୂର୍ଣ୍ଣ ହେବ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୨୩- ଜର୍ମାନୀ ଓ ଆମେରିକା ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୩୫- ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ଜନ୍ମ।
- ୧୯୪୧- ଆମେରିକା ଓ ବ୍ରିଟେନ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୭୬- ଆମେରିକାର ନେଭାଡାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୪- ପାକିସ୍ତାନ ସାହିନ୍-୧ ମିସାଇଲ୍‌ର ସଫଳ ପରୀକ୍ଷା କଲା।
- ୨୦୦୯- ଇରାକରେ ବାଗଦାଦରେ ହୋଇଥିବା ବୋମା ବିସ୍ଫୋରଣରେ ୧୨୭ ଲୋକଙ୍କ ପ୍ରାଣହାନି।



## ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍

ବଜାରରେ ଆସବାବପତ୍ର, ଫୋନ, ଗାଡ଼ି, ପୋଷାକ ଆଦି ଅନେକ ସେକେଣ୍ଡ ହ୍ୟାଣ୍ଡ ଜିନିଷ ମିଳିଥାଏ। ହେଲେ ସେକେଣ୍ଡ ହ୍ୟାଣ୍ଡ ଖାଦ୍ୟ କଥା ଶୁଣି ଅନେକ ଆଚମ୍ବିତ ହୋଇପାରନ୍ତି। ଏମିତି ଏକ ସ୍ଥାନ ଅଛି, ଯେଉଁଠି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ମିଳିଥାଏ। ପଗ୍‌ପଗ୍ ବା ସେକେଣ୍ଡହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ନାମରେ ପରିଚିତ ଏହି ବ୍ୟଞ୍ଜନ ଫିଲିପାଇନ୍ସର ବସ୍ତିଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ଲୋକପ୍ରିୟ ଖାଦ୍ୟ ଭାବେ ପ୍ରସିଦ୍ଧି ଲାଭ କରିଛି। ଚୀନ୍‌ର ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ବାଓଜୋ ବ୍ରଦର୍ ନିକଟରେ ଏହାକୁ ଚାଖିବା ପରେ ସେ ଏହି ଡିସ୍‌ର ଭିଡିଓ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫିଲିପାଇନ୍ସର ଧନୀ ଲୋକେ ଖାଦ୍ୟ ଖାଇ ସାରିବା ପରେ ଯେଉଁ ଚିକେନ୍ ବଳକା ରହିଯାଏ, ତାକୁ ସଫା କରି ସେଥିରେ ମସଲା ଲେପ ଦେଇ ଡିପ୍ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ ଚିକେନ୍ ଭାବେ ବିକ୍ରି କରାଯାଏ। ଗରିବଶ୍ରେଣୀର ଲୋକଙ୍କ ପାଇଁ ପ୍ରୋଟିନ୍‌ର ଏହା ଏକ ଶସ୍ତା ଉତ୍ସ। ୧୯୭୦ରେ ଫିଲିପାଇନ୍ସ ଯେତେବେଳେ ଅତ୍ୟଧିକ ଋଣ ସଙ୍କଟ, ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା ସେତେବେଳେ ଏଇ ଡିସ୍‌ର ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ ରହୁଥିବା ଲୋକେ କାର୍ଯ୍ୟ ସନ୍ଧାନରେ ସହରକୁ ପଳାଇଲେ। ସହରରେ ସେମାନେ ବଳକା ଖାଦ୍ୟ ଓ ଫିଙ୍ଗା ଯାଉଥିବା ଖାଦ୍ୟ ସନ୍ଧାନରେ ରହିଲେ। ଏହା ପରବର୍ତ୍ତୀ ସମୟରେ ପଗ୍‌ପଗ୍ ରୂପ ନେଇଥିଲା। ଏହାକୁ ପ୍ରସ୍ତୁତ କରିବା ପାଇଁ ସଂଗ୍ରହକାରୀମାନେ ଭୋରରୁ ଉଠି ଡଷ୍ଟବିନ୍‌ଗୁଡ଼ିକରୁ ଡବା ବନ୍ଦ ହୋଇ ପଡ଼ିଥିବା ଚିକେନ୍ ଆଣି ଏହାକୁ ପ୍ରସ୍ତୁତ କରୁଥିବା ଲୋକଙ୍କୁ ବିକ୍ରି କରି ଦିଅନ୍ତି। ଏହାକୁ ସେମାନେ ସଫା କରି ଏଥିରେ ବିଭିନ୍ନ ମସଲା ମିଶାଇ ଏହାକୁ ପୁଣି ଥରେ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ ଭାବେ ବିକ୍ରି କରିଥାନ୍ତି। ଭାରତୀୟ ମୁଦ୍ରାରେ ଏହାର ଦାମ୍ ୨୦ରୁ ୩୦ଟଙ୍କା ମଧ୍ୟରେ ହୋଇଥାଏ। ବାଓଜୋ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, 'ଏହା ଦୁନିଆର ଅସାମନତା। ଧନୀ ଲୋକମାନେ ଯାହାକୁ ଖାଇ ନ ପାରି ଫୋପାଡ଼ି ଦେଉଛନ୍ତି ଗରିବ ଲୋକଙ୍କ ପାଇଁ ତାହା ଆବଶ୍ୟକତା ପାଲଟି ଯାଉଛି।'

## ୱାଶିଂ ମେସିନ୍ କରୁଛି ଏମିତି କାମ


ସାମାଜିକ ଗଣମାଧ୍ୟମରେ ଅନେକ ଫଟୋ, ଭିଡିଓ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଚୀନ୍‌ର ଏକ ନିଆରା ୱାଶିଂ ମେସିନ୍‌ର ଭିଡିଓ ଭାଇରାଲ ହୋଇଛି। ଏହା ବିଶ୍ୱର ପ୍ରଥମ ତିନୋଟି ଡ୍ରମ୍ ଯୁକ୍ତ ୱାଶିଂ ମେସିନ୍। ସବୁଠୁ ବଡ଼ କଥା ହେଲା, ଏଥିରେ ମୋଜା, ଅନ୍ତଃବସ୍ତ୍ର ଧୋଇବା ପାଇଁ ଅଲଗା ବ୍ୟବସ୍ଥା ରହିଛି। ଏହି ୱାଶିଂ ମେସିନ୍‌କୁ ନେଇ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଭାଇରାଲ ହେଉଛି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ତାଙ୍କର ୱାଶିଂ ମେସିନ୍‌କୁ ଦେଖାଇଛନ୍ତି। ଏଥିରେ ସେ କହିଛନ୍ତି, ଚୀନ୍‌ରେ ୱାଶିଂ ମେସିନ୍ ଏପରି ହୋଇଥାଏ। ଆମେ ଚୀନ୍ ଲୋକ ବିଶ୍ୱାସ କରୁ, ଅନ୍ତଃବସ୍ତ୍ର ଓ ମୋଜା ଆଦିକୁ ସାଧାରଣ ପୋଷାକ ସହ ମିଶାଇ ଧୋଇବା ଉଚିତ ନୁହେଁ। ଏଗୁଡ଼ିକୁ ଅଲଗା ଧୋଇବା ଉଚିତ। ଲିଡର ଥ୍ରୀ ଟବ୍ ନାମରେ ପରିଚିତ ଏହି ୱାଶିଂ ମେସିନ୍ ହାୟର କମ୍ପାନିର ବୋଲି ଜଣାପଡ଼ିଛି। ଏହାକୁ ବିଶ୍ୱର ପ୍ରଥମ ତିନି ଡ୍ରମ୍ ବିଶିଷ୍ଟ ୱାଶିଂ ମେସିନ୍ କୁହାଯାଉଛି। କମ୍ପାନି ଏହାକୁ ଏପରି ଡିଜାଇନ୍ କରିଛି, ତିନୋଟି ଡ୍ରମ୍‌ର ପାଣି କିମ୍ବା ସର୍ଫ ପରସ୍ପର ସହ ଯେମିତି ମିଶିବନି। ହାୟର୍ ଲିଡର୍ ୱାଶିଂ ମେସିନ୍ ମିନିଟକରେ ୧୪୦୦ ଥର ଘୂରିଥାଏ। ଏଥିସହ ଏଥିରେ ପୋଷାକ ମଧ୍ୟ ଶୀଘ୍ର ଶୁଖିଥାଏ। ଏହି ମେସିନ୍‌କୁ ଚଳାଇବା ପାଇଁ ୧୮୫୦ ୱାଟର୍ ବିଦ୍ୟୁତ୍ ବ୍ୟବହାର କରିଥାଏ। ଚୀନ୍‌ରେ ଏହାର ମୂଲ୍ୟ ୬୧,୧୧୫ ଟଙ୍କା ରହିଛି। ଏବେ ଏହା କେବଳ ଚୀନ୍‌ରେ ବିକ୍ରି ହେଉଛି।





## 'କଲ୍‌କୀ ୨' ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା !

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲକୁ ଏବେ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଅବଶ୍ୟ ଏହି ଫିଲ୍ମରୁ ଦୀପିକା ପାଦୁ୍ୟକୋନ୍ ବାଦ୍ ପଡ଼ିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଦୀପିକାଙ୍କ କେତେକ ସର୍ତ୍ତ ପାଇଁ ସେ ଏହି ଫିଲ୍ମରୁ ଓହରି ଯାଇଥିଲେ। ତେବେ ଦୀପିକା ଏଥିରୁ ବାଦ୍ ପଡ଼ିବା ପରେ ଫିଲ୍ମ ନିର୍ମାତା ତାଙ୍କ ଭଳି ଜଣେ ଆଗଧାଡ଼ିର ନାୟିକା ସନ୍ଧାନରେ ଥିଲେ। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହୋଇଥିବାରୁ ଦୀପିକାଙ୍କ ସ୍ଥାନ ଆଲିଆ ଭଟ୍ଟ, ସାଇ ପଲ୍ଲବୀ କିମ୍ବା ଅନୁଷ୍କା ସେଟ୍ଟୀ ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ସେହିଭଳି ଦର୍ଶକେ ପ୍ରଭାସ-ଅନୁଷ୍କାଙ୍କ ଯୋଡ଼ିକୁ ପସନ୍ଦ କରୁଥିବାରୁ ସେ ଏଥିରେ ସ୍ଥାନ ପାଇ ପାରନ୍ତି ବୋଲି ଅନୁମାନ କରାଯାଉଥିଲା। ଏବେ ଦୀପିକାଙ୍କ ସ୍ଥାନ ପ୍ରିୟଙ୍କା ଚୋପ୍ରା ନେବେ ବୋଲି ଜଣାପଡ଼ିଛି। ନିର୍ଦ୍ଦେଶକ ନାଗ ଅଶ୍ୱିନ୍ ପ୍ରଭାସଙ୍କ ବିପକ୍ଷରେ ଏପରି ଜଣେ ଅଭିନେତ୍ରୀ ଚାହୁଁଥିଲେ ଯିଏ କି ତାଙ୍କ ଷ୍ଟାର୍ ପାୱାର୍‌କୁ ମ୍ୟାଚ୍ କରୁଥିବ। ଏଥିପାଇଁ ସେ ପ୍ରିୟଙ୍କାଙ୍କୁ ବାଛିଥିବା ଜଣାପଡ଼ିଛି। ଏହାବାଦ୍ ପ୍ରିୟଙ୍କା ଗ୍ଲୋବାଲ ଷ୍ଟାର୍ ହୋଇଥିବାରୁ 'କଲ୍‌କୀ ୨' ପାଇଁ ସେ ଭଲ ବିକଳ୍ପ ହେବେ ବୋଲି ନାଗ ଅଶ୍ୱିନ୍ ଭାବୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ପ୍ରିୟଙ୍କା ଏବେ ମହେଶ ବାବୁଙ୍କ 'ବାରାଣସୀ' ଫିଲ୍ମରେ କାମ କରୁଛନ୍ତି। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ପ୍ରଭାବ ଯୋଗୁଁ 'କଲ୍‌କୀ ୨' ପାଇଁ ପ୍ରିୟଙ୍କାଙ୍କୁ ଅଫର୍ ଦିଆଯାଇଥିବା କୁହାଯାଉଛି। ତେବେ ପ୍ରିୟଙ୍କା ଏଥିରେ କାମ କରିବା ପାଇଁ ରାଜି ଅଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ।



## ପୌଷ ମାସର ମହତ୍ତ୍ୱ

**ମାର୍ଗଶିର ପୂର୍ଣ୍ଣିମା ଶେଷ ପରେ ଆରମ୍ଭ ହୋଇଛି ପୌଷ ମାସ। ଧାର୍ମିକ ଦୃଷ୍ଟିରୁ ଏହି ମାସ ଖୁବ୍ ଗୁରୁତ୍ୱ ବହନ କରେ। ଏହି ମାସ ଭଗବାନ ସୂର୍ଯ୍ୟ ଏବଂ ଭଗବାନ ବିଷ୍ଣୁ ପୂଜା ଲାଗି ବିଶେଷ ମହତ୍ତ୍ୱ ରଖେ।**

ହିନ୍ଦୁ ଧର୍ମରେ ପୌଷ ମାସର ବିଶେଷ ମହତ୍ତ୍ୱ ଅଛି। ଧାର୍ମିକ ମାନ୍ୟତା ଅଛି, ପୌଷ ମାସରେ ଆରାଧନା, ଦାନ, ପୁଣ୍ୟ ଏବଂ ବ୍ରତ କରିବା ଦ୍ୱାରା ଧନଧାନ୍ୟ, ଐଶ୍ୱର୍ଯ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୁଏ। ଏହାବାଦ୍ ପ୍ରତିଦିନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା କ୍ୟାରିୟରରେ ଉନ୍ନତି, ମାନସିକ ଶାନ୍ତିର ବରଦାନ ମିଳିଥାଏ।

ତେବେ ଏହି ମାସରେ କିଛି କଥା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଏହି ମାସରେ ଆମିଷ ଓ ମାଦକ ଦ୍ରବ୍ୟ ସେବନ କରିବା ଅନୁଚିତ। ସେହିପରି ପୌଷ ମାସରୁ ଖର ମାସ ବି ଆରମ୍ଭ ହୁଏ। ଏହି ସମୟରେ ଶୁଭକାର୍ଯ୍ୟ କରିବାକୁ ମନା କରାଯାଏ। ତେଣୁ ଏହି ମାସରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି ଶୁଭକାର୍ଯ୍ୟ କରାଯାଏ ନାହିଁ।

ଉକ୍ତ ମାସରେ ସୂର୍ଯ୍ୟ ପୂଜାର ମହତ୍ତ୍ୱ ବେଶି। ପୌଷ ମାସରେ ପଡୁଥିବା ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣିମା, ଏକାଦଶୀରେ ସୂର୍ଯ୍ୟ ପୂଜା ଲାଗି ଉତ୍ତମ। ସେହିପରି ଏହିମାସରେ ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଉଚିତ। ତା'ସହ ସୂର୍ଯ୍ୟମନ୍ତ୍ର ଜପ କରିବା ଶୁଭ। ଏଭଳି କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଏବଂ ସମୃଦ୍ଧି ବୃଦ୍ଧି ପାଏ ଏବଂ ଜୀବନରେ ସକାରାତ୍ମକ ଶକ୍ତି ବଜାୟ ରହେ।

## ସ୍ୱସ୍ତି

## ନାମ ଜପ କରୁଥିଲେ...



**ନାମ ଜପ ସବୁ ସମୟରେ ସବୁ ସ୍ଥାନରେ କରାଯାଇପାରିବ। ହେଲେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ବୈଦିକ ମନ୍ତ୍ର ଶୁଦ୍ଧ ଆସନ ଏବଂ ଉଚିତ ନିୟମ ଆବଶ୍ୟକ କରେ। ତେବେ ଖଟ ଉପରେ ବସି ମନ୍ତ୍ର ଜପ କରିବା ଠିକ୍ ନା ଭୁଲ୍, ଜାଣିବା ସେ ସମ୍ପର୍କରେ... ।**

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ନାମ ତଥା ମନ୍ତ୍ର ଜପକୁ ମୂଳ ବୋଲି କୁହାଯାଏ। ଏହା କେବଳ ମନକୁ ଶାନ୍ତ କରି ନ ଥାଏ, ବରଂ ଆଧ୍ୟାତ୍ମିକ ଶକ୍ତି ଏବଂ ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରେ। ରାମ-ରାମ, ରାଧା-କୃଷ୍ଣ, ଶିବ-ଶିବ, ହରେ କୃଷ୍ଣ ଆଦି ନାମ ଜପକୁ ଯେକୌଣସି ସ୍ଥାନ ଓ ସମୟରେ କରାଯାଇପାରିବ। ଶାସ୍ତ୍ର ଓ ସନ୍ଥଙ୍କ ଅନୁସାରେ, ଭଗବାନ ନାମ ଜପରେ କୌଣସି ଶୁଦ୍ଧି ବାଧ୍ୟତାମୂଳକ ନୁହେଁ। ଥକ୍କାପଣ, ରୋଗ, ଆରାମ, ଯାତ୍ରା ଆଦି ସ୍ଥିତିରେ ନାମ ଜପ ପୂର୍ଣ୍ଣ ଫଳ ପ୍ରଦାନ କରେ। ଆଳସ୍ୟ ଯୋଗୁଁ ଖଟ ଉପରେ ବସି ନାମ ଜପ କରିବା ଠିକ୍ ନୁହେଁ। ହେଲେ ସକାଳୁ ଆସନ ଉପରେ ବସି ନାମ ଜପ କରିବା ଅଧିକ ପ୍ରଭାବଶାଳୀ ହୋଇଥାଏ।

ତେବେ ମାନସିକ ରୂପରେ ଅସ୍ଥିର ଥିଲେ, ଚିଡଚିଡା କିମ୍ବା ଅତି ଥକ୍କା ଅନୁଭବ କରୁଥିଲେ, ନାମ ଜପ ପ୍ରଭାବଶାଳୀ ହୁଏ ନାହିଁ। ସେହିପରି ନାମ ଜପ ବେଳେ ନିଦ ଲାଗୁଥିଲେ ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ। ଫଳରେ ନାମ ଜପା ଅଧୁରା ରହିବାର ଆଶଙ୍କା ବୃଦ୍ଧି ପାଏ। ଅନ୍ୟପଟେ ନାମ ଜପ ଭାବ ଆଧାରିତ ହୋଇଥିବା ବେଳେ ମନ୍ତ୍ର ଜପ ଶକ୍ତି ଆଧାରିତ ହୋଇଥାଏ। ଏଥିରେ ଉଚ୍ଚାରଣ, ଆସନ, ଦିଗ ଓ ଶୁଦ୍ଧି ପାଳନ କରିବା ଜରୁରି।

## ଘରେ ଗଙ୍ଗା ଜଳ ରଖିବାର ନିୟମ

**ହିନ୍ଦୁଧର୍ମରେ ଗଙ୍ଗା ଜଳକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଙ୍ଗା ଜଳର ପ୍ରୟୋଗ ହୋଇଥାଏ। ଧର୍ମ ଗ୍ରନ୍ଥରେ କୁହାଯାଇଛି ଯେ, ଗଙ୍ଗା ଜଳକୁ ସାଇତି ରଖିବା ଦ୍ୱାରା ଆଦୌ ଖରାପ ହୋଇ ନ ଥାଏ।**

- ଗଙ୍ଗା ଜଳକୁ ସର୍ବଦା ତମ୍ବା ନଚେତ୍ ପିତ୍ତଳ ପାତ୍ରରେ ରଖିବା ଉଚିତ।
- ଏହାକୁ ଘରର ଉତ୍ତର-ପୂର୍ବ କୋଣରେ ରଖିବାକୁ ଶୁଭ ବୋଲି କୁହାଯାଇଛି।
- ଅନ୍ଧକାର ତଥା ଅପରିଷ୍କାର ସ୍ଥାନରେ ଗଙ୍ଗା ଜଳ ରଖନ୍ତୁ ନାହିଁ।
- ଏହାକୁ କେବେ ବି ଅପବିତ୍ର ହାତରେ ସ୍ପର୍ଶ କରନ୍ତୁ ନାହିଁ।
- ପ୍ଲାଷ୍ଟିକ୍ ପାତ୍ରରେ ଗଙ୍ଗା ଜଳ ରଖିବା ଦ୍ୱାରା ଏହାର ପ୍ରଭାବ ହ୍ରାସ ପାଏ।




## ଉପହାରରେ କେଉଁ ଜିନିଷ ଦେବେ ନାହିଁ

**ବାସ୍ତୁ ଶାସ୍ତ୍ର ଅନୁସାରେ, ଉପହାର ଦେବା ସମୟରେ କୌଣସି ଜିନିଷର କେବଳ ସୁନ୍ଦରତା କି ଉପଯୋଗିତା ନୁହେଁ, ବରଂ ତାହାର ପ୍ରଭାବକୁ ମଧ୍ୟ ଦୃଷ୍ଟିରେ ରଖିବା ଉଚିତ। ବେଳେବେଳେ ଅଜାଣତରେ ଦିଆଯାଉଥିବା ଉପହାର ଅବସାଦ, ଆର୍ଥିକ କ୍ଷତି ଏବଂ ମାନସିକ ଅସ୍ଥିରତାର କାରଣ ହୋଇପାରେ। ବାସ୍ତୁ ଅନୁସାରେ, କେଉଁ ଉପହାର ଦେବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**



**ଧାରୁଆ ଜିନିଷ:** ବାସ୍ତୁ ଶାସ୍ତ୍ର ଅନୁସାରେ, କାହାକୁ ଛୁରି, କଇଁଚି ଭଳି ଧାରୁଆ ବା ତୀକ୍ଷ୍ଣ ଜିନିଷ ଦେବାକୁ ହାନିକାରକ ବୋଲି କୁହାଯାଇଛି। କୁହାଯାଏ, ଏହି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ଦୂରତ୍ୱ ସୃଷ୍ଟି ହୁଏ।

**ପର୍ସ:** ପର୍ସ ଆକର୍ଷଣୀୟ ଓ ଉପଯୋଗୀ ଉପହାର ଲାଗିଲେ ବି ବାସ୍ତୁ ମାନ୍ୟତା ଅନୁସାରେ, ଏହାକୁ ଉପହାରରେ ଦେବା ଅଶୁଭ। ଏହା ଦ୍ୱାରା ଉପହାର ଦେବା ବ୍ୟକ୍ତି ଓ ପାଇବା ବ୍ୟକ୍ତି ଉଭୟଙ୍କର ଆର୍ଥିକ ସ୍ଥିତି ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହା ସହ ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି ହୋଇପାରେ।

**ଘଣ୍ଟା:** ଘଣ୍ଟା ସାଧାରଣ ଉପହାର ସମସ୍ତଙ୍କୁ ଲାଗିଲେ ବି ବାସ୍ତୁ ଶାସ୍ତ୍ରରେ ଏହା ଉପଯୋଗୀ ଉପହାର ନୁହେଁ। ଏହାକୁ ଉପହାରରେ ଦେବା ଦ୍ୱାରା ଜୀବନରେ ବାଧା ଏବଂ ନକାରାତ୍ମକତା ବୃଦ୍ଧି ପାଏ। ତେଣୁ ବାସ୍ତୁ ଅନୁସାରେ, ଏହି ଉପହାର ଦେବାକୁ ବାରଣ କରାଯାଏ।

**ଜୋତା-ଚପଲ:** ବାସ୍ତୁ ଶାସ୍ତ୍ର ଜୋତା ଚପଲକୁ ଅଶୁଦ୍ଧ ଶ୍ରେଣୀରେ ରଖିଛି। ଏହାକୁ ଉପହାର ଦେବା ଦ୍ୱାରା ମତଭେଦର କାରଣ ସାଜେ। ଅନେକ ମାନ୍ୟତାନୁସାରେ, ଉକ୍ତ ଉପହାର ଚିନ୍ତା ଓ ବିବାଦର ସଙ୍କେତ ଦେଇଥାଏ।








## ଦିନକ ପରେ ବାରବାଟୀ ଲଢ଼େଇ

# ଭୁବନେଶ୍ୱରରେ ପହଞ୍ଚିଲେ ଭାରତ, ଦକ୍ଷିଣ ଆଫ୍ରିକା ଖେଳାଳି

ଭୁବନେଶ୍ୱର, ୭ ।୧୨ (ସମିସ)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ହୋଇଛି ଦିନିକିଆ ସିରିଜ। ୨-୧ରେ ବିଜୟ ସହ ଟିମ୍ ଇଣ୍ଡିଆ ଏବେ ଟି-୨୦ ସିରିଜ ଖେଳିବାକୁ ଭୁବନେଶ୍ୱରରେ ଆସି ପହଞ୍ଚିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରୁ ଆରମ୍ଭ ହେବ। ଏଥିଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ପର୍ଯ୍ୟାୟକ୍ରମେ ରବିବାର ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ।

ଅପରାହ୍ଣ ୩ଟାରେ ବିଶାଖାପାଟଣାରୁ ବିମାନ ଯୋଗେ ଉଭୟ ଦଳର ଅଧିକାଂଶ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇଥିଲେ। ଏହାପରେ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ବିମାନବନ୍ଦରରୁ ହୋଟେଲ ମେଫେୟାରକୁ ଅଣାଯାଇଥିଲା। ଅପରାହ୍ଣ ୩ଟା ୩୦ରେ ପ୍ରଥମେ ଭାରତୀୟ ଖେଳାଳିଙ୍କ ବସ୍ ଓ ପରେ ଦକ୍ଷିଣ ଆଫ୍ରିକାର ଟିମ୍ ବସ୍ ହୋଟେଲରେ ପ୍ରବେଶ କରିଥିଲା। ଏହାପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତିଲକ ବର୍ମା, କୁଲଦୀପ୍ ଯାଦବ, ୱାଶିଂଟନ ସୁନ୍ଦର, ଅର୍ଶଦୀପ୍ ସିଂହ, ବୋଲିଂ ପ୍ରଶିକ୍ଷକ ମର୍ନେ ମୋର୍କେଲ ପ୍ରମୁଖ ହୋଟେଲ ମଧ୍ୟକୁ ପ୍ରବେଶ କରିଥିଲେ। ପରେ ଦକ୍ଷିଣ ଆଫ୍ରିକା ଖେଳାଳିମାନଙ୍କୁ ହୋଟେଲ ମଧ୍ୟକୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଭ୍ରମଣକାରୀ ଦଳର ଖେଳାଳିଙ୍କ ମଧ୍ୟରେ ଅଧିନାୟକ ଆଇଡେନ ମାର୍କରମଙ୍କ ସହ ତେମ୍ବା ବଭୁମା, ଟୋନି ଡି ଜୋରଜୀ, କୋର୍ବିନ ବୋଷ୍ଟ, ମାର୍କୋ ଜାନସେନ, ଲୁନଗି ଏନଗିଡି, ଡେୱାଲ୍ଡ ବ୍ରେଭିସ ପ୍ରମୁଖ ରହିଥିଲେ। ପ୍ରତ୍ୟେକଥର ଭଳି ଏଥର ମଧ୍ୟ ପାରମ୍ପରିକ ନୃତ୍ୟର ତାଳେ ତାଳେ ଫୁଲ ପକାଇ ଖେଳାଳିଙ୍କୁ ହୋଟେଲରେ ସ୍ୱାଗତ କରାଯାଇଥିଲା। ଓଡ଼ିଶା କ୍ରିକେଟ୍ ଆସୋସିଏସନର ସଭାପତି ପଙ୍କଜଲୋଚନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

### ଆଜି ଅଭ୍ୟାସ

## ଏକାକୀ ଝାଳ ବୁହାଇଲେ ପାଣ୍ଡ୍ୟା

ଭାରତୀୟ ଦଳର ପ୍ରମୁଖ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ବାରବାଟୀରେ ଅଭ୍ୟାସ କରିଛନ୍ତି। ଦିନିକିଆ ସିରିଜ ଖେଳୁ ନ ଥିବା ପାଣ୍ଡ୍ୟା ଶନିବାରଠୁ ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ତେଣୁ ସେ ରବିବାର ସନ୍ଧ୍ୟାରେ ହାର୍ଦ୍ଦିକ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ୧୫-୨୦ ମିନିଟ୍ ଧରି ନେଟ୍ସରେ ପେସ୍ ବୋଲିଂ କରିବା ପରେ ପ୍ୟାଡ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରମାନଙ୍କୁ ଧରି ଦୀର୍ଘସମୟ ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।



## ଦିନରେ ବୁମରା, ସନ୍ଧ୍ୟାରେ ସାମସନ, ରାତିରେ ସୂର୍ଯ୍ୟକୁମାର

ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯାଉଥିବାରୁ ଏଥର ଖେଳାଳିଙ୍କ ଓଡ଼ିଶା ଆଗମନକୁ ନେଇ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ପୂର୍ବଥର ଭଳି ଏଥର ଖେଳାଳିମାନେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦିନିକିଆ ସିରିଜ ଖେଳୁ ନ ଥିବା ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଶୁକ୍ରବାର ରାତିରେ ଆସି ପ୍ରଥମେ ପହଞ୍ଚିଥିଲେ। ଏହାପରେ ଶନିବାର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଆସିଥିଲେ। ସେହିଭଳି ରବିବାର ଏକାଧିକ ପର୍ଯ୍ୟାୟରେ ଖେଳାଳିମାନେ ପହଞ୍ଚଥିଲେ। ଅପରାହ୍ଣରେ ପ୍ରଥମେ ଷ୍ଟାର୍ ବୋଲର ଯଶପ୍ରୀତ ବୁମ୍‌ରା ଆସିଥିଲେ। ଏହାପରେ ସନ୍ଧ୍ୟାରେ ୱିକେଟ୍‌କିପର ସଞ୍ଜୁ ସାମସନ ଓ ରାତିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ଅନ୍ୟ କିଛି ଖେଳାଳି ଭୁବନେଶ୍ୱର ଆସିଥିଲେ। ଦିନିକିଆ ସିରିଜରେ ଏହି ଖେଳାଳିମାନେ ସାମିଲ ନ ଥିବାରୁ ଏମାନେ ଟିମ୍ ସହ ଆସି ନ ଥିଲେ।

### ପ୍ରସ୍ତୁତ ବାରବାଟୀ





### ● ଜୁନିଅର ପୁରୁଷ ହକି ବିଶ୍ୱକପ୍

## ଆର୍ଜେଣ୍ଟିନାକୁ ହରାଇ ଫାଇନାଲରେ ସ୍ପେନ

ଚେନ୍ନଇ, ୭ ।୧୨ (ଏଜେନ୍ସି): ତାମିଲନାଡୁରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ଦଳ ଭାବେ ସ୍ପେନ ଫାଇନାଲରେ ପ୍ରବେଶ କରିଛି। ରବିବାର ସନ୍ଧ୍ୟାରେ ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସ୍ପେନ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସପ୍ତମ ମିନିଟରେ ସ୍ପେନର ମାରିଓ ମେନା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନାର ଜୁଆନ ଫର୍ଣ୍ଣାଣ୍ଡିଜ ଏହି ଗୋଲଟି ଶୁଝିଦେଇଥିଲେ। ଫଳରେ ମ୍ୟାଚ ବରାବର୍‌ସ୍ଥିତିକୁ ଆସିଯାଇଥିଲା। ଏହାପରେ ୩ୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ସ୍ପେନ ଗୋଲ୍ ଦେଇ ବାଜିମାତ୍ କରିବା ସହ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ୍ ଶେଷ ହେବାକୁ ୪ ମିନିଟ୍ ବାକି ରହିଥିବାବେଳେ ଲୌଟାରୋ ମାର୍ଟିନେଜ ଏହି ବିଜୟସୂଚକ ଗୋଲଟି ସ୍ପେନ ପାଇଁ ଦେଇଥିଲେ। ଅପରପକ୍ଷରେ ଘରୋଇ ଭାରତ ଓ ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଜାରି ରହିଛି। ତେବେ ପ୍ରଥମାର୍ଦ୍ଧ ସୁଦ୍ଧା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ୩-୦ ଗୋଲରେ ଅଗ୍ରଣୀ ରହି ଦୃଢ଼ସ୍ଥିତିରେ ରହିଛି।

## ନାମିବ୍ୟା ଦଳର ପରାମର୍ଶଦାତା ହେଲେ କିର୍ଷ୍ଟେନ

ନୂଆଦିଲ୍ଲୀ, ୭ ।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଗ୍ୟାରୀ କିର୍ଷ୍ଟେନଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଗ୍ୟାରୀ ନାମିବ୍ୟା ଦଳର



ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି। ଟି-୨୦ ବିଶ୍ୱକପ୍‌ରେ ନାମିବ୍ୟା ଗ୍ରୁପ୍-ଏ’ରେ ସ୍ଥାନ ପାଇଛି। ଫେବୃଆରୀ ୧୦ରେ ନେଦରଲାଣ୍ଡସ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ୫୮ ବର୍ଷୀୟ ଗ୍ୟାରୀଙ୍କ ପ୍ରଶିକ୍ଷଣରେ ଭାରତ ୨୦୧୧ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଏହି ମହାନ କ୍ରିକେଟର୍ ବର୍ତ୍ତମାନ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର କୋଚିଂ ଷ୍ଟାଫ୍ ଗ୍ରୁପ୍‌ରେ ରହିଛନ୍ତି।

## କିଟ୍‌ରେ ଜାତୀୟ ଭଲିବଲ୍ ପାଇଁ ଚୟନ ଶିବିର



ଭୁବନେଶ୍ୱର,୭ ।୧୨(ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୧୬ରୁ ୨୧ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ୪୯ତମ ଜାତୀୟ ଜୁନିଅର ନ୍ୟାସନାଲ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏସନ (ଓଭିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। କନିଷ୍ଠ ରାଜ୍ୟ ବାଳକ ଓ ବାଳିକା ଭଲିବଲ ଦଳ ଚୟନ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା ଓ ଏଥିରୁ ୨୦ ଜଣ ଲେଖାଏ ବାଳକ ଓ ବାଳିକାଙ୍କୁ ଚୟନ କରାଯାଇଛି। ଏମାନେ କିଟ୍‌ରେ ଆୟୋଜନ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ଓ ଏଥିରୁ ଚୂଡାନ୍ତ ୧୨ ଜଣିଆ ବାଳକ ଓ ବାଳିକା ଦଳ ଚୟନ ହେବ। ଏହି ଦୁଇଟି ଦଳ ଜୁନିଅର ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ।

## ସିମାଞ୍ଚଳମ୍‌ରେ କୋହଲି

ବିଶାଖାପାଟଣା, ୭ ।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ‘ସିରିଜର ଶ୍ରେଷ୍ଠ ଖେଳାଳି’ ପୁରସ୍କାର ଜିତିବା ପରେ ବିରାଟ କୋହଲି ଭଗବାନ ବିଷ୍ଣୁଙ୍କୁ ଆଶୀର୍ବାଦ ନେଇଛନ୍ତି। ବିଶାଖାପାଟଣାରେ ୩ୟ ଦିନିକିଆ ପରେ କୋହଲି ରବିବାର ସ୍ଥାନୀୟ ସିମାଞ୍ଚଳମ ପାହାଡ଼ର ୩୦୦ ମିଟର ଉଚ୍ଚତାରେ ଥିବା ଶ୍ରୀ ବରାହ ଲକ୍ଷ୍ମୀ ନରସୀମା ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ। ଧଳା ଟି-ସାର୍ଟ ପରିଧାନ କରିଥିବା କୋହଲି ହାତରେ ଫୁଲ ମାଳ ଧରି ମନ୍ଦିର ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କ ପ୍ରାର୍ଥନା କରୁଥିବାର ଦେଖିବାକୁ ମିଳିଥିଲା। ଏହି ପର୍ବତକୁ ଭଗବାନ ବିଷ୍ଣୁଙ୍କ ଚତୁର୍ଥ ଅବତାର ‘ଭଗବାନ ନରସିଂହ’ଙ୍କ ବାସସ୍ଥାନ ବୋଲି ବିଶ୍ୱାସ କରାଯାଏ।



## ମନ୍ଧାନା-ପଲାଶଙ୍କ ବିବାହ ଭାଙ୍ଗିଲା

ମୁମ୍ବଇ, ୭ ।୧୨ (ଏଜେନ୍ସି): ଦୀର୍ଘ ୧୫ ଦିନ ଧରି ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଚ୍ଛଲଙ୍କ ମଧ୍ୟରେ ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ଆଉ ହେବନାହିଁ ବୋଲି ସ୍ପଷ୍ଟ ହୋଇଛି। ଉଭୟ ମନ୍ଧାନା ଓ ପଲାଶ ରବିବାର ସାମାଜିକ ଗଣମାଧ୍ୟମରେ ଆନୁଷ୍ଠାନିକ ଭାବେ ବିବାହ ଭାଙ୍ଗିଥିବା ନେଇ ଘୋଷଣା କରିଛନ୍ତି। ନଭେମ୍ବର ୨୩ରେ ମହାରାଷ୍ଟ୍ରର ସାଙ୍ଗଲିରେ ମନ୍ଧାନାଙ୍କ ଘରେ ଏହି ବିବାହ ଅନୁଷ୍ଠିତ ହୋଇଥାନ୍ତା। ମେହେନ୍ଦି ଓ ହଳଦୀ ରୀତିନୀତି ମଧ୍ୟ ସମାପ୍ତ ହୋଇଯାଇଥିଲା। କିନ୍ତୁ ବିବାହ ଦିନ ସ୍ମୃତିଙ୍କ ବାପାଙ୍କ ଦେହ ଖରାପ ହୋଇଥିବା ନେଇ ବିବାହକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏହି ବିବାହ ଏବେ ଭାଙ୍ଗିଥିବା ନେଇ ଉଭୟ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ରବିବାର ପ୍ରଥମେ ମନ୍ଧାନା ଇନଷ୍ଟାଗ୍ରାମରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ ‘ଗତ କିଛିଦିନ ଧରି ମୋ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବିଭିନ୍ନ କଥା ସାମ୍ନାକୁ ଆସିଛି। ମୁଁ ଭାବୁଛି ଏହା ସ୍ପଷ୍ଟ କରିବା ମୋ ପାଇଁ ଉପଯୁକ୍ତ। ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ବିବାହ ବନ୍ଦ ହୋଇଛି। ଉଭୟ ପରିବାରର ଗୋପନୀୟତାକୁ ସମ୍ମାନ ଦେବାକୁ ଲୋକମାନଙ୍କୁ ଅନୁରୋଧ କରୁଛି।’ ମନ୍ଧାନାଙ୍କ ଠିକ୍ ପରେ ପରେ ପଲାଶ ମଧ୍ୟ ଇନଷ୍ଟାଗ୍ରାମରେ ଷ୍ଟୋରୀ ଅପଡେଟ୍ କରି ତାଙ୍କ ବିବାହ ଭାଙ୍ଗିଥିବା କଥା ସ୍ୱୀକାର କରିଥିଲେ। ଏଥିସହ ତାଙ୍କ ବିରୁଦ୍ଧରେ ମିଥ୍ୟା ଓ ମାନହାନୀଜନକ ଗୁଜବ ପ୍ରଚାର କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପଲାଶ କହିଛନ୍ତି। ପ୍ରକାଶଯୋଗ୍ୟ, ଯେ ମନ୍ଧାନାଙ୍କୁ ଚିଟିଂ କରିଥିବା ନେଇ ପଲାଶଙ୍କ ନାମରେ ଏକ ମେସେଜ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା। ଯେଉଁଥିରେ ପଲାଶ ଅନ୍ୟଜଣେ ଯୁବତୀଙ୍କ ସହ ଚାଟ୍ କରୁଥିବାର ଦେଖିବାକୁ ମିଳିଥିଲା।

### ଆସେସ୍ ସିରିଜ: ଇଂଲଣ୍ଡର କ୍ରମାଗତ ପରାଜୟ

# ଗାବା ଟେଷ୍ଟରେ ଅଷ୍ଟ୍ରେଲିଆର ବାଜିମାତ୍

ବ୍ରିସବେନ, ୭ ।୧୨ (ଏଜେନ୍ସି)

ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ଆସେସ୍ ସିରିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଇଂଲଣ୍ଡକୁ ମାତ୍ ଦେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୬୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟକ ଷ୍ଟିଭେନ ସ୍ମିଥ ୨୩ ଓ ଜେକ୍ ୱେଦରାଲ୍ଡ ୧୭ ରନ କରି ଅପରାଜିତ ରହିଥିଲେ। ଓପନର୍ ଟ୍ରାଭିସ ହେଡ୍ ୨୨ ଓ ମାର୍ନସ ଲାବୁଶେନ ୩ ରନ କରି ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଏବେ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟେଷ୍ଟ ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

ପୂର୍ବରୁ ଏହି ଦିବା-ରାତ୍ର ପିଙ୍କ୍ ବଲ୍ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଜୋ ରୁଟ୍ (୧୩୮ ରନ)ଙ୍କ ଶତକ



ବଳରେ ୩୩୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୫ଟି ଅର୍ଦ୍ଧଶତକ ସହାୟତାରେ ପ୍ରଥମ ପାଳିରେ ୫୧୧ ରନର ବିଶାଳ ସ୍କୋର କରିଥିଲା। ଏହାପରେ ୧୧୭ ରନ ପଛରେ ଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୪୧ ରନ କରି ରବିବାର ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ୫୦ ରନର ଲଢୁଆ ପାଳି ଖେଳିଥିଲେ। ବୋଲିଂରେ ମାଇକେଲ୍ ନେସର୍ ୫ଟି ୱିକେଟ୍ ନେଇ ଇଂଲଣ୍ଡର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS